

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୩ ସେପ୍ଟେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 03 SEPTEMBER 2021
Vol.No. 32 ■ No. 225 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମାନବବାଦ ସଂଗଠନ ମୁଖ୍ୟ ମାନସ ଦାସ ଓ ପୁଅ ଗିରଫ



ଭୁବନେଶ୍ୱର,୦୨/୦୯ (ନି.ପ୍ର): ମାନବବାଦ ସଂଗଠନ ମୁଖ୍ୟ ମାନସ ଦାସ ଗିରଫ ହୋଇଛନ୍ତି। ତାଙ୍କୁ ଭୁବନେଶ୍ୱର ସ୍ଥିତ ତାଙ୍କ ଘରୁ ଉଠାଇ ଖୋର୍ଦ୍ଧା ପୋଲିସ ଉଠାଇ ନେଇଛି। ମାନସଙ୍କ ନାଁରେ ହତ୍ୟା ଉଦ୍ୟମ ଓ ଧମକ ଦେବା ଆଦି ବହୁ ସଂଗୀନ ଅଭିଯୋଗ ରହିଛି। ଏଥିସହ ତାଙ୍କ ପୁଅ ମନୋରଂଜନଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କେନ୍ଦ୍ରାଂଚଳ ଆଇଜି ନରସିଂହ ଭୋଳ କହିଛନ୍ତି ଅଗଷ୍ଟ ୩ରେ ସଙ୍ଗଠିତ ହୋଇଥିବା ଏକ ହତ୍ୟା ଘଟଣାର ପ୍ରଚ୍ଛଦ ପଟର ଚେହେରା ହେଉଛନ୍ତି ମାନସ ଦାସ । ହତ୍ୟା ମାମଲାରେ ଘଟଣା ଘଟିବାର ଦିନକ ଭିତରେ ପୁଲିସ ୬ ଜଣଙ୍କୁ ଗିରଫ କରିଥିଲା । ହେଲେ ମାମଲାର ପଛରେ ଥିବା ବ୍ୟକ୍ତିଙ୍କ ନିକଟରେ ପୁଲିସ ପହଂଚି ପାରିନଥିଲା । ଏହାରି ଭିତରେ ଏକ ଭାଇରାଲ ଭିଡିଓରେ ବାପା, ପୁଅଙ୍କୁ ନିସ୍ତୁକ ମାଡ଼ ମାରିବା ମାମଲାରେ ମାନସ ଦାସ ଓ ମନୋରଞ୍ଜନ ଦାସ ପ୍ରଥମ ଥର ପାଇଁ ବିବାଦ ଘେରକୁ ଆସିବା ପରେ ଉଭୟଙ୍କ ବିରୋଧରେ ଅଭିଯୋଗ ଲମ୍ବି ଚାଲିଥିଲା । ହତ୍ୟା ମାମଲାର ଠିକ୍ ମାସେ ପରେ ଗୁରୁଜୀ ବାପା, ପୁଅଙ୍କୁ ପୁଲିସ ଗିରଫ କରିଛି । ପୁଲିସ କହିଛି ହତ୍ୟା ମାମଲାରେ ଜେଲରେ ଥିବା ୩ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପୁଲିସ ଯେତେବେଳେ ଜେରା କରିଥିଲା ସେତେବେଳେ ଏତଲା ବାହାରେ ଆଉ ଦୁଇ ଜଣଙ୍କ ନାଁ ସାମ୍ନାକୁ ଆସିଲା । ପ୍ରତ୍ୟକ୍ଷ ଭାବେ ଅପରାଧ ଘଟୁଥିବା ସ୍ଥାନରେ ଉପସ୍ଥିତ ନଥିଲେ ବି ପରୋକ୍ଷ ଭାବେ ମାନସ ଦାସ ଏହାକୁ ଘଟାଇଥିବା ପୁଲିସ ଜାଣିବାକୁ ପାଇଥିଲା । ଅପରାଧିକ ଷଡ଼ଯନ୍ତ୍ର କରି ତାଙ୍କୁ ମାରିବା, ଶବ ପୋଡିଦେଇ ପ୍ରମାଣ ନଷ୍ଟ କରିବା ଭଳି ଅଭିଯୋଗ ଆସିଥିଲା ମାନସ ଦାସ ନାଁରେ । ଆଉ ଯେତେବେଳେ ପୁଲିସ ଉଭୟ ବାପା, ପୁଅଙ୍କ ବିରୋଧରେ ଆପାତତଃ ପ୍ରମାଣ ପାଇଗଲା, ସେତେବେଳେ ଉଭୟଙ୍କୁ ଗିରଫ କରିଛି ଖୋର୍ଦ୍ଧା ପୁଲିସ। ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ୍ କଡବ ଗାଁରେ ମାଗୁଣୀ ନାୟକ ଓ ତାଙ୍କ ପୁଅଙ୍କୁ କୋଠ ଘର ଭିତରେ ପୂରାଇ ମାଡ଼ ମରାଯାଇଥିଲା। ଯାହାର ଭିଡିଓ ଭାଇରାଲ୍ ହୋଇଥିଲା। ଏହା ପରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ମାଗୁଣୀ ଓ ତାଙ୍କ ପୁଅଙ୍କୁ ପଚରାଉଚରା କରିଥିଲା। ଘଟଣାରେ ମାନସ ଦାସଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗରେ ଦର୍ଶାଯାଇଥିଲା।

## ଆଫଗାନିସ୍ତାନରେ କବଜା ପରେ ଦେଶର ନୂଆ ସରକାର ଗଢିବ ତାଲିବାନ



ନୂଆଦିଲ୍ଲୀ,୦୨/୦୯: ବନ୍ଧୁକ ମୂନରେ ଦୁଇ ସପ୍ତାହ ତଳେ ଆଫଗାନିସ୍ତାନକୁ ଦଖଲ କରିଥିବା ତାଲିବାନ ଆସନ୍ତାକାଲି ବିଧିବଦ୍ଧ ଭାବେ ସରକାର ଗଠନ କରିବ। ଏହାର ଅର୍ଥ ଆସନ୍ତାକାଲି ଠାରୁ ଆଫଗାନରେ ତାଲିବାନୀମାନେ ଲୋକଙ୍କୁ ଶାସନ କରିବା ଆରମ୍ଭ କରିବେ। ଏଥିପାଇଁ ସବୁ ପ୍ରକାରର ପ୍ରସ୍ତୁତି ଶେଷ ହୋଇଛି। କେବଳ ବିଧିବଦ୍ଧ ଘୋଷଣାକୁ ଅପେକ୍ଷା ରହିଛି। ସୂଚନା ଅନୁସାରେ, ଆସନ୍ତାକାଲି ଶୁକ୍ରବାର। ଶୁକ୍ରବାର ନମାଜ ପାଠ ପରେ ତାଲିବାନ ସରକାର ଗଠନ ସମ୍ପର୍କରେ ଘୋଷଣା କରିବ। ଅଗଷ୍ଟ ୧୫ରେ ତାଲିବାନ କାବୁଲ ଦଖଲ କରିବା ସହ ପୂରା ଆଫଗାନକୁ ଏକପ୍ରକାରର ନିଜ ନିୟନ୍ତ୍ରଣକୁ ନେଇଥିଲା। କିନ୍ତୁ ସୋମବାର ମଧ୍ୟରାତ୍ରରେ ଆମେରିକା ସେନା ଆଫଗାନ ଛାଡ଼ିବା ପରେ ତାଲିବାନ ପୂର୍ଣ୍ଣ ସ୍ୱାଧୀନତା ଘୋଷଣା କରିଛି। ସରକାର ଗଠନ ପାଇଁ ତାଲିବାନ ନେତାମାନେ ବିଭିନ୍ନ ସମୟରେ ବୈଠକ କରିଥିଲେ। ଗତକାଲି ସର୍ବସମ୍ମିତିକ୍ରମେ ହେବାତୁଲ୍ଲା ଅଖୁଣ୍ଡଜାଦା ଆଫଗାନରେ ଆରମ୍ଭ ହେବାକୁ ଥିବା ତାଲିବାନୀ ଶାସନର ମୁଖ୍ୟ ଭାବେ କାମ କରିବେ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ତାଲିବାନର ସହ ପ୍ରତିଷ୍ଠାତା ମୁଲ୍ଲା ଅବଦୁଲ ଘନି ବରାଦର ଦୈନନ୍ଦିନ କାର୍ଯ୍ୟର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବେ। ▶▶ପୃଷ୍ଠା ୭

## ବିଜେବି କଲେଜରେ ଦୁଇ ଛାତ୍ର ଗୋଷ୍ଠୀ ମୁହାଁମୁହିଁ

ଭୁବନେଶ୍ୱର,୦୨/୦୯ (ନି.ପ୍ର): ଭୁବନେଶ୍ୱର ବିଜେବି କଲେଜରେ ଦୁଇ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଦୁଇଟି ହଷ୍ଟେଲର ଛାତ୍ରମାନେ ପରସ୍ପରକୁ ପିଟିଛନ୍ତି। ଏହା ସହ ହଷ୍ଟେଲରେ ଭଙ୍ଗାରୁଜା ହୋଇଥିବା ଜଣାଯାଇଛି। ଏଥିରେ ଉଭୟ ହଷ୍ଟେଲର ୧୫ରୁ ଉର୍ଦ୍ଧ୍ୱ ଛାତ୍ର ଆହତ ହୋଇଛନ୍ତି। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।ଘଟଣାସ୍ଥଳରେ ପୋଲିସ୍ ମୁତୟନ କରାଯାଇଛି। ସୂଚନା ଅନୁଯାୟୀ ଗତକାଲି କଲେଜର ଖାରବେଳ ଓ ଆମ୍ବେଦକର ହଷ୍ଟେଲ ଛାତ୍ରଙ୍କ ମଧ୍ୟରେ କୌଣସି ବ୍ୟକ୍ତିଗତ କଥାକୁ ନେଇ ଝଗଡା ହୋଇଥିଲା। ପୋଲିସ୍ ଉପସ୍ଥିତିରେ ଏହାର ସମାଧାନ ହୋଇଥିଲା। ହେଲେ ଆଜି ସକାଳେ ଆମ୍ବେଦକର ହଷ୍ଟେଲର ୫୦ରୁ ଉର୍ଦ୍ଧ୍ୱ ଛାତ୍ର ଖାରବେଳ ହଷ୍ଟେଲକୁ ପଶି ଝରକାକବାଟ ଭଙ୍ଗାରୁଜା କରିବା ସହ ଛାତ୍ରମାନଙ୍କୁ ମାରପିଟ କରିଥିଲେ। ଏହାକୁ ନେଇ ଉତେଜନା ଦେଖାଦେଇଥିଲା।

## ଜେଇଇ ପରୀକ୍ଷାରେ ଅନିୟମିତତା : ୬ଟି ରାଜ୍ୟରେ ସିବିଆଇ ରେଡ୍

ନୂଆଦିଲ୍ଲୀ,୦୨/୦୯: ଦେଶରେ ଚାଲିଥିବା ଜେଇଇ(ମେନ୍ସ) ପ୍ରବେଶିକା ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ଆସିବା ପରେ ଆକ୍ସନ ମୁଡ୍‌ରେ ସିବିଆଇ। ଆଜି ସିବିଆଇର ଏକାଧିକ ଟିମ୍ ଦିଲ୍ଲୀ-ଏନସିଆର, ଇନ୍ଦୋର, ପୁଣେ, ବେଙ୍ଗାଲୁରୁ ଓ ଜାମସେଦପୁ ଭଳି ୬ଟି ରାଜ୍ୟର ୧୯ଟି ସ୍ଥାନରେ ରେଡ୍ କରିଛି। ଦେଶର ବିଭିନ୍ନ ଇଞ୍ଜିନୟରିଂ କଲେଜରେ ନାଁ ଲେଖାଇବା ପାଇଁ ଏହି ପ୍ରବେଶିକା ପରୀକ୍ଷା ହୋଇଥାଏ। ଅନିୟମିତତା ଅଭିଯୋଗ ଆସିବା ପରେ ସିବିଆଇ Affinity Education Private Limited ସମେତ ଏହାର ନିର୍ଦ୍ଦେଶକ ସିଦ୍ଧାର୍ଥ କ୍ରିଷ୍ଣା, ବିଶ୍ୱମ୍ଭର ମଣି ତ୍ରିପାଠୀ ଓ ଗୋବିନ୍ଦ ଭିଙ୍କ ନାଁରେ ମାମଲା ରୁଜୁ କରିଛି। ଏହି ଇନିଷ୍ଟିଚ୍ୟୁସନ ଓ ଏହାର ▶▶ପୃଷ୍ଠା ୭

## ମାହାଙ୍ଗା ଡବଲ ମର୍ଡର ଘଟଣାକୁ ନେଇ ବିଧାନସଭାରେ ବିଜେପିର ହଙ୍ଗାମା



ଭୁବନେଶ୍ୱର,୦୨/୦୯(ନି.ପ୍ର): ପ୍ରଶ୍ନକାଳ ଆରମ୍ଭରୁ ହୋ ହାଲ୍ଲା, ନାରାବାଜି। ମାହାଙ୍ଗା ଡବଲ ମର୍ଡର ଘଟଣାରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ବହିଷ୍କାର ଦାବି କରି ଗୃହ ଭିତରେ ଓ ଗୃହ ବାହାରେ ବ୍ୟାନର ଦେଖାଇ ବିଜେପି ସଦସ୍ୟଙ୍କ ପ୍ରତିବାଦ। ମାମଲାରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ରହିଛି। ଏତଲା ତାଲିକାରେ ୧୩ ନମ୍ବର ମୁଦଲାରେ ମନ୍ତ୍ରୀଙ୍କ ନାଁ ଥିଲେ ବି ତଦନ୍ତ ପରିସରଭୁକ୍ତ କରାଯାଇନି। ଜେଏମଏଫସି ପୁନର୍ବାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜଣେ ଆଇଆଇସି କିପରି ମନ୍ତ୍ରୀଙ୍କ ବିରୁଦ୍ଧରେ ତଦନ୍ତ କରିବେ ଏହା ସନ୍ଦେହ ଜନକ। ମନ୍ତ୍ରୀ ପଦବୀରେ ଥିବାରୁ ତାଙ୍କୁ ବହିଷ୍କାର କରାଯାଉ। ସେପଟେ ବିଜେଡି କହିଛି, ବିଜେପି ସବୁ ଅଧିବେଶନରେ ଦୁଇଟି କ୍ରିମିନାଲ କେସ ଗୃହକୁ ଆଣିଛନ୍ତି। ସେମାନେ ନିଜେ କୋର୍ଟ, ନିଜେ ପକ୍ଷ ,ନିଜେ ବିଚାରପତି ହୋଇଯାଉଛନ୍ତି। କାହାକୁ ଦୋଷୀ ସାବ୍ୟସ୍ତ କରିବେ ନିଜେ ନିଷ୍ପତି ନେଇଯାଉଛନ୍ତି। ମାହାଙ୍ଗା ପ୍ରସଙ୍ଗକୁ ନେଇ ବିଜେପି ତାତିଥିବା ବେଳେ, କଂଗ୍ରେସ କିନ୍ତୁ ମରୁଡିକୁ ମୁଦ୍ଦା କରିଥିଲା । ଗୃହର ମଧ ଭାଗକୁ ଆସି ପ୍ରତିବାଦ କରିଥିଲେ କଂଗ୍ରେସ ସଦସ୍ୟ । ମରୁଡ଼ି ସ୍ଥିତିକୁ ନ ଲୁଚାଇ ଚାଷୀଙ୍କୁ ସରକାର ସହାୟତା ଦିଅନ୍ତୁ ବୋଲି ଦଳ ଦାବି କରିଥିଲା । ହଟ୍ଟଗୋଳ ଭିତରେ ବିଧାନସଭାରେ ୩ଟି ବିଲ ପାରିତ ହୋଇଛି । ଓଡିଶା ବସ୍ତି ବାସିନ୍ଦା ମାନଙ୍କର ଭୂମି ଅଧିକାର ସଂଶୋଧନ ବିଲ । ଏହା ଦ୍ୱାରା ଯେଉଁ ମାନେ ବସ୍ତି ମାନଙ୍କରେ ଦୀର୍ଘ ଦିନ ଧରି ବାସ କରୁଥିବେ ସେମାନଙ୍କୁ ୩୦ ବର୍ଗ ମିଟର ଜାଗା ଯୋଗାଇ ଦେବେ ସରକାର । ଓଡିଶା ଦ୍ରବ୍ୟ ଓ ସେବା କର ସଂଶୋଧନ ବିଲ ପାରିତ ହେବା ସହିତ ଓଡିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱ ବିଦ୍ୟାଳୟ ବିଲ । ଏହା ଦ୍ୱାର ଗୋଟିଏ ଅନୁଷ୍ଠାନ ଅଧିନକୁ ଆସିବ ରାଜ୍ୟର ସମସ୍ତ ମେଡ଼ିକାଲ ଓ ପାରା ମେଡ଼ିକାଲ ଶିକ୍ଷାନୁଷ୍ଠାନ । ଏହି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ହେବା ଦ୍ୱାରା ସ୍ୱାସ୍ଥ୍ୟ କ୍ଷେତ୍ରରେ ଆହୁରି ଅଧିକ ଗବେଷଣା ହୋଇ ପାରିବ ।

## ଓବିସି କୋଟାରୁ ସ୍ୱଚ୍ଛଳ ବର୍ଗଙ୍କୁ ହଟାଇବାକୁ ହେବ କି ନିଷ୍ପତ୍ତି

### ରାଜ୍ୟ ଓବିସି କମିଶନ ଅଧ୍ୟକ୍ଷଙ୍କ ବୟାନ ପରେ ବଢ଼ିଲା ଚର୍ଚ୍ଚା

ଭୁବନେଶ୍ୱର,୦୨/୦୯(ନି.ପ୍ର): ପ୍ରଶ୍ନ ସେତେବେଳେ ଉଠିଛି, ଯେତେବେଳେ ରାଜ୍ୟ ଓବିସି କମିଶନ କହିଛନ୍ତି ଯେ, ପଛୁଆ ବର୍ଗରେ ସାମିଲ ଥାଇ ସ୍ୱଚ୍ଛଳ ହୋଇଥିବା ଜାତିକୁ ଏଥିରୁ ବାଦ ଦେବା ଦରକାର । ଏହା ସହିତ ଶିକ୍ଷାନୁଷ୍ଠାନ ଗୁଡିକରେ ଏସଇବିସି ବର୍ଗଙ୍କୁ ସଂରକ୍ଷଣ ମିଳିବା ଦରକାର । ଓବିସିଙ୍କ ପାଇଁ ଦାବୀ ହେଉଥିବା ୨୭% ସଂରକ୍ଷଣ ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି ଓ କେନ୍ଦ୍ର ଚାହିଁଲେ ଲହା ସମ୍ଭବ ହୋଇପାରିବ । ଓଡିଶା ଗସ୍ତରେ ଆସିଥିବା କେନ୍ଦ୍ର ପଛୁଆ ବର୍ଗ କମିଶନ ସଦସ୍ୟ କୌଶଳେନ୍ଦ୍ର ସିଂହ ପଟେଲଙ୍କ ସହ ଆଲୋଚନା କରିଛନ୍ତି ରାଜ୍ୟ ଓବିସି କମିଶନ । ଏପଟେ କେନ୍ଦ୍ର ପଛୁଆ ବର୍ଗ କମିଶନ ସଦସ୍ୟ କୌଶଳେନ୍ଦ୍ର ସିଂହ ପଟେଲ ବିଭିନ୍ନ ବ୍ୟକ୍ତି ବିଶେଷ ଓ ସଂଗଠନ ସହ ଆଲୋଚନା କରିଛନ୍ତି । ରାଜ୍ୟରେ ପଛୁଆ ବର୍ଗଙ୍କ ସ୍ଥିତି ଓ ସେମାନେ ନିଜର ଅଧୀକାର ପାଉଛନ୍ତି ନା ନାହିଁ, ପ୍ରସଙ୍ଗ ଉପରେ ସମୀକ୍ଷା କରିଥିବା ଜଣାପଡିଛି । ଓବିସି ଓ ଏସଇବିସି ବର୍ଗକୁ ସଂରକ୍ଷଣ ନେଇ ଏବେ ରାଜ୍ୟରେ ରାଜନୀତି ମଧ ଜୋର ଧରିଛି । ହେଲେ ସୁପ୍ରିମକୋର୍ଟ ସଂରକ୍ଷଣର ସୀମା ୫୦ ପ୍ରତିଶତ ଅତିକ୍ରମ କରିବ ନାହିଁ ବୋଲି ପୂର୍ବରୁ ଦେଇଥିବା ରାୟ ଅନେରକ ପ୍ରତିବନ୍ଧକ ବି ଆଣିଥିଲା । ଏହି ସିଲିଂ ହଟାଇବା ସହ ଜାତିଭିତିକ ଜନଗଣନା ପାଇଁ ରାଜ୍ୟ ସରକାର ଦାବି କରି ଆସୁଥିବା ବେଳେ ଆଗାମୀ ପଂଚାୟତ ନିର୍ବାଚନ ବେଳେ ସଂରକ୍ଷଣକୁ କିଭଳି ଲାଗୁ କରାଯାଉଛି ତା ଉପରେ ନଜର ରହିଛି ।

## ଆଇଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୦୨/୦୯ (ନି.ପ୍ର): ରାଜ୍ୟ ସରକାର ଆଇଏଏସ୍ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟପାଳଙ୍କ ସଚିବ ତଥା କମିଶନର ଥିବା ଡ. ପ୍ରମୋଦ କୁମାର ମେହେର୍ଦ୍ଧାଙ୍କୁ କେନ୍ଦ୍ରୀୟ ଡେପୁଟେସନରେ ଯିବା ପାଇଁ ରିଲିଭ୍ କରାଯାଇଛି। ଏହା ସହିତ ସେ ମହିଳା ଓ ଶିଶୁ ବିକାଶ ବିଭାଗର ସଚିବ ତଥା କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ମଧ ତୁଲାଉଥିଲେ। ୧୯୯୭ ବ୍ୟାଚ୍ ଆଇଏଏସ୍ ଡ.ମେହେର୍ଦ୍ଧା କେନ୍ଦ୍ରରେ ଜାତୀୟ ଖାଦ୍ୟ ସୁରକ୍ଷା ମିଶନ (ଏନ୍‌ଏଫ୍‌ଏସ୍‌ଏମ୍)ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଭାବେ ଦାୟିତ୍ୱ ନେବେ। ସେହିପରି ଜଳ ସମ୍ପଦ ସଚିବ ଅନୁ ଗର୍ଗଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ବରିଷ୍ଠ ଆଇଏଏସ୍ ଶାଶ୍ୱତ ମିଶ୍ରଙ୍କୁ ରାଜ୍ୟପାଳଙ୍କ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ବିର୍ତ୍ତମାନ ଉଚ୍ଚଶିକ୍ଷା ବିଭାଗର ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ତା’ସହିତ ତାଙ୍କ ପାଖରେ ଓଏସ୍‌ଏସ୍‌ଏସ୍‌ସିର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଅଛି।

## ପରଲୋକରେ ଅଭିନେତା ସିଦ୍ଧାର୍ଥ ଶୁକ୍ଳା



ନୂଆଦିଲ୍ଲୀ,୦୨/୦୯: ପରଲୋକରେ ଲୋକପ୍ରିୟ ଅଭିନେତା ତଥା ମଡେଲ ସିଦ୍ଧାର୍ଥ ଶୁକ୍ଳା । ହୃଦଘାତ ଯୋଗୁଁ ୪୦ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି । ବିଗବସ୍ ସିଜନ ୧୩ର ବିଜେତା ହୋଇଥିଲେ ସିଦ୍ଧାର୍ଥ । ହୃଦଘାତରେ ଆଜି ତାଙ୍କର ମୃତ୍ୟୁ ହୋଇଛି । ମୁମ୍ବାଇର କୁପର ହସ୍ପିଟାଲରେ ତାଙ୍କର ମୃତ୍ୟୁ ହୋଇଛି । ଟିଭି ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତା ଥିଲେ ସିଦ୍ଧାର୍ଥ । ସିରିୟଲ ବାଲିକା ବଧୁରେ ଆକ୍ଟର ଭାବେ ବେଶ ଲୋକପ୍ରିୟତା ହାସଲ କରିଛନ୍ତି ସେ । ସିଦ୍ଧାର୍ଥଙ୍କ ଅନେକ ପ୍ରଶଂସକ ରହିଛନ୍ତି । ଆଜି ତାଙ୍କର ମୃତ୍ୟୁ ଖବର ଆସିବା ପରେ ଚାରିଆଡେ ଶୋକର ଛାୟା ଖେଳିଯାଇଛି । ଲୋକପ୍ରିୟ ଟେଲି ଅଭିନେତା ଥିଲେ ସିଦ୍ଧାର୍ଥ । ମୁମ୍ବାଇରେ ୧୨ ଡିସେମ୍ବର ୧୯୮୦ରେ ଜନ୍ମ ଗ୍ରହଣ କରିଥିଲେ । ମଡେଲିଂରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ । ୨୦୦୪ରେ ସେ ଟିଭିରେ ଡେବ୍ୟୁ କରିଥିଲେ ।

## ୧୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି



ଭୁବନେଶ୍ୱର,୦୨/୦୯ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଅନେକ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି। ମାଲକାନଗିରି, କୋରାପୁଟ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ନୂଆପଡ଼ା, ନବରଙ୍ଗପୁର,କଳାହାଣ୍ଡି, ଗଜପତି, ଗଞ୍ଜାମ, ପୁରୀ, କନ୍ଧମାଳ, ରାୟଗଡ଼ା ଓ ନୟାଗଡ଼ ଆଦି ଜିଲ୍ଲାରେ ଘଡଘଡି ସହ ବର୍ଷା ହୋଇପାରେ। ଏଥିସହିତ ଓଡ଼ିଶାର କିଛି ସ୍ଥାନରେ ହାଲକା ବର୍ଷା ହେବାର ସମ୍ଭାବନା ବି ରହିଛି। ଏଥିପାଇଁ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲା ଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ସେପ୍ଟେମ୍ବର ୩ରୁ ୪ ତାରିଖ ମଧ୍ୟରେ ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଓ ରାୟଗଡ଼ା ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏଥିସହିତ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ନୟାଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ସମ୍ଭାବନା ରହିଛି ।ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ୧୨ରୁ ୧୫ ପ୍ରତିଶତ ଶିଶୁ ସଂକ୍ରମିତ ହେଉଛନ୍ତି



ଭୁବନେଶ୍ୱର,୦୨/୦୯ (ନି.ପ୍ର): କେରଳରେ ସଂକ୍ରମଣ ବଢୁଛି। ତା ତୁଳନାରେ ଅନ୍ୟ ରାଜ୍ୟରେ ସଂକ୍ରମଣର ପ୍ରଭାବ କମ୍ ରହିଛି ବୋଲି ଡିଏମଇଟି ସିବିକେ ମହାନ୍ତି କହିଛନ୍ତି। ସେ କହିଛନ୍ତି ଆମ ରାଜ୍ୟରେ ପ୍ରଥମ ଲହରରେ ୧୨ ପ୍ରତିଶତ, ଦ୍ୱିତୀୟ ଲହରରେ ବି ୧୨ ପ୍ରତିଶତ ଶିଶୁ ସଂକ୍ରମିତ ହୋଇଛନ୍ତି। ବର୍ତମାନ ସମୟରେ ୧୨ରୁ ୧୫ ପ୍ରତିଶତ ଶିଶୁ ସଂକ୍ରମିତ ହେଉଛନ୍ତି। ଶିଶୁମାନେ କମ୍ ସୁରକ୍ଷିତ। ଅନ୍ୟ ବୟସର ଲୋକ ଟିକା ନେଇ ସାରିଥିବାରୁ ସେମାନଙ୍କ ଦେହରେ ଆଂଟିବଡି ସୃଷ୍ଟି ହୋଇସାରିଛି । ସେହି ତୁଳନାରେ ଶିଶୁମାନଙ୍କ ପ୍ରତି ଅଧିକ ଭୟ ରହିଛି। ଗୋଟିଏ ଶିଶୁ ସଂକ୍ରମିତ ହେଲେ ବି ଏହା ଗୁରୁତ୍ୱପୂର୍ଣ୍ଣ। ଏହା ଆମ ପାଇଁ ଚିନ୍ତାଜନକ। ଶିଶୁଙ୍କ ସୁରକ୍ଷା ଲାଗି ଅଭିଭାବକ ଓ ସରକାରଙ୍କ ଦାୟିତ୍ୱ ରହିଛି। ସ୍କୁଲକୁ ଯାଉଥିବା ପିଲାମାନଙ୍କ ଦାୟିତ୍ୱ ଶିକ୍ଷକଙ୍କ ହାତରେ ରହିଛି ।ଶିଶୁଙ୍କୁ ସୁରକ୍ଷାମୂଳକ ବାତାବରଣ ଯୋଗାଇଦେବ ଆବଶ୍ୟକ। ବର୍ତମାନ ସ୍ଥିତିରେ ଭୁତାଣୁର ଉତ୍ସକୁ ନିୟନ୍ତ୍ରଣ ରଖିବାକୁ ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି।

## ରାଜ୍ୟରେ ସରିଲା ପୁରୁଣା କୋଭିଡ୍ ମୃତ୍ୟୁର ହିସାବ

ଭୁବନେଶ୍ୱର,୦୨/୦୯(ନି.ପ୍ର): ରାଜ୍ୟରେ ସରିଲା ପୁରୁଣା କୋଭିଡ୍ ମୃତ୍ୟୁର ହିସାବ । ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇ କହିଛନ୍ତି, ପୁରୁଣା ମୃତ୍ୟୁର ହିସାବ ଶେଷ ହୋଇଛି । ଏବେ ଯେଉଁ ମୃତ୍ୟୁ ସଂଖ୍ୟା ଆସିବ ତାହା ପ୍ରକାଶ କରାଯିବ । ଗତ ୨୪ ଘଂଟାରେ ୬ ଜଣ ଆକ୍ରାନ୍ତଙ୍କ କରୋନାରେ ମୃତ୍ୟୁ ହୋଇଛି । ଖୋର୍ଦ୍ଧାରୁ ୪, ଯାଜପୁର ଓ କଟକରୁ ଜଣେ ଲେଖାଏଁ ଆକ୍ରାନ୍ତଙ୍କ ଜୀବନ ଯାଇଛି । ଜୁଲାଇ ମାସର ପ୍ରଥମ ସପ୍ତାହରେ ରାଜ୍ୟ ସରକାର ବଳକା କୋଭିଡ ମୃତ୍ୟୁର ଘୋଷଣା ଆରମ୍ଭ ହୋଇଥିଲା । ଦୈନିକ ୩୦ରୁ ୪୦ ଭିତରେ ସୀମିତ ରହୁଥିବା କୋଭିଡ୍ ମୃତ୍ୟୁ ସଂଖ୍ୟା ହଠାତ୍ ୬୦ ପାର କରିଥିଲା । ଜୁଲାଇ ମାସରେ ୬୬ ହଜାର ୯୬୭ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୧୨୬୪ ଜଣଙ୍କ ମୃତ୍ୟୁ ହୋଇଥିଲା । ସେହିପରି ଅଗଷ୍ଟ ମାସରେ ୨୮ ହଜାର ୭୩୨ ଆକ୍ରାନ୍ତ ହୋଇଥିଲେ । ୨ ହଜାର ଆକ୍ରାନ୍ତଙ୍କ କରୋନାରେ ମୃତ୍ୟୁ ହୋଇଥିଲା । ରାଜ୍ୟରେ ଏବେ କୋଭିଡ୍ ୮ ହଜାର ୨୮କୁ ବୃଦ୍ଧି ପାଇଛି । ସେପଟେ ରାଜ୍ୟରେ ପୁଣି ୧୦୮ ପିଲାଙ୍କୁ କରୋନା । ଗତ ୨୪ ଘଂଟା ଭିତରେ ୭୫୪ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୪୩୮ ଜଣ ସଂଗରୋଧରୁ ଚିହ୍ନଟ ହୋଇଥିବା ବେଳେ ୩୧୬ ଜଣ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ସର୍ବାଧିକ ୨୬୧, କଟକରୁ ୧୧୦, ବାଲେଶ୍ୱରରୁ ୪୩, ମୟୂରଭଂଜରୁ ୨୩ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ୨୪ଘଂଟା ଭିତରେ ୬୬ହଜାର ୬୮୮ ନମୂନା ପରୀକ୍ଷା ହୋଇଛି । ପଜିଟିଭ ହାର ରହିଛି ୧ ଦଶମିକ ୧୩ ପ୍ରତିଶତ । ତେବେ ଆଜିର ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୯ ହଜାର ୨୨୩କୁ ବୃଦ୍ଧି ପାଇଛି । ଏମାନଙ୍କ ମଧ୍ୟରୁ ୯ଲକ୍ଷ ୯୩ ହଜାର ୯୦୧ ଜଣ ସୁସ୍ଥ ହୋଇଛନ୍ତି । ଏବେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୭ହଜାର ୨୪୧ ରହିଛି ।

# ବିଜେପି ନଗର ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ

## ପୌର ନିର୍ବାଚନ ପାଇଁ ସଙ୍ଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ

ବାଲେଶ୍ୱର,୨/୯ (ନି.ପ୍ର): ବିଜେପି ବାଲେଶ୍ୱର ନଗର ମଣ୍ଡଳ କମିଟି କାର୍ଯ୍ୟକାରିଣୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନଗର ସଭାପତି ଚନ୍ଦ୍ରଞ୍ଜନ ପଣ୍ଡାଙ୍କ ପୌରହିତ୍ୱରେ ଆୟୋଜିତ ଏହି ବୈଠକରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଜିଲା ସଭାପତି ଉମାକାନ୍ତ ମାହାପାତ୍ର, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ପର୍ଶୁରାମ ବେହେରା ଓ ସଦସ୍ୟା ଶୋଭନା ମହାନ୍ତି, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ପ୍ରମୁଖ ଯୋଗଦେଇ ନଗରମଣ୍ଡଳର କାର୍ଯ୍ୟକର୍ତ୍ତାଙ୍କୁ ଦଳୀୟ ସାଙ୍ଗଠନିକ ଦୃଢ଼ତା ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ । କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ବୁଥସ୍ତରୀୟ କମିଟି କର୍ମକର୍ତ୍ତାଙ୍କଠାରୁ ଆରମ୍ଭ କରି ଜିଲାସ୍ତରୀୟ ନେତୃବୃନ୍ଦ ଏହି ଅଭିଯାନ ସାମିଲ ପାଇଁ ସେମାନେ ପରାମର୍ଶ ଦେଇଥିଲେ। ଆଗାମୀ ପୌର ନିର୍ବାଚନରେ ରାଜ୍ୟ ସରକାରଙ୍କ ଦୀର୍ଘ ୨୧ବର୍ଷର କୁଶାସନ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ସାଂସଦ ସମସ୍ତଙ୍କୁ କହିଥିଲେ। ନଗର ଓବିସି ମୋର୍ଚ୍ଚା ସଭାପତି ସର୍ବେଶ୍ୱର ପାତ୍ର ବାଲେଶ୍ୱର ସହରରେ ପାନୀୟ ଜଳ ସମସ୍ୟା, ପରିମଳ ବ୍ୟବସ୍ଥା, ଜଳ ନିଷ୍କାସନ, ଆଇନ ଶୃଙ୍ଖଳା ଓ ଗମନାଗମନ ସମ୍ପର୍କରେ ରାଜନୈତିକ ଚିଠା




ପ୍ରସ୍ତାବ ଆଗତ କରିଥିଲେ । ପ୍ରାରମ୍ଭରେ ଦିବଂଗତ ଯୁବମୋର୍ଚ୍ଚା ଜିଲା ପ୍ରଭାରୀ ରଞ୍ଜିତ ପ୍ରଧାନ, ବେଣୁ ମାଧବ ପଣ୍ଡା, ସାବିତ୍ରୀ ପଣ୍ଡା, ସୁଜାତା ରାଣୀ ଦାସ ଓ ଶୁଭମ ପଣ୍ଡାଙ୍କ ଆତ୍ମାର ସଦ୍ଗତି ନିମନ୍ତେ ନିରବ ପ୍ରାର୍ଥନା ଓ ଶାନ୍ତି ପାଠ କରାଯାଇଥିଲା । ଏହି ଅବସରରେ ଦଳର ବୟୋଜ୍ୟେଷ୍ଠ ନେତା କଲ୍ୟାଣ ରାୟ ମହାଶୟ, ମିହିର ବାରିକ, ସୀତା ମୁର୍ମୁ, ନାରାୟଣ ଦତ୍ତ, ଭଗବାନ ଗୁପ୍ତାଙ୍କ ସମେତ ସମାଜ ସେବୀ ଅଞ୍ଜୁ ସରାଓଗିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ସଭାପତି ଲମ୍ବୋଦର ନାୟକ, ଜିଲା ଉପ-ସଭାପତି କମଳ ଲୋଚନ ଦାସ, ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ସମ୍ପାଦକ ବିଭୂପଦ ଦାସ, ସମ୍ପାଦିକା ପିଙ୍କି ପ୍ରଧାନ, ମହିଳା ମୋର୍ଚ୍ଚା ନଗର ସଭାନେତ୍ରୀ ସୁସ୍ମିତା ପଣ୍ଡା, ଜିଲା ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର ପ୍ରମୁଖ ଏହି ବୈଠକରେ ମଞ୍ଚାସୀନ ଥିଲେ। ବାଲେଶ୍ୱର ନଗରମଣ୍ଡଳର ୩୧ଗୋଟି ୱାର୍ଡ଼ର କର୍ମକର୍ତ୍ତା ଏହି ବୈଠକରେ ଯୋଗ ଦେଇଥିଲେ। ପଙ୍କଜ ମହାନ୍ତି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବନ ବିଭାଗର ଚଢ଼ଉ: ବଜ୍ରକାପ୍ତା ଉଦ୍ଧାର, ୪ ଗିରଫ

କନ୍ଧମାଳ,୨/୯ (ନି.ପ୍ର): ବେଆଇନ ବଜ୍ରକାପ୍ତା ଚୋରା ଚାଲାଣ ନେଇ କନ୍ଧମାଳ ଜିଲ୍ଲା ବାଲିଗୁଡା ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି । ବୁଧବାର ଏକ ଜୀବନ୍ତ ବଜ୍ରକାପ୍ତାକୁ ଉଦ୍ଧାର କରିବା ସହ ଘଟଣାରେ ଚାରି ଜଣଙ୍କୁ ଗିରଫ କରିଛି ବନ ବିଭାଗର ମିଳିତ ଟିମ୍ । ଚୋରା ଚାଲାଣ ପାଇଁ ସଜବାଜ ସମୟରେ ଗ୍ରାହକ ବେଶରେ ମାଡି ବସିଲା ବନ ବିଭାଗର ଦଶ ଜଣିଆ ଟିମ୍ । ବାଲିଗୁଡା ବନଖଣ୍ଡର ଡ଼ିଏଫଓ ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶ ଅନୁଯାୟୀ, ଦୁଇ ଜଣ ଏ.ସି.ଏଫଙ୍କ ନେତୃତ୍ୱରେ ଏକ ଦଶ ଜଣିଆ ଟିମ୍ ବାଲିଗୁଡା ରେଞ୍ଜ ମିଡ଼ିଆକିଆ ଗାଁରେ ପହଂଚିଥିଲେ । ଗ୍ରାହକ ଭାବେ ବଜ୍ରକାପ୍ତାର ଡ଼ିଲ୍ କରିବା ବାହାନାରେ ଚଢ଼ଉ କରିଥିଲେ। ଏହି ଘଟଣାରେ କୋଟଗଡ଼ ଥାନା ପାରିଗଡ଼ ଗାଁର ଭୀମସେନ ବଡ଼ସେଟ, ଟିକାବାଲିର ସୀତାଂଶୁ ମୁଖୀ, ମହାଶିଙ୍ଘ ଗ୍ରାମର ମହାଦେବ ବେହେରଦଳାଇ, ଜଙ୍ଗୁଗାଁର ଶୁକଦେବ ଦିଗାଲ ମୋଟ ଚାରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । କନ୍ଧମାଳ ଜିଲ୍ଲାରେ ବଜ୍ରକାପ୍ତା ରାକେଟ ସକ୍ରିୟ ହୋଇଥିବା ନେଇ ବନ ବିଭାଗ ସନ୍ଦେହ କରୁଛି ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସରୋଜ କୁମାର ପରାଭୋଇଙ୍କୁ ସାମିଲ ପାଇଁ ନିବେଦନ

ନୂଆପଡ଼ା,୨/୯ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଚିନ୍ଦାଗୁଡା ଗ୍ରାମପଚାଂୟତ ଅନ୍ତର୍ଗତ ଖଇରପଦର ଗ୍ରାମରେ ରହନ୍ତି ସରୋଜ କୁମାର ପରାଭୋଇ । ସେ ଜଣେ ଅତି ଗରିବ ଶ୍ରେଣୀର । ପରିଶ୍ରମ କରି ନିଜ ପରିବାର କଷ୍ଟେ ମଷ୍ଟେ ଚଳାଉଛନ୍ତି । ଘର ଖଣ୍ଡେ ତିଆରି କରିବାକୁ ସାମର୍ଥ୍ୟ ନାହିଁ । ବାଧ ହୋଇ ଦୀର୍ଘ ବର୍ଷରୁ ଏକ ଭଙ୍ଗା ଦଦରା ମାଟି ଘରେ ରହିବାକୁ ପଡୁଛି । ପୁଣି ଏହି ମାଟି ଘର ବର୍ତ୍ତମାନ ଦୟନୀୟ ଅବସ୍ଥାରେ ଅଛି । ବର୍ଷା ହେଲେ ପାଣି ଗଳୁଛି । ସେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡେ ପାଇଁ ଦେବା ପାଇଁ ନେହୁରା ହେଉଛନ୍ତି ।

# କୃଷି ଆଇନ ପ୍ରତ୍ୟାହାର ଦାବିରେ ସ୍ମାରକପତ୍ର



ବାଲେଶ୍ୱର,୨/୯ (ନି.ପ୍ର): କୃଷକଙ୍କ ଅଧିକାର ବିରୋଧରେ ଯାଉଥିବା କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ ପ୍ରତ୍ୟାହାର ଦାବିରେ ଅଖିଳ ଭାରତ କୃଷକ ସଭା ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ସଂଗଠନର ସଭାପତି କୈଳାସ ଚନ୍ଦ୍ର ପରିଡ଼ା, ନିରଂଜନ ପରିଡ଼ା, ଯତୀନ ପାତ୍ର, ସନ୍ତୋଷ କୁମାର ବିଶ୍ୱାଳ, ଦେବେନ୍ଦ୍ର ନାଥ ଜେନା ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନର ବିଭିନ୍ନ କଳାଦିଗ ଉପରେ ସମାଲୋଚନା କରିଥିଲେ। କୃଷକଙ୍କ ଅଧିକାରକୁ ସଙ୍କୁଚିତ ସହ ଶିଳ୍ପପତିଙ୍କ ହାତରେ ସେମାନଙ୍କ ଭାଗ୍ୟକୁ ଲଦିଦେବା ପାଇଁ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ର ପ୍ରତି ବିପଦ ହୋଇଛି ବୋଲି ବକ୍ତାମାନେ କହିଥିଲେ। ତୁରନ୍ତ ଏହି ଆଇନକୁ ପ୍ରତ୍ୟାହାର ସହ ଗଣତନ୍ତ୍ରକୁ ବଞ୍ଚାଇବାକୁ ନିବେଦନ କରି ଅଖିଳ ଭାରତ କୃଷକ ସଭା ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବାଲେଶ୍ୱର ଜିଲାପାଳଙ୍କୁ ପ୍ରଦାନ ପ୍ରଦାନ କରାଯାଇଛି।

# ଭଦ୍ରକ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ

ଭଦ୍ରକ,୧।୯: ଭଦ୍ରକ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ ତଥା କାର୍ଯ୍ୟକାରିଣୀର ଏକ ଜରୁରୀ ବୈଠକ ଆଜି କଲେଜ ପରିସରରେ ଥିବା ସ୍ଥାୟୀ କାର୍ଯ୍ୟାଳୟରେ ପୁରାତନ ଛାତ୍ର ସଂସଦର ସଭାପତି ଦେବେନ୍ଦ୍ରେ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ କଲେଜ ପରିସରରେ ଅଧ୍ୟକ୍ଷଙ୍କ ପାଇଁ ଏକ ବାସଗୃହ, କଲେଜର ନୂତନ ଗେଟ, କଲେଜକୁ ବିଶ୍ୱିଦ୍ୟାଳୟ ମାନ୍ୟତା ଦବା ପାଇଁ ଆସୁଥିବା 'ନାକ୍' ଟିମ୍ର ପରିଦର୍ଶନ ପୂର୍ବରୁ ସମାପ୍ତ କରିବା ପାଇଁ ପ୍ରଶାସନିକ ଅଧିକାରୀ ସ୍ତରରେ ଶେଷ କରିବା ପାଇଁ ନିଷ୍ପତି ହୋଇଥିଲା। ସେହିପରି ପୂର୍ବ ବୈଠକରେ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକଙ୍କୁ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ କରାଯାଇଥିବାରୁ ବିଧାୟକଙ୍କ ଅନୁରୋଧ କ୍ରମେ ଆସନ୍ତା ୫ ତାରିଖ ଅପରାହ୍ଣ ୪ଟା ବେଳେ ଏକ ଖୋଲା ପ୍ରସ୍ତୁତି ବୈଠକ ଆହ୍ୱାନ କରାଯାଇଛି। ଏହି ଐତିହ୍ୟ ସମ୍ପନ୍ନ କଲେଜର ହୀରକ ଜୟନ୍ତୀ ଧୂମ୍‌ଧାମ୍‌ରେ ପାଳନ ପାଇଁ କଲେଜର ସମସ୍ତ ପୁରାତନ ଛାତ୍ରଛାତ୍ରୀମାନେ ଯୋଗ ଦେଇ ସେମାନଙ୍କର ମତାମତ ଦେବା ପାଇଁ ପୁରାତନ ଛାତ୍ର ସଂସଦର ସମ୍ପାଦକ ଅଜୟ ନାୟକ ଅନୁରୋଧ କରିଛନ୍ତି। ଏହି ବୈଠକରେ ଯୋଗ ଦେବା ପାଇଁ ସମସ୍ତ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ବ୍ୟକ୍ତିଗତ ଭାବେ ଯଥାସାଦ୍ଧ ପ୍ରଚେଷ୍ଟା କରାଯାଇଛି। ଯଦି କୌଣସି ପୁରାତନ



ଛାତ୍ରଛାତ୍ରଙ୍କ ସହ ଯୋଗାଯୋଗ ହୋଇ ନ ପାରିଲା, ସେମାନେ ଉକ୍ତ ବୈଠକରେ ଯୋଗ ଦେଇ ମତାମତ ରଖିବା ପାଇଁ ମଧ ଅନୁରୋଧ କରାଯାଇଛି। ପୁରାତନ ଛାତ୍ର ସଂସଦର ଯୁଗ୍ମ ସମ୍ପାଦକ ଅମରେନ୍ଦ୍ର ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଅଧିବକ୍ତା ନିତ୍ୟାନନ୍ଦ ଦାସ, ଡା. ଦୁର୍ଯ୍ୟୋଧନ ଦାସ, ଅଧିବକ୍ତା ସରୋଜ ତପନ ଦାସ, ପର୍ଶୁରାମ ଦ୍ୱିବେଦୀ, ଗଦାଧର ବଳ, ପଙ୍କଜ ବଳ, ରୂପକ ବିହାରୀ ରାୟ, ସୌରେଶ ମହାନ୍ତି, ଗୋବର୍ଦ୍ଧନ ସାମଲ, ସମୀରକାନ୍ତ ଦାସ, ଗୋକୁଳାନନ୍ଦ ମହାନ୍ତି, ବସନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଚାରୁଲତା ମହାପାତ୍ର ଧନ୍ୟବାଦ ଅର୍ପଣ କରିବା ପରେ ବୈଠକର ସମାପ୍ତି ହୋଇଥିଲା।

# ଗାଁ ସାଥୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ଦାବିପତ୍ର ପ୍ରଦାନ

ମାଲକାନଗିରି,୨/୯ (ନି.ପ୍ର): ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ମାଲକାନଗିରି ଜିଲ୍ଲା ଶାଖା ତରଫରୁ ୫ ଦଫା ସମ୍ବଳିତ ଦାବି ପତ୍ର ଆଜି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ୧୩ ବର୍ଷ ହେଲା ମନରେଗା ଯୋଜନାରେ ଗାଁ ସାଥୀ ମାନେ କାର୍ଯ୍ୟରତ ଅଛନ୍ତି । ସେମାନଙ୍କର ପ୍ରମୁଖ ଦାବି ଗୁଡିକ ହେଲା, ୩ଟି ସରକାରୀ ଚିଠାକୁ ପ୍ରତ୍ୟାହାର, ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗର ଚିଠି ନଂ ୧୨୧୪୦/୨୧.୦୭.୨୦୨୧, ସେହି ବିଭାଗର ଚିଠି ନଂ ୧୩୪୨୩/୧୭.୦୮.୨୦୨୧, ରାଜ୍ୟ ମିଶନ ଶକ୍ତି ବିଭାଗର ଚିଠି ନଂ ୩୫୨/୧୯.୦୮ ୨୦୨୧ ତୁରନ୍ତ ପ୍ରତ୍ୟାହାର ପାଇଁ ଦାବି କରାଯାଇଛି । ଏହା ବ୍ୟତୀତ ମାସକୁ ସର୍ବନିମ୍ନ ୧୦ ଦିନର ନିଶ୍ଚିତ କାର୍ଯ୍ୟ । ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଚିଠି ନଂ:୯୪୦/୧୧.୦୧.୨୦୧୯ ଓ ଏହାର ଏକାଧିକ ଚିଠି ବିନିମୟ ଅନୁସାରେ ମାସକୁ ସର୍ବନିମ୍ନ ୧୦ ଦିନ ଓ ବର୍ଷକୁ ଅତି ବେଶିରେ ୧୦୦ ଦିନର ନିଶ୍ଚିତ କାର୍ଯ୍ୟ, ଉଚିତ ପ୍ରାପ୍ୟ ସହିତ ପ୍ରଦାନ ଲାଗି ସଂଘ ଦାବି କରିଛି । ଗାଁ ସାଥିମାନଙ୍କ ପାଇଁ ହୋଇଥିବା ପ୍ରଥମ ଚିଠି ନଂ:୪୩୨୪/୩୦.୦୧.୨୦୦୮ ର ୨ୟ ପୃଷ୍ଠାରେ ୨ୟ ପାରାଗ୍ରାଫରେ ରାଜ୍ୟ ପଞ୍ଚାୟତରାଜ ବିଭାଗର ସ୍ୱୀକାରୋକ୍ତି ଅନୁସାରେ ଗ୍ରାମୀଣ ବିକାଶର ଅନ୍ୟାନ୍ୟ ଯୋଜନାରେ ଯଥାର୍ଥ ପ୍ରୋତ୍ସାହନ ସହିତ କାର୍ଯ୍ୟ ଦେଇ ମାସକୁ ସର୍ବନିମ୍ନ ୧୦ଟି ଅର୍ଦ୍ଧ କୁଶଳୀ ଶ୍ରମିକର ମଜୁରୀ ହାରରେ ପ୍ରାପ୍ୟ ପ୍ରଦାନ ଲାଗି ବ୍ୟବସ୍ଥା କରିବା ପାଇଁ ସଂଘ ଦାବି କରିଛି । ଗାଁ ସାଥିଙ୍କ ପାଇଁ ୨୦ ହଜାରରୁ ଉର୍ଦ୍ଧ୍ୱ କୋଭିଡ ରାଶି ପ୍ରଦାନ ଲାଗି ଦାବି ହୋଇଛି । ୨୦୨୦ ମାର୍ଚ୍ଚରେ ଆସିଲା କରୋନା ମହାମାରୀ ଏବଂ ଭାଙ୍ଗି ପଡିଲା ଆର୍ଥିକ ମେରୁଦଣ୍ଡ, ଏଣୁ ଓଡିଶାର ସମସ୍ତ ଗାଁ ସାଥିମାନଙ୍କୁ ସର୍ବନିମ୍ନ ୨୦ ହଜାରରୁ ଅଧିକ କୋଭିଡ ସହାୟତା ପ୍ରଦାନ ଲାଗି ସଂଘ ଦାବି ଉପସ୍ଥାପନ କରିଛି ।

# ଫେସବୁକ୍‌ରୁ ପ୍ରେମ ପରେ ଯୁବତୀଙ୍କୁ ପ୍ରତାରଣା : ଅଭିଯୁକ୍ତ କୋର୍ଟଚାଲାଣ

ଧାମନଗର ,୨/୯ (ନି.ପ୍ର): ବର୍ତ୍ତମାନ ଯୁବକ ଯୁବତୀମାନେ ମୋବାଇଲ୍, ଫେସବୁକ୍, ୱାର୍ଡ଼ସପ୍ ବ୍ୟବହାର କରି ନିମ୍ନସ୍ତରକୁ ଗ୍ଲାଲି ଯାଉଛନ୍ତି। ଯାହାଫଳରେ ଯୁବ ପିଢ଼ିମାନେ ମୋବାଇଲ୍ ମାନିଆରେ ପଡ଼ିଯାଇଛନ୍ତି। ଏପରିକି ଫେସବୁକ୍ ଚଳାଇ ଯୁବକ ଯୁବତୀମାନେ ପ୍ରେମ ବିଭାହ କରୁଛନ୍ତି। ପରେ ପ୍ରତାରଣାର ସୀକାର ମଧ ହେଉଛନ୍ତି। ଏପରିଏକ ଘଟଣା ଘଟିଛି ଧାମନଗର ବ୍ଲକ ବାଘୁଆରି ଗ୍ରାମରେ। ଘଟଣାରୁ ପ୍ରକାଶଯେ ବାଘୁଆରି ଗ୍ରାମର ଜୈନିକା ୧୯ବର୍ଷର ଯୁବତୀ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅଂଚଳ ଅଡ଼ା(ବେଗୁନିଆ) ଗ୍ରାମର ଅଞ୍ଜନ ଦାସ(୨୨) ପିତା ବାବୁ ଦାସ ଙ୍କୁ ଫେସବୁକ୍‌ରେ ୨ବର୍ଷ ତଳୁ ବନ୍ଧୁତ୍ୱ ସ୍ଥାପନ ପରେ ଫେସବୁକ୍ ଓ ୱାର୍ଡ଼ସର୍ପରେ ଗ୍ଲଟିଂ ପରେ ସେମାନଙ୍କର ପ୍ରେମ ନିବିଡ଼ ହୋଇଥିଲା ଏପରିକି ଫୋନ୍‌ରେ କଥାବାର୍ତ୍ତା ହୋଇ ବିବାହ ପାଇଁ ପ୍ରେମୀକ ଅଞ୍ଜନ ପ୍ରସ୍ତାବ ଦେଇଥିଲେ। ଏପରିକି ବିବାହର ପ୍ରତିଶୃତି ଦେଇ ଜୈନିକା ଯୁବତୀକୁ ଚିଙ୍ଗୁଡ଼ି ଫେକ୍ଟ୍ରିରେ କାମକରାଇଦେବ ବୋଲି କହି ତାଙ୍କ ମନରେ ବିଶ୍ୱାସ ଜମାଇ ବାରମ୍ବାର ଶାରିରୀକ ସମ୍ପର୍କ ରଖିଥିଲେ ଏବଂ ଗତମାସ ୨୪/୦୮/୨୦୨୧ତାରିଖରେ ଅଞ୍ଜନ ଜୈନିକ ଯୁବତୀକୁ ଏକ ମନ୍ଦିରରେ ବିବାହକରି ପ୍ରାୟ ୬ଦିନ ତାଙ୍କ ଘରେ ରଖିଥିଲେ। ପରେ ଅଞ୍ଜନଙ୍କ ଘରଲୋକ ବିରୋଧ କରିବାରୁ ଗତକାଲି ରାତିରେ ଏକ ମୋଟର ସାଇକେଲରେ ଘରକୁ ବୁଲିବାକୁ ଯିବାପାଇଁ କହି ଧାମନଗର-ଫଳପୁର ରାସ୍ତାର ଜାହାଙ୍ଗିର ଠାରେ ମୋଟର ସାଇକେଲରୁ ଓହ୍ଲାଇଦେଇ କୌଶଳ କରି ପ୍ରେମୀକ ଅଞ୍ଜନ ପଳାଇଯାଉଥିବାବେଳେ ଯୁବତୀ ଜଣକ ତାଙ୍କ ମୋଟର ସାଇକେଲକୁ ଟାଣି ଚିତ୍କାର କରିଥିଲେ। ଏହି ସମୟରେ ଜାହାଙ୍ଗିର ଅଂଚଳର କିଛି ଯୁବକ ମୋଟର ସାଇକେଲ ସହ ପାଳାଉଥିବା ଯୁବକଙ୍କୁ ମଧ ଅଟାକାଇ ଯୁବତୀଙ୍କ ପରିବାର ଓ ଥାନାକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପୋଲିସ ପହଂଚି ମୋଟର ସାଇକେଲ ସମେତ ଯବକଙ୍କୁ ଆଣି ଥାନାରେ ଅଟକ ରଖି ପଚରାଉଚୁରା କରୁଛି।

# ଖଡ଼ିଆଳରେ ସ୍ଥାୟୀ ବସଷ୍ଟାଣ୍ଡ କେବେ ?

ନୂଆପଡ଼ା,୨/୯ (ନି.ପ୍ର): ନୂଆପଡ଼ା ଜିଲ୍ଲାର ପ୍ରମୁଖ ସହର ହେଉଛି ଖଡ଼ିଆଳ । ହେଲେ ଏଠାରେ ସ୍ଥାୟୀ ବସଷ୍ଟାଣ୍ଡ ନ ଥିବାରୁ ସାଧାରଣ ଯାତ୍ରୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି । ଅନ୍ୟ ପକ୍ଷରେ ଦୀର୍ଘ ବର୍ଷର ବସଷ୍ଟାଣ୍ଡକୁ ସ୍ଥାନାନ୍ତର ଯୋଗୁଁ ଯାତ୍ରୀ ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ୧୯୯୩ ମସିହାରେ ନୂଆପଡ଼ା ଏକ ସ୍ୱତନ୍ତ୍ର ଜିଲ୍ଲା ହୋଇଥିବା ବେଳେ ତତ୍କାଳୀନ ଉପ ଜିଲ୍ଲାପାଳ ସରୋଜ କୁମାର ଝା ଖଡ଼ିଆଳ ସହର ମୁଖ୍ୟ ରାସ୍ତାରେ ବସ ଅଟକି ରହୁଥିବା ଯୋଗୁଁ ସ୍ଥାନୀୟ ରାଜା ଅର୍ତ୍ତରାଣ ହାଇସ୍କୁଲ ପଡିଆକୁ ବସଷ୍ଟାଣ୍ଡ କରିଥିଲେ । ୨୦ ବର୍ଷ ଧରି ଏହି ପଡିଆ ବସଷ୍ଟାଣ୍ଡ ଭାବରେ ରହିଥିଲା । ଲୋକେ ସୁରୁଖୁରୁରେ କର୍ଯ୍ୟ ସମ୍ପାଦନ କରିପାରୁଥିଲେ । ହେଲେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ବସଷ୍ଟାଣ୍ଡକୁ ଗତ ୬ ବର୍ଷ ହେଲା ବନ୍ଦ କରିଦେଇଥିଲେ । ହେଲେ ଗତ ୬ ବର୍ଷ ହେଲା ପ୍ୟାରେଡ଼ ପଡିଆକୁ ଅସ୍ଥାୟୀ ବସଷ୍ଟାଣ୍ଡ ରୂପେ ବ୍ୟବହାର କରାଯାଉଛି । ଏହି ବସଷ୍ଟାଣ୍ଡ ସହରର ଏକ ପାର୍ଶ୍ୱରେ ଅବସ୍ଥିତ ଥିବାରୁ ଯାତ୍ରୀଙ୍କ କଷ୍ଟ ଧ୍ୱିଗୁଣିତ ହୋଇଯାଇଛି । କରୋନା ସଂକ୍ରମଣ ସତ୍ତ୍ୱେ ବର୍ତମାନ କିଛିଦିନ ହେବ ଭୁବନେଶ୍ୱରରୁ ବସ ଚଳାଚଳ କରୁଛି । ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ଏକ ପ୍ରମୁଖ ସହର ହୋଇଥିବାରୁ ନୂଆପଡ଼ା ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଏଠାରେ ଏକ ସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ଦାବି ହୋଇଛି ।

## ଶବ୍ଦ ପ୍ରଦୂଷଣ ରୋକିବା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି,୨/୯ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସର ମିଳିତ ଆନୁକୂଲ୍ୟରେ ବାଣ ଓ ଉଚ୍ଚ ଶବ୍ଦ ବିଶିଷ୍ଟ ଯନ୍ତ୍ରର ପ୍ରୟୋଗ ପର୍ବ ପର୍ବାଣୀମାନଙ୍କରେ ନ କରିବା ପାଇଁ ସଭାଗୃହରେ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ରେଡକ୍ରସର ସଂଯୋଜକ ତଥା ଆବାହକ ସମ୍ପାଦକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ଜିଲ୍ଲା ଏନ.ଏସ.ଏସ ଅଧିକାରୀ ନମିତା ଦଣ୍ଡସେନା ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଡ଼ି.ଏସ.ଏସ.ଓ ରାଧାମଣି ଦଲେଇ, ସମାଜସେବୀ କିଶୋର ପା ଟିକା ଓ ବଳରାମ ପୂଜାରୀ, ଶ୍ରୀନିବାସ ପାତ୍ର, ଜିଲ୍ଲା ଜରୁରୀକାଳୀନ ପ୍ରକଳ୍ପ ଅଧିକାରୀ ସୁଧାଂଶୁ ଶେଖର ପୃଷ୍ଟି, ଅଧ୍ୟାପକ ଲିଙ୍ଗରାଜ ମିଶ୍ର, ଅରୁଣ ପାଣ୍ଡରାଙ୍କି, ପ୍ରେମରେଖା ଭତ୍ରା, ଲକ୍ଷ୍ମୀ କୁମାର, ବି.ଗୁପ୍ତେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିଥିଲେ ।

# ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅଭିଯୋଗ ସର୍ମ୍ପକରେ ବିଭାଗୀୟ ତଦନ୍ତ ଆରମ୍ଭ

**କାର୍ଯ୍ୟାନୁଷ୍ଠାନ ନହେଲେ ଡ଼ାକ୍ତରଖାନା ସମ୍ମୁଖରେ ଧାରଣାରେ ବସିବାକୁ ଚେତାବନି**

ଧାମନଗର ,୨/୯ (ନି.ପ୍ର): ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଦୀପକ କୁମାର ନାୟକଙ୍କ ପରିଚାଳନାଗତ ତ୍ରୁଗୁଣ ଦକ୍ଷତା ଓ ମନମୁଖି କାର୍ଯ୍ୟକୁ ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏ ସର୍ମ୍ପକରେ ବିଭିନ୍ନ ସମୟରେ ଗଣମାଧ୍ୟମରେ ଖବର ପ୍ରକାଶିତ ସହ ଗତ କିଛି ଦିନ ତଳେ ଧାମନଗରର ଅଂଚଳର ସ୍ଥାନୀୟ ବୁଦ୍ଧିଜୀବି ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୀପକ କୁମାର ନାୟକଙ୍କ ଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅର୍ଥନୈତିକ କ୍ଷମତା ହସ୍ତାନ୍ତର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଜୟନ୍ତ କୁମାର ପଣ୍ଡାଙ୍କୁ ଅର୍ପଣ କରିଥିଲେ। ଆଜି ପୂର୍ବାହ୍ନରେ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ କୁମାର ପୃଷ୍ଟି, ସ୍ୱାସ୍ଥ୍ୟବିଭାଗର ପ୍ରକଳ୍ପ ସଂଯୋଜକ ନିଗମ ରଂଜନ ପାଢୀ, ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୁଧବାର ପରିଦର୍ଶନରେ ଆସି ଅଭିଯୋଗର ତଦନ୍ତ କରିବା ସହିତ ଅଭିଯୋଗକାରୀଙ୍କ ଠାରୁ ଲିଖିତ ମତାମତ ଗ୍ରହଣ କରିଥିବା ଜଣାଯାଇଛି। ତଦନ୍ତ ରିପୋର୍ଟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପ୍ରଦାନ ସହ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତଦନ୍ତକାରୀ ଅଧିକାରୀ ଶ୍ରୀ ପୃଷ୍ଟି ଅଭିଯୋଗକାରୀଙ୍କୁ ପ୍ରତିଶୃତି ଦେଇଥିବା ଜଣାଯାଇଛି । ତେବେ ବିଗତ କିଛି ମାସ ହେବ କୋଭିଡ-୧୯ ଓ ବିଭିନ୍ନ ଉନ୍ନୟନ ମୂଳକ ଅର୍ଥ ହେରଫେର ସହ ନିଜ କର୍ତବ୍ୟରେ ଅବହେଳା ଓ କାର୍ଯ୍ୟାଳୟ ମଧ୍ୟରେ ମଦ୍ୟପାନର ଆସର ଜମାଉଥିବା ନେଇ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼ ଦୀପକ ନାୟକଙ୍କ ବିରୁଦ୍ଧରେ ସହକାରୀ, ରୋଗୀ ଓ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହେତୁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ସହ ବେଶ କିଛି ଦିନ ହେବ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି। ପ୍ରକାଶ ଥାଉକି ଅଭିଯୋଗକାରୀଙ୍କ କହିବା କଥା ୧୫ଦିନ ଭିତରେ ଡ଼ଃ. ନାୟକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପ୍ରଶାସନିକ ଦାୟିତ୍ୱ ପ୍ରତ୍ୟାହାର କରାନଗଲେ ବାଧହୋଇ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣାରେ ବସିବେବୋଲି ତଦନ୍ତ ଅଧିକାରୀଙ୍କୁ ଚେତାବନି ଦିଆଯାଇଥିବା ଜଣାଯାଇଛି।

# ଗାଁ କଲ୍ୟାଣ ସମିତି ନାମରେ ଅର୍ଥ ହଡ଼ପ ଅଭିଯୋଗ

ହରିଚନ୍ଦନପୁର,୨/୯ (ନି.ପ୍ର): ଅଙ୍ଗନୱାଡ଼ି କେନ୍ଦ୍ର ଗୁଡିକରେ ସରକାରଙ୍କ ତରଫରୁ ପ୍ରାକ୍ ଶିକ୍ଷା, ଶିଶୁ ମା ମାନଙ୍କ ସ୍ୱାସ୍ଥ୍ୟ ସେବା ଓ ପୃଷ୍ଟିକର ଖାଦ୍ୟ ଯୋଗାଇ ଦେଉଥିବା ବେଳେ ଅନ୍ୟପଟେ ଗ୍ରାମର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଗାଁ କଲ୍ୟାଣ ସମିତି ଗଠନ କରାଯାଇଛି । କିନ୍ତୁ ଏହାର ବିକାଶମୂଳକ ଅର୍ଥକୁ ବାଟମାରଣା କରାଯାଇଥିବା ନେଇ ସଙ୍ଗିନ୍ ଅଭିଯୋଗ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ବଡପଳାଶପାଳ ଗ୍ରାମପଞ୍ଚାୟତର ଉସ୍ତିଆପଶି ଗ୍ରାମରୁ ଆସିଛି । ଅଭିଯୋଗ ଅନୁଯାୟୀ, ଅଙ୍ଗନୱାଡି କର୍ମୀ ସତ୍ୟଭାମା ମହାନ୍ତ କମିଟିରେ କେତେ ଜଣ ସଦସ୍ୟଙ୍କୁ ହାତରେ ରଖି ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଆସୁଥିବା ଟଙ୍କାକୁ ହଡ଼ପ କରିନେଇଛନ୍ତି । ଏଥିସହ କୋଭିଡ୍ -୧୯ ସମୟରେ ଆସିଥିବା ଅର୍ଥକୁ ମଧ କୌଣସି କାର୍ଯ୍ୟ ନକରି ଚଳୁ କରିଥିବା ନେଇ ହରିଚନ୍ଦନପୁର ସମ୍ବନ୍ଧିତ ଶିଶୁ ବିକାଶ ଅଧିକାରିଣୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି । ଗାଁ କଲ୍ୟାଣ ସମିତିକୁ ଆସୁଥିବା ଆର୍ଥିକ ସାହାଯ୍ୟକୁ ଉନ୍ନତିମୂଳକ ତଥା ସ୍ୱାସ୍ଥ୍ୟସେବା ଓ ପରିମଳ ବ୍ୟବସ୍ଥାରେ ଖର୍ଚ୍ଚ କରାଯିବାର ବ୍ୟବସ୍ଥା ରହିଥିଲେ ମଧ ସଠିକ୍ ଜାଗାରେ ବିନିଯୋଗ ନକରି ମିଥ୍ୟା ବିଲ୍ କରି ସମ୍ପୂର୍ଣ୍ଣ ଟଙ୍କା ହଡ଼ପ କରିଥିବା ଭଳି ସଂଘାତିକ ଅଭିଯୋଗ ହୋଇଛି । ତେବେ ବିଭାଗୀୟ ଉପରିସ୍ଥ ଅଧିକାରିଣୀ ଓ ଚିକିତ୍ସା ଅଧିକାରୀ ଘଟଣାର ସଠିକ୍ ତଦନ୍ତ କରାଇ ଦୋଷୀଙ୍କ ବିରୋଧରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମର ସୁଶାନ୍ତ କୁମାର ସାହୁ, ବିଜୟ କୁମାର ମହାନ୍ତ, ରମାକାନ୍ତ ମହାନ୍ତ, ତ୍ରିଲୋଚନ ମହାନ୍ତ, ଅକ୍ଷୟ କୁମାର ମହାନ୍ତ, ରବୀନ୍ଦ୍ର କୁମାର ନାଏକଙ୍କ ସମେତ ଗ୍ରାମର ଶତାଧିକ ଗ୍ରାମବାସୀ ଦାବି କରିଛନ୍ତି । ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଜନସାଧାରଣରେ ଦାବି ଯୋର୍ ଧରିଛି ।

# ୟୁଥ ଫର୍ ସେବା ତରଫରୁ ବିଦ୍ୟାର୍ଥୀଙ୍କୁ ମାସ୍କ ବଣ୍ଟନ ସହ ସଚେତନତା କାର୍ଯ୍ୟକ୍ରମ

ଗଞ୍ଜାମ,୨/୯ (ନି.ପ୍ର): କରୋନା ମହାମାରୀ ପାଇଁ ସମ୍ପୂର୍ଣ୍ଣ ମାନବସମାଜ ବେଶ୍ କ୍ଷତିଗ୍ରସ୍ତ ହୋଇପଡିଛନ୍ତି । ଏପରିକି ବହୁଦିନ ଧରି ଶିକ୍ଷା ଅନୁଷ୍ଠାନ ଗୁଡିକ ବନ୍ଦ ରହିବା ପରେ ବିଗତ କିଛିଦିନ ହେଲା ଶିକ୍ଷାଦାନ ପ୍ରକ୍ରିୟା ପୁଣି ଥରେ ଆରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ୟୁଥ ଫର ସେବା ଓଡ଼ିଶା ତରଫରୁ ଗଞ୍ଜାମ ଜିଲ୍ଲା ସଂଯୋଜକ କୃଷ୍ଣଚନ୍ଦ୍ର ସୁଆଁସିଆଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ହାଇସ୍କୁଲରେ ଅଧ୍ୟୟନରତ ନବମ ଓ ଦଶମ ଶ୍ରେଣୀ ବିଦ୍ୟାର୍ଥୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସେମାନଙ୍କୁ ମାସ୍କ ବଣ୍ଟନ ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି କ୍ରମରେ ଶେରଗଡ଼ ବ୍ଲକ ଅନ୍ତର୍ଗତ ଗୋଠଗାଁ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଠାରେ ୟୁଥ ଫର ସେବା ତରଫରୁ ମାସ୍କ ବଣ୍ଟନ ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ସଂଯୋଜକ କୃଷ୍ଣଚନ୍ଦ୍ର ସୁଆଁସିଆ ବିଦ୍ୟାର୍ଥୀଙ୍କୁ କୋଭିଡ୍ ନିୟମ ପାଳନ କରି ଶିକ୍ଷା ଅଧ୍ୟୟନରେ ନିଜର ପାରଦର୍ଶିତା ବଜାୟ ରଖିବା ପାଇଁ ମାର୍ଗଦର୍ଶନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପବିତ୍ର ଖଣ୍ଡୁଆଳ, ତ୍ରିନାଥ ଲେଙ୍କା, ନବଘନ ବିଶ୍ୱାଳ ଆଦି ସ୍ୱେଚ୍ଛାସେବୀଙ୍କ ସହ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ତେବେ ସଂଗଠନର ଏଭଳି ଅଭିନବ କାର୍ଯ୍ୟକ୍ରମ ପାଇଁ ସାଧାରଣରେ ଉଚ୍ଚ ପ୍ରଶଂସା ସହ କାର୍ଯ୍ୟଧାରା ଚାଲୁ ରଖିବା ପାଇଁ ସାଧାରଣରେ ମତ ପ୍ରକାଶ ପାଇଛି ।

## ଶିଶୁଙ୍କ ପାଚନ ସମସ୍ୟା



ଖାଦ୍ୟ କିମ୍ବା ପାନୀୟକୁ ଠିକ୍ ଭାବରେ ହଜମ କରିନପାରିଲେ ପିଲାଏ ବାନ୍ତି କରିଥାନ୍ତି । ପେଟରେ ଗ୍ୟାସ୍ ହେବା କାରଣରୁ ସେମାନଙ୍କ ଛାତି ଜଳାପୋଡ଼ା ହୋଇଥାଏ । ଏଭଳି କ୍ଷେତ୍ରରେ ଅଧିକ ଦିନ ଘରୋଇ ଚିକିତ୍ସା ନ କରି ଜଣେ ଅଭିଜ୍ଞ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ଅନେକ ସମୟରେ ଛୋଟ ଛୋଟ ପିଲାଙ୍କୁ କ୍ଷୀର ପିଆଇବା ପରେ କିମ୍ବା ଖାଦ୍ୟ ଖୁଆଇ ସାରିବା ପରେ ପିଲାଟି ବାନ୍ତି କରିପକାଏ । ପିଲାଟି ଏଭଳି କରିବା ପଛର କାରଣ ପାଚନ ବା ହଜମ ସମସ୍ୟା ସହିତ ଜଡ଼ିତ ହୋଇପାରେ । ଖାଦ୍ୟକୁ ଠିକ ଭାବରେ ହଜମ କରିବାର କ୍ଷମତା କମ କାରଣରୁ ପିଲାଟି ଅନେକ ସମୟରେ ବାନ୍ତି କରିଦେଇଥାଏ । ଅସଲ କଥା ହେଉଛି ପିଲାଙ୍କ ପାଚନତନ୍ତ୍ର ଦୁର୍ବଳ ହୋଇଯାଏ ଓ ଏହି କାରଣରୁ ପିଲାଟି ଗରିଷ୍ଠ ଖାଦ୍ୟକୁ ସହଜରେ ହଜମ କରିପାରେ ନାହିଁ । ଏହା ବ୍ୟତୀତ ଶିଶୁମାନେ ସାଧାରଣତଃ ମଇଦାରୁ ପ୍ରସ୍ତୁତ ଖାଦ୍ୟ, ସୋଡ଼ା, ଚକୋଲେଟ୍ ଇତ୍ୟାଦି ଜିନିଷ ଖାଇବାକୁ ଅଧିକ ପସନ୍ଦ କରିଥାନ୍ତି । ଏସବୁ ଖାଦ୍ୟ ପିଲାଙ୍କ ପାଚନ ଶକ୍ତି କମ କରିଦେଇଥାନ୍ତି । ଶିଶୁମାନଙ୍କର ପାଚନ ସମସ୍ୟା ଉପୁଜିଲେ କ'ଣ ସବୁ ଲକ୍ଷଣ ଦେଖାଯାଏ ଏବଂ ଏହି ସମସ୍ୟାରୁ ସେମାନଙ୍କୁ କିଭଳି ମୁକ୍ତ କରିବେ ଜାଣିବା ଆସନ୍ତୁ ।

### ଖାଇବା ପରେ ବାନ୍ତି ହେବା :



ସାଧାରଣତଃ ଶିଶୁମାନେ କ୍ଷୀର ବା ସେହିଭଳି ଅନ୍ୟ ତରଳ ପଦାର୍ଥକୁ ଠିକ୍ ଭାବରେ ହଜମ କରି ନ ପାରି ବାନ୍ତି କରିଦେଇଥାନ୍ତି । ଏହା ବ୍ୟତୀତ ଶିଶୁଙ୍କଠାରୁ ବଡ଼ ପିଲାମାନେ ମଧ ଏଣୁତେଣୁ ଖାଦ୍ୟ,ଦୂଷିତ ଖାଦ୍ୟ, ବାସି ଅଥବା ସଡ଼ିଯାଇଥିବା ଖାଦ୍ୟ, ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ଦ୍ୱାରା ଠିକ୍ ଭାବରେ ହଜମ କରିପାରନ୍ତି ନାହିଁ । ଫଳରେ ସେମାନେ ବାନ୍ତି କରନ୍ତି । କେବଳ ଯେ ଖାଦ୍ୟ ଉତ୍ତମ ଭାବରେ ହଜମ କରି ନ ପାରିଲେ ବାନ୍ତି ହୁଏ ତାହା ନୁହେଁ । ଅନେକ ସମୟରେ ଫୁଡ୍ ଇନଫେକସନ ବା ଖାଦ୍ୟ ସଂକ୍ରମଣ ଯୋଗୁଁ ମଧ ପିଲାଙ୍କଠାରେ ବାନ୍ତି ସମସ୍ୟା ଦେଖାଯାଏ । କିଛି ଖରାପ ଅଭ୍ୟାସ ଯଥା-ହାତ ନ ଧୋଇ ଖାଦ୍ୟ ଖାଇବା, ମାଛିବସା ଦୂଷିତ ଖାଦ୍ୟ ଖାଇବା, ମଇଳା ପାଣି ପିଇବା ଦ୍ୱାରା ମଧ ବଦହଜମି ହୋଇଥାଏ । ବାନ୍ତି ମଧ ହଇଜା ଭଳି ଦିନେ ଦୁଇ ଦିନ ମଧରେ ଠିକ୍ ହୋଇଯାଇଥାଏ । କିନ୍ତୁ ଯଦି ପିଲାଟି ଦିନେ ଦୁଇ ଦିନରୁ ଅଧିକ ବାନ୍ତି ସମସ୍ୟା ଭୋଗୁଛି, ତା' ହେଲେ ତୁରନ୍ତ ଜଣେ ଅଭିଜ୍ଞ ଶିଶୁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।

### ଦୁର୍ଗନ୍ଧ ହାକୁଟି ଆସିବା :



ଯଦି ଆପଣଙ୍କ ପିଲାର ଛାତି ପୋଡୁଛି ଅଥବା ଦୁର୍ଗନ୍ଧ ହାକୁଟି ଆସୁଛି ତ ଜାଣିବାକୁ ହେବ, ତା'ର ଏସିଡିଟି ହୋଇଛି । ସାଧାରଣତଃ ଅସମୟରେ ଖାଇବା ଦ୍ୱାରା ଏସିଡିଟି ବା ଅମ୍ଳ ସମସ୍ୟା ଦେଖାଦେଇଥାଏ । ଏହା ବ୍ୟତୀତ ବିଳମ୍ବିତ ରାତିରେ ଖାଇବା, ଅତ୍ୟଧିକ ତେଲ ମସଲାଯୁକ୍ତ ଖାଦ୍ୟ ଅଧିକ ଖାଇବା ଦ୍ୱାରା ମଧ ଏହି ସମସ୍ୟା ଉପୁଜିଥାଏ । ଏଭଳି ସମସ୍ୟାରୁ ମୁକୁଳିବା ପାଇଁ ହେଲେ ପିଲାଟିକୁ କମ ସମୟ ବ୍ୟବଧାନରେ ଅଳ୍ପ ଅଳ୍ପ ଖାଦ୍ୟ ଖୁଆନ୍ତୁ । ଏଭଳି କରିବା ଦ୍ୱାରା ଏସିଡିଟି ଦେଖାଦେଉଛି, ତା' ହେଲେ ଜଣେ ଅଭିଜ୍ଞ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

### ଡାଇରିଆର ଲକ୍ଷଣ :

ଯଦି ଶିଶୁଟି ଦିନରେ ତିନି ଥରରୁ ଅଧିକ ଥର ଝାଡ଼ା କରୁଛି ଏବଂ ତା' ସହିତ ତା'ର ବାନ୍ତି ହେଉଛି, ତେବେ ଏହା ଡାଇରିଆ ବା ହଇଜାର ଲକ୍ଷଣ ହୋଇପାରେ । ଡାଇରିଆ ବ୍ୟାକ୍ଟେରିଆ ଓ ଭାଇରସ୍ ଆଦି କାରଣରୁ ହୋଇଥାଏ । ଆଲର୍ଜି କାରଣରୁ ମଧ ବେଳେବେଳେ ଏଭଳି ହୋଇଥାଏ । ଡାଇରିଆର ଲକ୍ଷଣ ଦେଖାଯିବା ମାତ୍ରେ ତୁରନ୍ତ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।

### ଅଧିକ ଗ୍ୟାସ୍ ହେବା :



ପେଟରେ ଗ୍ୟାସ୍ ହେବା ଏକ ପ୍ରାକୃତିକ ବା ସ୍ୱାଭାବିକ ପ୍ରକ୍ରିୟା । ସାଧାରଣତଃ ପିଲାମାନେ ନାନା ପ୍ରକାର ବାହାର ଜିନିଷ ଖାଇଥାନ୍ତି, ଯାହା ପେଟରେ ଅଧିକ ଗ୍ୟାସ୍ ଉତ୍ପନ୍ନ ହେବା କିମ୍ବା ବାରମ୍ବାର ଦୂଷିତ ବାୟୁ ଛାଡ଼ିବା ବଦହଜମିର ଲକ୍ଷଣ ହୋଇପାରେ । ଗ୍ୟାସ୍ ହେବା ଏକ ସାମାନ୍ୟ ପେଟରୋଗ । ସୋଡ଼ା, ଲେମ୍ବୁ କିମ୍ବା ପୁଦିନା ଭଳି ଘରୋଇ ଚିକିତ୍ସାରେ ଏହା ଭଲ ହୋଇଯାଇଥାଏ । ଯଦି ଏହି ସମସ୍ୟା ଅଧିକ ଦିନ ଲାଗିରହେ ବା ବଢ଼ିଯାଇ ଅଧିକ ପେଟ ଯନ୍ତ୍ରଣାର କାରଣ ହୁଏ, ତା' ହେଂଲେ ଡେରି ନ କରି ଜଣେ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

### ପେଟ ଯନ୍ତ୍ରଣା :

ପିଲାମାନଙ୍କଠାରେ ବ୍ୟାକ୍ଟେରିଆ ଓ ଭାଇରସ୍ ଖୁବ୍ ସହଜରେ ବ୍ୟାପି ଯାଇଥାଏ । ବିଶେଷକରି ତରକାରୀରେ ବ୍ୟବହୃତ ପନିପରିବା, ଭୋଜନରେ ସାମିଲ ଖାଦ୍ୟ ଶସ୍ୟ, ଶାଗ, ଫଳ ଆଦି ଭଲ ଭାବରେ ଧୁଆ ହୋଇନଥିଲେ ଏଭଳି ସମସ୍ୟା ଉପୁଜିବାର ଆଶଙ୍କା ଅଧିକ । ଖାଇବା ପୂର୍ବରୁ ପିଲାମାନେ ଭଲ ଭାବେ ହାତ ନ ଧୋଇବା ମଧ ଏହାର ଅନ୍ୟ ଏକ କାରଣ । ଏହା ବ୍ୟତୀତ ଗୋଟିଏ ଥାଳିରେ ଏକାଧିକ ସାଙ୍ଗ ମିଶି ଖାଦ୍ୟ ଖାଇଲେ ଜଣକ ହାତରେ ଥିବା ବ୍ୟାକ୍ଟେରିଆ ଭୋଜନରେ ମିଶିଥାଏ ଓ ସମସ୍ତେ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି, ବାନ୍ତିବାନ୍ତି ମଧ କରିଥାନ୍ତି ।

## କେଶ ପାଇଁ ଚାଉଳପାଣି




ଚାଉଳ ଧୋଇବା ପରେ ପାଣିକୁ ଆମେ ଅଦରକାରୀ ଭାବି ଫୋପାଡ଼ି ଦେଉ । କିନ୍ତୁ ଚାଉଳର ପାଣି ଶରୀର ଓ କେଶ ପାଇଁ ଖୁବ୍ ହିତକାରୀ ହୋଇଥାଏ । ଯଦି ସୁନ୍ଦର ଓ ଘନ କେଶ ଆପଣଙ୍କୁ ଦରକାର ତେବେ ଚାଉଳ ପାଣିର ଉପଯୁକ୍ତ ବ୍ୟବହାର କରନ୍ତୁ । ତେବେ ଜାଣନ୍ତୁ ଚାଉଳ ପାଣିର ଉପକାରୀ ଗୁଣ-

**କେଶ ଝଡୁଥିଲେ -**

ଯଦି କେଶ ବାରମ୍ବାର ଝଡୁଛି କିମ୍ବା ଉପୁଡୁଛି ତେବେ ଚାଉଳ ପାଣି ମୁଣ୍ଡକୁ ମାଲିସ୍ କରନ୍ତୁ । ଦୁର୍ବଳ ଚର୍ମ ହେତୁ କେଶ ଝଡ଼ିବା ଆରମ୍ଭ କରିଥାଏ ତେଣୁ ଚାଉଳ ପାଣି ବ୍ୟବହାର କଲେ ଏମିନୋ ଏସିଡ୍, ଭିଟାମିନ୍, ମିନେରାଲସ ଆଦି ପ୍ରଚୁର ପରିମାଣରେ କେଶ ଉପୁଡ଼ିବାରୁ ରକ୍ଷା କରିଥାଏ । ଅଧିକ ପୋଷଣ ପାଇଁ ସେଥିରେ ଆଲମଣ୍ଡ, ଗୋଲାପ ଜଳ, ଲାଭେଣ୍ଡର କିମ୍ବା ଚାହା ଗଛର ତୈଳକୁ ମିଶାଇପାରିବେ ।

**କେଶ ରୁଖା ହୋଇଗଲେ-**

କର୍ମମୟ ଜୀବନରେ ମାତ୍ରାଧିକ ପ୍ରଦୂଷଣ ରହିଥାଏ । ତେଣୁ ଚର୍ମ କୋଷ ଗୁଡ଼ିକ ମୃତ ହୋଇଯାଆନ୍ତି । ଆଉ ଶାମ୍ପୁ, କଣ୍ଡିଶନର, କୃତ୍ରିମ ତୈଳ କେଶର ଚମକକୁ ନଷ୍ଟ କରିଦିଏ । ଚାଉଳ ପାଣିରେ ମୁଣ୍ଡର ଚମଡାକୁ ମାଲିସ୍ କରିବା ଦ୍ୱାରା କେଶର ଚମକ ଫେରିଆସିଥାଏ ।

**ରୁପି ସମସ୍ୟା-**

ଯଦି ରୁପି ସମସ୍ୟା ରହିଛି ତେବେ ଚାଉଳ ପାଣି ବ୍ୟବହାର କରିବା ଫଳଦାୟୀ ହୋଇଥାଏ । ରୁପି ଥିବା ଚର୍ମକୁ ଚାଉଳ ପାଣିରେ ଅଳ୍ପ ରିଠାଫଳ ପାଉଡର ମିଶାଇ ଲଗାଇଲେ ରୁପି ମାତ୍ରା କମିଯାଏ । ଯଦି ପ୍ରଦୂଷଣ ପାଇଁ କେଶ ନଷ୍ଟ ହେଉଛି ତେବେ ଛୋଟ ପିଆଜକୁ ନଡ଼ିଆ ତେଲରେ ଫୁଟାଇ କେଶରେ ଲଗାନ୍ତୁ । ପରେ ବେସନ ଓ ଚାଉଳ ପାଣି ମିଶ୍ରଣରେ ଧୋଇଦିଅନ୍ତୁ ।

**ନରମ କେଶ-**

ଶାମ୍ପୁ ବାରମ୍ବାର ବ୍ୟବହାର କରିବା ଦ୍ୱାରା କେଶ ସିଲ୍କ ଓ ସଫ୍ଟ ହେବା ପରିବର୍ତ୍ତେ ଦୁର୍ବଳ ହୋଇଯାଏ । ଚାଉଳପାଣି ମଧ୍ୟ ଶାମ୍ପୁ ପରି କାର୍ଯ୍ୟ କରିଥାଏ । ଚାଉଳପାଣିରେ ରିଠା ଫଳ, ଅଁଳା କିମ୍ବା କମଳା ଚେପା ଛଡ଼ାଇ ଲଗାଇବା ଦ୍ୱାରା ଶାମ୍ପୁ କିମ୍ବା କଣ୍ଡିଶନର ବ୍ୟବହାର କରିବା ଆବଶ୍ୟକ ନାହିଁ । କେଶ ମଜବୁତ ହେବା ସହ ଚମକ ମଧ୍ୟ ଫେରିଆସିଥାଏ ।

**କେଶର ଯତ୍ନ-**

ଯଦି ସୁନ୍ଦର କେଶ ପାଇଁ ଖୁବ୍ ଯତ୍ନବାନ ତେବେ ଚାଉଳ ଧୁଆ ପାଣି ସହ ଚାଉଳ ବଟା ପ୍ରସ୍ତୁତ କରନ୍ତୁ । ସେହି ଚାଉଳ ବଟାରେ ୨-୩ଟି ବଡ଼ ଚାମଚ ମହୁ ମିଶାନ୍ତୁ । ମିଶ୍ରଣଟି ଭଲଭାବେ ଚର୍ମରେ ଲଗାନ୍ତୁ । ସେହିପରି ୫-୧୦ ମିନିଟ ଛାଡ଼ିଦେଇ ଧୋଇଦିଅନ୍ତୁ । ଏହା ଏକ ମ୍ୟାଜିକ୍ ରୂପେ କାର୍ଯ୍ୟ କରିଥାଏ ।

## ଡେନିମ୍ ଜ୍ୟାକେଟ



ଡେନିମ୍ ଜ୍ୟାକେଟକୁ ମହିଳାମାନେ ସାଧାରଣତଃ ଥଣ୍ଡା ଦିନରେ ପିନ୍ଧିବାକୁ ପସନ୍ଦ କରିଥାନ୍ତି । କିନ୍ତୁ ଏହି ଜ୍ୟାକେଟକୁ କୌଣସି ଋତୁରେ ମଧ ଆପଣ ପିନ୍ଧିପାରିବେ । କାରଣ ଏହା ଆପଣଙ୍କୁ ପ୍ରତ୍ୟେକ ଷ୍ଟାଇଲ ସହିତ ମ୍ୟାଚ୍ କରି ଷ୍ଟାଇଲିସ୍ ଲୁକ୍ ଦେବ ।

### ଡେନିମ୍ ସହିତ ଡେନିମ୍ :

 କ୍ଲାସିକ୍ ଡେନିମ ଜ୍ୟାକେଟକୁ ଆପଣ ବଡ଼ି ହରିଙ୍ଗ୍ ଟପ୍ ଓ ମ୍ୟାଚିଙ୍ଗ୍ କଲରର ଡେନିମ ଜିନ୍ସ ସହିତ ପିନ୍ଧି ପାରିବେ । ଏହା ଆପଣଙ୍କ ଫିଗରକୁ ସୁନ୍ଦର ଲାଗିବ । ଯଦି ଆପଣଙ୍କ ଉଚ୍ଚତା କମ ଥାଏ ତେବେ ଏହି ଲୁକକୁ ହାଇହିଲସ ବା ହିଲସ ଥିବା ବୁଟ୍ ସହିତ ପିନ୍ଧନ୍ତୁ, ଏଥିରେ ଆପଣଙ୍କ ଉଚ୍ଚତା ଲମ୍ବା ଦେଖାଯିବ ।



### ସ୍କର୍ଟ ସହିତ ଡେନିମ୍ :

ସର୍ଟ ପ୍ଲଟସବାଲା ସ୍କର୍ଟ ବା ଡେନିମ୍ ସ୍କର୍ଟ ପ୍ଲିଟସବାଲା ସ୍କର୍ଟ ବା ଟେନିମ୍ ସ୍କର୍ଟ ପିନ୍ଧନ୍ତୁ, ଏହା ସହିତ କଳା, ଧଳା ବା ଆପଣଙ୍କର କୌଣସି ପସନ୍ଦିତା ରଙ୍ଗର ଟପ୍ ପିନ୍ଧନ୍ତୁ । ଧ୍ୟାନ ରଖିବେ, ଆପଣଙ୍କ ଟପ୍ ଅଧିକ ଫ୍ରିଲବାଲା ଯେପରି ହୋଇ ନଥିବ ନ ହେଲେ ଏହି ଜ୍ୟାକେଟ୍ ସହିତ ଲୁକ୍ ଭଲ ଦେଖାଯିବ ନାହିଁ । ଏହି ଲୁକ୍ ସହିତ କାଜୁଆଲ ବୁଟ୍ସ ବା ସ୍ନିକରର୍ସ ପିନ୍ଧନ୍ତୁ ।

### ଓଭର ସାଇଜ ଜ୍ୟାକେଟ୍ ସହିତ ଡେନିମ :

ଡେନିମର ଷହନିମର୍ ଓଭର ସାଇଜ ଜ୍ୟାକେଟ୍ ଆପଣଙ୍କୁ ଭିତରେ କୌଣସି ପ୍ରକାରର ଟପ୍ ବା ଲେୟର ପିନ୍ଧିବାକୁ ଅଫସନ ଦେଉଛି । ଯଦି ଆପଣ ଫ୍ରିଲ ବା ଲେୟର୍ସବାଲା ଟପ୍ ପିନ୍ଧୁଛନ୍ତି ତେବେ ଏହି ଜ୍ୟାକେଟ୍ ତାର ଲୁକ୍କୁ ଖରାପ କରିବ ନାହିଁ ।

## ରାଜସ୍ଥାନୀ ପକୋଡ଼ା କଢ଼ି

ପକୋଡ଼ା କଢ଼ି ରାଜସ୍ଥାନର ଏକ ପାରମ୍ପରିକ ଖାଦ୍ୟ । ପକୋଡ଼ା କଢ଼ି ଅନ୍ୟାନ୍ୟ ରାଜ୍ୟରେ ମଧ ପ୍ରସ୍ତୁତ କରାଯାଇଥାଏ । ତେବେ ରାଜସ୍ଥାନୀ ପକୋଡ଼ା କଢ଼ିର ସ୍ୱାଦ ଟିକେ ଭିନ୍ନ । କାରଣ ଏଥିରେ ସାଧାରଣତଃ ପିଆଜ, ରସୁଣର ବ୍ୟବହାର ହୋଇନଥାଏ । ବେସନ ଓ ଦହିରେ ପ୍ରସ୍ତୁତ ହେଉଥିଲେ ମଧ ଏହାର ସ୍ୱାଦ ଅଲଗା ହେବାର କାରଣ ହେଉଛି ଏଥିରେ ମିଶୁଥିବା ମସଲା ରାଜସ୍ଥାନୀ ପକୋଡ଼ା କଢ଼ିରେ କୁକୁରିଆ ପକୋଡ଼ା ମିଶଯାଇଥିବାରୁ ଏହାର ସ୍ୱାଦଦ ମଧ ଭଲ ଲାଗେ । ଏହାକୁ ଭାତ, ରୁଟି, ପରଟା, ପୁରି ଆଦ ସହିତ ଖିଆଯାଇଥାଏ । ଯେହେତୁ ରାଜସ୍ଥାନରେ ପାଣି ଆଭାବ ଅଧିକ ତେଣୁ ଲୋକମାନେ ସାଧାରଣତଃ ଅଳ୍ପ ପାଣି ଦରକାର ହେଉଥିବା ବ୍ୟଞ୍ଜନ ପ୍ରସ୍ତୁତ କରିଥାଆନ୍ତି । ପାଣି ଜାଗାରେ ଦହିର ବ୍ୟବହାର ଟିକେ ଅଧିକ ହୋଇଥାଏ । ତେବେ ଆସନ୍ତୁ ଜାଣିବା ରାଜସ୍ଥାନୀ ପକୋଡ଼ା କଢ଼ି କିଭଳି ପ୍ରସ୍ତୁତ ହୋଇଥାଏ ।



### ପ୍ରସ୍ତୁତି :

ପ୍ରଥମେ ପକୋଡ଼ା ବା ପକୁଡ଼ି ତିଆରି କରିବା ପାଇଁ ବେସନ ୧ କପ୍, କଟା ଧନିଆ ପତ୍ର ୨ ଟେବଲ ଚାମଚ, ହଳଦୀ ଚଉଠେ ଚାମଚ, ଟିପେ ବେକିଂ ସୋଡ଼ା, ଜୀରା ୧ ଟା ଚାମଚ, ଦେଢ଼ ଚା-ଚାମଚ କଟା କଞ୍ଚାଲଙ୍କା, ଲୁଣ ସ୍ୱାଦ ଅନୁସାରେ, ଛାଣିବା ପାଇଁ ରିଫାଇନ ତେଲ । ରିଫାଇନ ତେଲକୁ ଛାଡ଼ି ସବୁ ଜିନିଷକୁ ଏକାଠି କରି ଅଳ୍ପ ପାରି ଦେଇ ଏକ ବହଳିଆ ଘୋଳି ପ୍ରସ୍ତୁତ କରନ୍ତୁ । ଏହାପରେ ତେଲ ଗରମ କରି ମଧ୍ୟମ ଆଞ୍ଚରେ କୁକୁକୁରିଆ ପକୁଡ଼ି ଛାଣି ଅଲଗା ରଖନ୍ତୁ । ଏହାପରେ ପ୍ରସ୍ତୁତ କରନ୍ତୁ କଢ଼ି । କଢ଼ି ପ୍ରସ୍ତୁତ ପାଇଁ ଦହି ୨ କପ୍, ବେସନ୍ ୨ ଟେବଲ୍ ଚାମଚ, ହଳଦୀ ପାଉଡର ଚଉଠେ ଚାମଚ, ଲୁଣ ସ୍ୱାଦ ଅନୁସାରେ, ୧ ଟେବଲ ଚାମଚ ତେଲ, ଡାଲଚିନି ୧ ଟିକୁରା, ଲବଙ୍ଗ ୨ଟା, କାଶ୍ମିରୀ ଲଙ୍କା ୨ଟା, ପାନମହୁରୀ ଅଧ ଚାମଚ, ଗୋଟା ଧନିଆ ଅଧା ଚାମଚ, ଜୀରା ଅଧ ଚାମଚ, ମେଥି ଦାନା ଚଉଠେ ଚାମଚ, ଅଦା କଟା ଅଧ ଚାମଚ, ଭୁର୍ସୁଙ୍ଗ ପତ୍ର ଅଳ୍ପ, ଅଧ ଚାମଚ ଲଙ୍କା ଗୁଣ୍ଡ । କଢ଼ି ତିଆରି କରିବା ପାଇଁ ପ୍ରଥମେ ଦହି, ବେସନ, ହଳଦି, ଲୁଣ ଏବଂ ୨ କପ୍ ପାଣିକୁ ଏକାଠି ଏକ ପାତ୍ରରେ ଗୋଳାନ୍ତୁ । ଦରକାର ହେଲେ ସାମାନ୍ୟ ଅଧିକ ପାଣି ମିଶାଇ ପାରନ୍ତି । ଏହାପରେ ଏକ ପ୍ୟାନରେ ତେଲ ଗରମ କରି ସେଥିରେ ଡାଲଚିନି, ଲବଙ୍ଗ, ଶୁଖିଲା ଲଙ୍କା, ପାନମହୁରି, ଗୋଟା ଧନିଆ, ଜୀରା, ମେଥି ଦାନା, କଟା ଅଦା, ଭୁର୍ସୁଙ୍ଗ ପତ୍ର ଏବଂ ଲଙ୍କାଗୁଣ୍ଡ ପକାଇ ମଧ୍ୟମ ଆଞ୍ଚରେ ଫୁଟଣ କରି ଆଞ୍ଚ ବନ୍ଦ କରି ସେଥିରେ ଦହି ଓ ବେସନର ମିଶ୍ରଣକୁ ମିଶାଇ ଭଲ କରି ଗୋଳାଇ ଦେବେ । ଏହାପରେ ପୁଣି ଥରେ ଗ୍ୟାସ ଅନ୍ କରି ଧିମା ଆଞ୍ଚରେ ଏହି ଘୋଳକୁ ଏକ ଚାମଚ ସାହାଯ୍ୟରେ ଘାଣ୍ଟିବେ । ଦେଖିବେ ଟିକେ ବହଳିଆ ହୋଇଆସିଲେ ବେସନର କଞ୍ଚାପଣ ଚାଲିଯିବ । ଏହାପରେ ଆଞ୍ଚ ବନ୍ଦ କରିଦେବେ । ପରିବେଷଣ କଲା ପୂର୍ବରୁ ଏହି କଢ଼ିରେ ଆଗରୁ ଛାଣି ରଖିଥିବା ପକୋଡ଼ା ମିଶାଇ ଦେବେ । ପ୍ରସ୍ତୁତ ହୋଇଗଲା ରାଜସ୍ଥାନୀ ପକୋଡ଼ା କଢ଼ି । ଏହି ଖାଦ୍ୟରେ ପୁଷ୍ଟିସାରର ପରମାଣ ଯଥେଷ୍ଟ ଅଧିକ । ସ୍ୱାସ୍ଥ୍ୟ ପାଇଁ ଏହି କଢ଼ି ଉପାଦେୟ । ଶୀତଦିନେ ଅନେକ ଲୋକ ଦହି ଖାଆନ୍ତି ନାହିଁ । କିନ୍ତୁ ଦହିରେ ବେସନ ମିଶାଇ ଏଭଳି ସ୍ୱାଦିଷ୍ଟ କଢ଼ି ପ୍ରସ୍ତୁତ କରାଯାଇପାରିବ ।

# ଧ୍ୱନି ପ୍ରତିଧ୍ୱନି



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ତାଲିବାନ ସହିତ ଭାରତର ଭୂମିକା

ଆଫଗାନିସ୍ତାନରୁ ଆମେରିକା ନେତୃତ୍ୱାଧୀନ ନାଟୋ ସେନା ପ୍ରତ୍ୟାହାରର ମାତ୍ର ଗୋଟିଏ ଦିନ ବ୍ୟବଧାନରେ ତାଲିବାନ ଗୋଷ୍ଠୀଙ୍କ ସହ ଭାରତ ବିଧିବଦ୍ଧ ଭାବେ ଆଲୋଚନା ଆରମ୍ଭ କରିଛି । କତାର ରାଜଧାନୀ ଦୋହା ଠାରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଦୀପକ ମିତ୍ତଲ ସେଠାରେ ଥିବା ତାଲିବାନ ରାଜନୈତିକ କାର୍ଯ୍ୟାଳୟ ମୁଖ୍ୟର ଶେର ମହମ୍ମଦ ଆବ୍ବାସ୍ ଷ୍ଟାନିକଜାଇଙ୍କ ସହ ମଙ୍ଗଳବାର ଦିନ କଥାବାର୍ତ୍ତା କରିଛନ୍ତି । ଉଭୟ ପକ୍ଷ ଏହି ଆଲୋଚନାରେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ଉଭୟ ପକ୍ଷଙ୍କ ମଧ୍ୟରେ ଏହି ପ୍ରତ୍ୟକ୍ଷ ଆଲୋଚନା ଯେତିକି ମହତ୍ତ୍ୱ ବହନ କରେ ଭବିଷ୍ୟତରେ ଭାରତ- ଆଫଗାନିସ୍ତାନ ମଧ୍ୟରେ କିଭଳି ସମ୍ପର୍କ ରକ୍ଷା କରାଯିବ ତାହା ମଧ୍ୟ ଏହି ଆଲୋଚନାର ନିର୍ଯ୍ୟାସ ଉପରେ ନିର୍ଭର କରେ । ଏହି ଆଲୋଚନାରେ ଭାରତ ପକ୍ଷରୁ ଆଫଗାନିସ୍ତାନରେ ଏପର୍ଯ୍ୟନ୍ତ ରହିଥିବା ଭାରତୀୟ ନାଗରିକଙ୍କ ସୁରକ୍ଷା ଓ ନିରାପତ୍ତା ତଥା ଯଥାଶୀଘ୍ର ସେମାନଙ୍କୁ କିଭଳି ଭାବେ ସ୍ଥାନାନ୍ତର କରାଯିବ ସେଥିରେ ତାଲିବାନଙ୍କ ସହଯୋଗ କରିବାକୁ କୁହାଯାଇଛି । ସେହିଭଳି ଯେଉଁ ଆଫଗାନ ନାଗରିକମାନେ ଭାରତ ଭ୍ରମଣରେ ଆସିବାକୁ ଚାହାନ୍ତି ସେମାନଙ୍କୁ ଅନୁଭତି ପ୍ରଦାନ କରିବା ସକାଶେ ଭାରତ ପ୍ରସ୍ତାବ ଦେଇଛି । ଏହା ବ୍ୟତୀତ, ଆଫଗାନିସ୍ତାନ ଭୂମିକୁ ଭାରତ ବିରୋଧୀ କୌଣସି ପ୍ରକାର ଆତଙ୍କବାଦୀ କାର୍ଯ୍ୟକଳାପ ନିମନ୍ତେ ବ୍ୟବହାର କରିବାକୁ ନଦେବା ଲାଗି ଭାରତ ତାଲିବାନ ନେତାଙ୍କୁ ଅନୁରୋଧ କରିଛି । ତାଲିବାନ ନେତା ଷ୍ଟାନିକଜାଇ ମଧ ଭାରତର ଏଭଳି ପ୍ରସ୍ତାବ ଗ୍ରହଣ କରିବ ବୋଲି ପ୍ରତିଶ୍ରୁତି ଦେବା ସହ ଆଫଗାନିସ୍ତାନ ଓ ଭାରତ ମଧ୍ୟରେ ପୂର୍ବରୁ ଯେଉଁଭଳି ରାଜନୈତିକ, କୂଟନୈତିକ, ଆର୍ଥିକ ଓ ସାଂସ୍କୃତିକ ସଂପର୍କ ରହିଆସିଥିଲା ତାହା ଭବିଷ୍ୟତରେ ଜାରି ରଖିବାକୁ ତାଲିବାନ ଗୋଷ୍ଠୀ ଇଚ୍ଛୁକ ବୋଲି କହିଛନ୍ତି । ତେଣୁ ଏହି ପ୍ରଥମ ଆଲୋଚନାକୁ ବେଶ୍ ସକାରାତ୍ମକ ବୋଲି କୁହାଯାଇପାରେ । ଏବେ ସୁଦ୍ଧା ଆଫଗାନିସ୍ତାନରେ କୌଣସି ନିର୍ଦ୍ଦିଷ୍ଟ ସରକାର ଗଠନ କରାଯାଇନାହିଁ । ତେବେ ତାଲିବାନ ହାତରେ ଯେ ଦେଶର ଶାସନଡୋରି ରହିବାକୁ ଯାଉଛି ତାହା ସ୍ପଷ୍ଟ । ତେଣୁ ସେମାନେ ସରକାରକୁ ନିୟନ୍ତ୍ରଣରେ ରଖିବେ । କିନ୍ତୁ ତାଲିବାନ ସରକାରକୁ ବିଶ୍ୱ କେତେଦୂର ସ୍ୱୀକୃତି ପ୍ରଦାନ କରିବ ତାହା ବିଚାର୍ଯ୍ୟ । ପାକିସ୍ତାନ, କତାର ଅବା ଅନ୍ୟ କିଛି ରାଷ୍ଟ୍ର ତାଲିବାନକୁ ସ୍ୱୀକୃତି ଦେବାଲାଗି ଯେତିକି ବ୍ୟଗ୍ର, ବିଶ୍ୱ ସମୁଦାୟ ତାଲିବାନଙ୍କ ଉପରେ ସେତିକି ଖପ୍ପା । ସେମାନଙ୍କ ଅତି କଠୋର ରକ୍ଷଣଶୀଳ ଓ ହିଂସାତ୍ମକ ଉଗ୍ର ଶାସନର ଉଦାହରଣ କେବଳ ସେ ଦେଶବାସୀ ନୁହଁନ୍ତି, ସାରା ଦୁନିଆ ଦେଖିସାରିଛି । କିନ୍ତୁ ପୂର୍ବଥର ଅପେକ୍ଷା ଏଥର ବିଶ୍ୱ ପରିସ୍ଥିତି ସଂପୂର୍ଣ୍ଣ ବଦଳି ସାରିଛି । ସେଥିରେ ବିଶ୍ୱ ସମୁଦାୟଙ୍କ ମୋହର ରହିବା ସୁନିଶ୍ଚିତ । ଏବେ ଯେହେତୁ ସେ ଦେଶର ରାଜନୈତିକ ଅବସ୍ଥା ତରଳ ସ୍ଥିତିରେ ରହିଛି ସମସ୍ତେ କେବଳ ଧୈର୍ଯ୍ୟର ସହ ଅପେକ୍ଷା କରି ପରିସ୍ଥିତି ଉପରେ ନଜର ରଖିଛନ୍ତି । ଆମେରିକା ସେଠାରୁ ସେନା ପ୍ରତ୍ୟାହାର କରିବା ନିଷ୍ପତ୍ତିକୁ ଯଥାର୍ଥ ବୋଲି କହୁଛି । ରାଷ୍ଟ୍ରପତି ଜୋ ବାଇଡେନ ଦାବି କରନ୍ତି ଯେ ବିଶ୍ୱ ଶାନ୍ତି ନିମନ୍ତେ ଆଫଗାନିସ୍ତାନରୁ ମାର୍କିନ୍ ସେନାଙ୍କୁ ପ୍ରତ୍ୟାହାର କରାଯାଇଛି ଏବଂ ଆଫଗାନିସ୍ତାନରେ ଆମେରିକାର ମିଶନ୍ ସଂପୂର୍ଣ୍ଣ ହୋଇଛି । ଅନ୍ୟ ୟୁରୋପୀୟ ରାଷ୍ଟ୍ରମାନେ ମଧ୍ୟ ଏବେ ପରିବର୍ତ୍ତିତ ସ୍ଥିତିରେ ତାଲିବାନ ଗୋଷ୍ଠୀଙ୍କ ସହ ଆଲୋଚନା କରିବା ସକାଶେ ଆଗଭର ହେଉଛନ୍ତି । ରୁଷିଆ ଓ ଚୀନ ଭଳି ରାଷ୍ଟ୍ରଙ୍କ ଭୂମିକା ଏପର୍ଯ୍ୟନ୍ତ ସ୍ପଷ୍ଟ ନୁହେଁ । କିନ୍ତୁ ଆଫଗାନିସ୍ତାନର ଭାଗ୍ୟ ଯେ ପୁଣି ଥରେ ତାଲିବାନଙ୍କ ସହିତ ଯୋଡ଼ି ହୋଇଯାଇଛି ତାହା ସତ୍ୟ । ତେଣୁ ସେ ଦେଶର ରାଜନୈତିକ ଭବିଷ୍ୟତ ନିର୍ଦ୍ଧାରଣ ସକାଶେ ଏବେ ବିଭିନ୍ନ ପ୍ରାନ୍ତୀୟ ଗୋଷ୍ଠୀଙ୍କ ମଧ୍ୟରେ ଘନଘନ ବୈଠକ ଅନୁଷ୍ଠିତ ହେଉଛି । ପଞ୍ଜସିର୍ କ୍ଷେତ୍ର ତାଲିବାନଙ୍କ ପ୍ରାଧାନ୍ୟକୁ ସ୍ୱୀକାର କରିବାକୁ ନାରାଜ । ତେଣୁ ସେଠାରେ ଭୟଙ୍କର ଗୋଷ୍ଠୀ ସଂଘର୍ଷ ଜାରି ରହିଛି । ସରକାର ଗଠନ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ନିମନ୍ତେ ତାଲିବାନ ନେତାମାନେ ପୁରୁଖା ନେତାମାନଙ୍କ ସହ ପରାମର୍ଶ କରୁଛନ୍ତି। ଏଭଳି ସ୍ଥିତିରେ ଭାରତ ନିଜ ନାଗରିକଙ୍କ ସ୍ୱାର୍ଥ ଦୃଷ୍ଟିରୁ ତାଲିବାନ ଗୋଷ୍ଠୀଙ୍କ ସହ ପ୍ରତ୍ୟକ୍ଷ କଥାବାର୍ତ୍ତା କରିବା ଯେତିକି ସମୀଚୀନ, ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖି ହାତେ ମାପି ଚାଖଣ୍ଡେ ଅଗ୍ରସର ହେବା ମଧ୍ୟ ସେତିକି ବିଜ୍ଞତା ହେବ ।

## ମନୁଷ୍ୟତା ବଞ୍ଚିରହୁ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
(ମୋ) ୯୪୩୮୪୮୫୦୯୪

ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବ ଆରମ୍ଭ ହୋଇଛି। ୭୫ବର୍ଷ ପୂର୍ବେ ଭାରତ ସ୍ୱାଧୀନ ହୋଇଥିଲା। ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଏକ ନୂଆ ଭାରତ ଗଠନ କରିବାର ସ୍ୱପ୍ନକୁ ସାକାର କରିବାର ସଂକଳ୍ପ ନେଇଥଲେ ଓ ଏହି ସଂକଳ୍ପକୁ ଲାଲକିଲ୍ଲାରୁ ଘୋଷଣା କରିଥିଲେ। ସେବେଠାରୁ ପ୍ରତିବର୍ଷ ଅଗଷ୍ଟ ୧୫ ତାରିଖ ଦିନ ଏହି ସଂକଳ୍ପକୁ ଦୋହରା ଯାଉଛି, ସ୍ୱାଧୀନତା ସଂଗ୍ରାମରେ ନିଜର ଜୀବନକୁ ଆହୁତି ଦେଇଥିବା ସଂଗ୍ରାମୀମାନଙ୍କର ସ୍ମୃତିଚାରଣ କରାଯାଉଛି। ସ୍ୱାଧୀନତା ସଂଗ୍ରାମରେ ତ ଅନେକ ଶହୀଦ ହୋଇଥିଲେ ତା' ବାଦ୍ ସ୍ୱାଧୀନତା ସହ ମିଳିଥିବା ବିଭାଜନ ବିଭିଷିକାର ଶୀକାର ହୋଇଥିଲେ ଲକ୍ଷ ଲକ୍ଷ ଲୋକ। ଲକ୍ଷଲକ୍ଷ ଲୋକଙ୍କ ବଳିଦାନରେ ଆମକୁ (ଭାରତକୁ) ଏହି ସ୍ୱାଧୀନତା ମିଳିଛି। ଏ ହେଉଛି ଆମର ଇତିହାସ। ବଳିଦାନ ଦେଇଥିବା ଲୋକଙ୍କ ସ୍ମୃତିଚାରଣ କରିବା ସହ ଆମେ ଏକ ନୂଆ ଇତିହା ସରଚନା କରିବା ଦିଗରେ କିଛି ସାର୍ଥକ ପଦକ୍ଷେପ ନେଇପାରିବା। ଅଗଷ୍ଟ ୧୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଇ ସ୍ମୃତିକୁ ଏକ ନୂଆ ସ୍ଲୋଗାନ ସହଯୋଡ଼ି ଦେଇଛନ୍ତି। ଲାଲକିଲ୍ଲାରୁ ସେ ଘୋଷଣା କରିଛନ୍ତି ଯେ, ଏବେ ଅଗଷ୍ଟ ୧୪ ଅର୍ଥାତ୍ ସ୍ୱାଧୀନତା ଦିବସର ପୂର୍ବ ଦିନକୁ ସାରା ଦେଶ ବିଭାଜନ ବିଭିଷିକା ସ୍ମୃତି ଦିବସ ଭାବରେ ପାଳନ କରିବ। ମୋଦୀଙ୍କ ମତ ହେଉଛି ଏହା ଫଳରେ ଏକତା, ସାମାଜିକ ସଦ୍‌ଭାବ ଏବଂ ମାନବୀୟ ସମ୍ବେଦନା ଅଧିକ ମଜଭୁତ୍ ହେବ। ଅନ୍ୟ ପକ୍ଷରେ ୧୪ ଅଗଷ୍ଟକୁ ବିଭାଜନ ବିଭିଷିକା ଦିବସ ଭାବେ ପାଳନ କରାଗଲେ ସାମାଜିକ ବିଭାଜନ ଏବଂ ବୈମନସ୍ୟର ଜହର ବା ଘୃଣାଭାବ ଅନେକାଂଶରେ ଦୂର ହୋଇପାରିବ।

କିନ୍ତୁ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ଏହି ବିଭାଜନ ବିଭିଷିକା ଦିବସ ପାଳନ କରାଗଲେ କ'ଣ ସାମ୍ପ୍ରଦାୟିକ ସଦ୍‌ଭାବବୃଦ୍ଧି ପାଇବ? ଦେଶ ବିଭାଜନ ଜନିତହିଂସା ଆମଭିତରେ ଥିବା ଅମାନୁଷିକତାକୁ ଉଜାଗର କରିଦେଇଥିଲା। ଧର୍ମ ନାମରେ ଲଗାଇ ଦିଆଯାଇଥିବା ସାମ୍ପ୍ରଦାୟିକତାର ନିଆଁରେ ମାନବୀୟ ସମ୍ବେଦନା ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ଏହା ଥିଲା ପଶୁତାର ଅଭିବ୍ୟକ୍ତି। ଏସବୁ ଘଟଣାକୁ ଭୁଲିହେବ ନାହିଁ କି ସେ ଘଟଣା ଘଟାଇଥିବା ଲୋକଙ୍କୁ ମଧ କ୍ଷମା ଦେଇହେବ ନାହିଁ। ଦେଶର ବିଭାଜନ ବେଳେ ଯାହା ସବୁ ଘଟିଥିଲା ତାହାସବୁ ଥିଲା ମନୁଷ୍ୟତାର ବିପରୀତ। ଅପରାଧୀ ସେଇମାନେ ଯେଉଁମାନେ ଧର୍ମ ନାମରେ ହିଂସା ଘଟାଇଥିଲେ। ଏହିମାନେ ଆମ ସମାଜକୁ ହିନ୍ଦୁ ଓ ମୁସଲମାନ ନାମରେ ବିଭାଜିତ କରି ଦେଇଥିଲେ। ଦେଶର ବିଭାଜନ କଥା ତ' ବୁଝିହେଉଛି। ଏହାର ରାଜନୈତିକ କାରଣ ନେତୃତ୍ୱର କୁତ୍ସିତ ମହତ୍ୱାକାଂକ୍ଷା ହୋଇପାରେ। କିନ୍ତୁ ମଣିଷ ମଣିଷ ମଧ୍ୟରେ ଠିଆ କରାଯାଇଥିବା ପ୍ରାଚୀରର ତର୍କ କିଛି ବୁଝିହୁଏ ନାହିଁ। ଏହା ବୁଝିବା କଷ୍ଟକର। ଧର୍ମ ନାମରେ ହୋଇଥିବା ହିଂସା ସେତେବେଳେ କ୍ଷମ୍ୟ ନଥିଲା କି ଆଜିବି କୌଣସି ବି ଦୃଷ୍ଟିକୋଣରୁ ଏହାକୁ ଠିକ୍ ବୋଲି କୁହାଯାଇପାରିବ ନାହିଁ। ସାମ୍ପ୍ରଦାୟିକ ହିଂସା ଘଟାଉଥିବା ଲୋକ ସେତେବେଳେ ଅପରାଧୀ ଥିଲେ, ଆଜିବି ଅପରାଧୀ। ଏଇଥିପାଇଁ ଏବେ ଯେତେବେଳେ ବିଭାଜନ ବିଭିଷିକାକୁ ମନେ ପକାଇବା ପାଇଁ ଉଦ୍ୟମ କରାଯାଉଛି ସେତେବେଳେ ଆମେ ମନେ ରଖିବା ଆବଶ୍ୟକ ଯେ ୭୫ ବର୍ଷ ପୂର୍ବେ ଯେଉଁ ବିଚାରରେ ସାମ୍ପ୍ରଦାୟିକତାର ନିଆଁକୁ ଲଗାଇଥିଲା ସେଇ ବିଚାରକୁ ଆଧାର କରି ଆଜିବି ମଣିଷକୁ ବାଣ୍ଟିବା (ବିଭାଜିତ କରିବା) ପାଇଁ ଉଦ୍ୟମ ଚାଲିଛି। ଏଣୁ ସେଇ ବିଭିଷିକାକୁ ନୁହେଁ ବରଂ ସେଇ କୁତ୍ସିତ ବିଚାରକୁ ମନେ ପକାଇ କେମିତି ସେଥିରୁ ମୁକ୍ତି ପାଇବା ସେବାବଦରେ ଚିନ୍ତା କରାଯିବାର ଆବଶ୍ୟକତା ରହିଛି।

ସେଇ ୧୯୪୭ ଅଗଷ୍ଟ ୧୪ ତାରିଖର ଘଟଣା ଅମାନବୀୟ ଥିଲା। କିନ୍ତୁ ଏହା ସତ୍ତ୍ୱେ ଆଶାରକିରଣ ମଧ ଦେଖାଇଥିଲା। ଏହି ଆଶାରକିରଣ ଦେଖାଇଥିଲେ ରାଷ୍ଟ୍ରପିତା ମହାତ୍ମାଗାନ୍ଧୀ। ଅଗଷ୍ଟ ୧୪ ତାରିଖ ମଧ ରାତ୍ରିରେ ଯେତେବେଳେ ସାରା ଦେଶ ତ୍ରିରଙ୍ଗା ପତାକା ଉଡ଼ାଇବା ପାଇଁ ପ୍ରସ୍ତୁତି ଚଳାଇଥିଲା ସେତେବେଳେ ରାଷ୍ଟ୍ରପିତା । ଗାନ୍ଧୀ ରାଜଧାନୀ ଦିଲ୍ଲୀଠାରୁ ଦୂରରେ କୋଲକାତାରେ ସାମ୍ପ୍ରଦାୟିକ ନିଆଁକୁ ଲିଭାଇବାରେ ବ୍ୟସ୍ତ ଥିଲେ। ୨୪ଘଣ୍ଟା ଉପବାସରେ ରହିଲେ ଗାନ୍ଧୀ। ଗାନ୍ଧୀଙ୍କ ସନ୍ଦେଶ ଥିଲା ଆଜି ଆମ ମାନଙ୍କୁ କଣ୍ଟାର ମୁକୁଟ୍ ପିନ୍ଧିବାକୁ ପଡ଼ିବ। ସତ୍ୟ ଓ ଅହିଂସାକୁ ଗୁରୁତ୍ୱ ଦେବାକୁ ପଡ଼ିବ। ବିନମ୍ର ହୁଅ, ସହିଷ୍ଣୁ ହୁଅ। ଏବେଠାରୁ ତୁମକୁ ପ୍ରତିଦିନ ପରୀକ୍ଷା ଦେବାକୁ ପଡ଼ିବ। ଶାସନକୁ ସାବଧାନ। ଶାନର ଅହମିକା ଜାଲରେ ଫସନାହିଁ। ଭାରତର ଗରୀବ ଲୋକଙ୍କ ସେବାରେ ନିଜକୁ ସମର୍ପିତ କର। ଗାନ୍ଧୀଜୀଙ୍କ ଏହି ସନ୍ଦେଶ ସେଇମାନଙ୍କ ପାଇଁ ଥିଲା ଯେଉଁମାନେ ଭାରତର ଶାସନ ଭାର ନିଜ ହାତକୁ ନେବାକୁ ପ୍ରସ୍ତୁତ ହେଉଥିଲେ। ଦେଶବାସୀଙ୍କ ପାଇଁ ଗାନ୍ଧୀଙ୍କ ସନ୍ଦେଶ ଥିଲା 'ସଚ୍ଚା ଧର୍ମ ବିଭାଜନ କରେ ନାହିଁ, ଯୋଡି ଦେଇଥାଏ।' ଗାନ୍ଧୀଙ୍କ ପ୍ରଚେଷ୍ଟା ବଳରେ ଓ ଅନ୍ୟପକ୍ଷରେ କହିବାକୁ ଗଲେ ଗାନ୍ଧୀଙ୍କ ସନ୍ଦେଶକୁ ବୁଝି ପାରିଥିଲା । କୋଲକାତା ସାମ୍ପ୍ରଦାୟିକ ହିଂସା କମିଥିଲା। ବିଭାଜନ ବିଭିଷିକା ଦିବସ ପାଳିତ ହେଉ। କିନ୍ତୁ ବିଭିଷିକାକୁ ମନେ ପକାଇବାର ଅର୍ଥ କିଛି ରହିବ ନାହିଁ ଯଦି ଆମେ ତା'ର କାରଣକୁ ବୁଝି ନପାରିବା। ଏକଥା ମଧ ବୁଝିବା ଆବଶ୍ୟକ ଯେ, ୭୫ବର୍ଷ ପୂର୍ବେ ହିନ୍ଦୁ ମୁସଲମାନ ପରସ୍ପରର ଶତ୍ରୁ ହୋଇ ଯାଇଥିଲେ କାହିଁକି? ଏକଥା ମଧ ସତ୍ୟ ଯେ, ନିରପରାଧ ଲୋକଙ୍କର ଶବକୁ ନେଇ ରେଳଗାଡି ଲାହୋରରୁ ଅମୃତସର ଆସିଥିଲା ଓ ପ୍ରତି ବଦଳରେ ଅମୃତସରରୁ ରେଳଗାଡି ମଧ ଲାହୋର ଯାଇଥିଲା। ଆଉ ଏମିତି ଘଟଣା ଯେମିତି ନଘଟିବ ସେ କଥା ଆମେ ଚିନ୍ତା କରିବା ଉଚିତ୍। କିନ୍ତୁ ଆମେ ସେମିତି ଚିନ୍ତା କରୁନାହେଁ। ଏକ ଲଜ୍ଜାଜନକ ସତ୍ୟ ହେଉଛି ଦେଶରେ ଯେତେବେଳେ ସାମ୍ପ୍ରଦାୟିକ ଘଟଣା ଘଟୁଛି ସେତେବେଳେ ରାଜନୈତିକ ଦଳମାନେ ଘଟଣାକୁ ରୋକିବା ପରିବର୍ତ୍ତେ ସେଥିରୁ ରାଜନୈତିକ ଫାଇଦା ଉଠାଇବା ପାଇଁ ଉଦ୍ୟମ କରୁଛନ୍ତି। ବିଭାଜନ ବିଭିଷିକା ଦିବସ ପାଳିତ ହେଉ। କିନ୍ତୁ ଧର୍ମକୁ ନେଇ ସମ୍ପ୍ରଦାୟକୁ ନେଇ ଆଉ ଯେପରି ହିଂସାକାଣ୍ଡ ନଘଟୁ ସେଥିପାଇଁ ଆମକୁ ସଂକଳ୍ପ ନେବାକୁ ପଡ଼ିବ। ଧର୍ମ ପାଇଁ ମନୁଷ୍ୟତାକୁ ଭୁଲିଯିବା ଅନୁଚିତ୍। ମନୁଷ୍ୟତା ବଞ୍ଚି ରହୁ।

## ଗୁରୁଦିବସ ଓ ସାଂପ୍ରତିକ ସମାଜ



ଅଧ୍ୟାପକ ଶରତ କୁମାର ଦାସ

ଦେବଭୂମି ଭାରତ ବର୍ଷ ଅନେକ ପରମ୍ପରାର ଦେଶ । ପବିତ୍ର ବେଦର ଓଁକାର ଧ୍ୱନି ସହିତ ପ୍ରାଚୀ ଦିଗବଳୟରେ ପ୍ରତିଭାତ ହୁଅନ୍ତି ଦେବ ବିକର୍ତ୍ତନ ଓ ଶୁଭ ଶଙ୍ଖ, ଘଣ୍ଟ ଘଣ୍ଟା ମଙ୍ଗଳ ଆଳତିର ମୁଗ୍ଧ ମୂର୍ଚ୍ଛନାରେ ଅସ୍ତ ହୁଅନ୍ତି ପ୍ରତୀଚୀ ଆକାଶେ । ଏ ଦେଶର ମାଟି, ପାଣି, ପବନରେ ଭରି ରହିଛି ପ୍ରଣବ ମନ୍ତ୍ରର ଅପୂର୍ବ ଝଙ୍କାର। 'ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟାଃ...'ର ଶାଶ୍ୱତ ରାଗିଣୀ ଦେହ, ମନ, ପ୍ରାଣକୁ ପୁଲକିତ କରେ ପ୍ରତି ମୁହୂର୍ତ୍ତରେ । ଶିରାପ୍ରଶିରାରେ ଖେଳିଯାଏ ଅପୂର୍ବ ଆନନ୍ଦ । ସେହି ଆନନ୍ଦ ଭିତରେ ଅନୁଭୂତ ହୁଏ ଅନ୍ତରର ଶକ୍ତି । ଜାଜ୍ୱଲ୍ୟମାନ ହୁଏ ଅତୀତର ସ୍ମୃତି । ସ୍ମରଣ ଆସେ ଆମ ପ୍ରାଚୀନ ସଭ୍ୟତା, ଐତିହ୍ୟ ଓ ମହାନ ପରମ୍ପରାର ବର୍ଣ୍ଣବିଭା । ଆଖିରେ ନାଚିଯାଏ ଗୁର-ଶିଷ୍ୟ ପବିତ୍ର ସମ୍ପର୍କର ସମଂଜୁଳ ଦୃଶ୍ୟରାଜି ।

ପ୍ରାଚୀନ ବୈଦିକ ଯୁଗରେ ବର୍ଣ୍ଣାଶ୍ରମ ଧର୍ମ ପ୍ରଚଳିତ ଥିଲା । ଜୀବନର ଆଦ୍ୟ ଚତୁର୍ଥାଂଶ ଗୁରୁଙ୍କ ଆଶ୍ରମରେ ଶିକ୍ଷା ଗ୍ରହଣରେ ଉତ୍ସର୍ଗୀକୃତ ହେଉଥିଲା। ମନୁଷ୍ୟ ଏହି ଶିକ୍ଷାର ଦିଗଦର୍ଶନରେ ଜୀବନ ଅତିବାହିତ କରୁଥିଲା। ଶିଷ୍ୟମାନେ ଗୁରୁଙ୍କ ଆଶ୍ରମର ପର୍ଣ୍ଣ କୁଟୀରରେ ରହି ଏକ ଶାନ୍ତ ମୁଗ୍ଧ ଓ କମନୀୟ ପରିବେଶ ମଧ୍ୟରେ ବିଦ୍ୟା ଅଧ୍ୟୟନ କରୁଥିଲେ । କଠିନ ଶୃଙ୍ଖଳା ଗୁରୁକୁଳ ଶିକ୍ଷା ବ୍ୟବସ୍ଥାର ମୁଖ୍ୟ ବୈଭବ ଥିଲା । କେବଳ ବିଦ୍ୟା-ଶିକ୍ଷା ଲାଭକରି ବିପୁଳ ଶାସ୍ତ୍ର ଜ୍ଞାନର ଅଧିକାରୀ ହୋଇପାରିଲେ ଯେ ଜଣେ ପୂର୍ଣ୍ଣାଙ୍ଗ ମଣିଷ ହୋଇପାରିବ ତାହା ନୁହେଁ । ବ୍ୟାବହାରିକ ବିଦ୍ୟା-ଶିକ୍ଷା ସହିତ ଶାରୀରିକ ଶକ୍ତି, ସାଧାରଣ ଜ୍ଞାନ, ନମ୍ରତା ଓ ସହିଷ୍ଣୁତା ଆଦି ଗୁଣାବଳୀର ବିକାଶ ବିନା ଜଣେ ପୂର୍ଣ୍ଣାଙ୍ଗ ମଣିଷରେ ପରିଣତ ହେବା ଅସମ୍ଭବ । ତେଣୁ ଗୁରୁକୁଳ ଶିକ୍ଷା ବ୍ୟବସ୍ଥାରେ ଶିଷ୍ୟର ଉଭୟ ମାନସିକ ଓ ଶାରୀରିକ ବିକାଶ ଉପରେ ଗୁରୁତ୍ୱ ଦିଆଯାଉଥିଲା । ପ୍ରାଚୀନ ଭାରତୀୟ ଗୁରୁମାନେ ଶିଷ୍ୟର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦେଉଥିଲେ । ବିଦ୍ୟା-ଶିଷ୍ୟ ସମାପ୍ତି ପରେ କିପରି ଜଣେ ସାଧାରଣ ଭାବରେ ସବୁ କ୍ଷେତ୍ରରେ ନିଜକୁ ଉପଯୋଗୀ କରାଇପାରିବ ତାହା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିଉଥଲା। ଶିଷ୍ୟମାନେ ମଧ୍ୟ ଏକାନ୍ତ ନିଷ୍ଠା ଓ ଏକାଗ୍ରତା ସହିତ ବିଦ୍ୟାଧ୍ୟୟନ କରି ଜୀବନରେ ସଫଳ ହେଉଥିଲେ । ବର୍ତ୍ତମାନ ଆମେ ପ୍ରାଚୀନ ଗୁରୁକୁଳ ଆଶ୍ରମରେ ବିଦ୍ୟାଧ୍ୟୟନ କରି ଯଶଃକୀର୍ତ୍ତି ଅର୍ଜନ କରିଥିବା ଦୁଇ ଜଣ ଏକାନ୍ତ ଗୁରୁ ଅନୁଗତ ଓ ବାଧ ଶିଷ୍ୟଙ୍କ ବିଷୟରେ ଆଲୋଚନା କରିବା ।

ଗୁରୁ ଧୌମ୍ୟ ଋଷିଙ୍କର ଅନେକ ଶିଷ୍ୟ ଥିଲେ। ସେମାନଙ୍କ ମଧ୍ୟରେ ସର୍ବାଗ୍ରେ ଏକାନ୍ତ ନମ୍ର, ବିନୟୀ ତଥା ଅଧ୍ୟବସୟୀ ଶିଷ୍ୟ ଥିଲେ ଆରୁଣୀ ଓ ଉପମନ୍ୟୁ । ପ୍ରଥମେ ଆରୁଣୀଙ୍କ ବିଷୟରେ ଆଲୋଚନା କରାଯାଉ। ଆରୁଣୀ ଥିଲେ ଗୁରୁ ଧୌମ୍ୟଙ୍କର ଜଣେ ଅନୁଗତ ଶିଷ୍ୟ । ଆଶ୍ରମ ଅଧୀନରେ ଥିବା କୃଷିକ୍ଷେତ୍ରର ସେ ଦାୟିତ୍ୱରେ ଥିଲେ ଓ କୃଷିକାର୍ଯ୍ୟର ଦେଖାଶୁଣା କରୁଥିଲେ ଗୁରୁଙ୍କ ନିର୍ଦ୍ଦେଶରେ । ସବୁକ୍ଷେତ୍ରରେ ସେ ପାରଙ୍ଗମ ଥିଲେ । ଗୁରୁଙ୍କୁ ମଧ ଏହା ଜଣାଥିଲା ଯେ ଆରୁଣୀ ଜଣେ ପ୍ରଚଣ୍ଡ ପ୍ରତିଭାଯୁକ୍ତ ଶିଷ୍ୟ । ଏହା ଜାଣି ମଧ ଗୁରୁ ତାଙ୍କୁ ଅନ୍ୟତ୍ର ଛାଡୁନଥିଲେ। ସେ ଚାହୁଁଥିଲେ କି ତାଙ୍କର ପ୍ରିୟ ଶିଷ୍ୟ ଯଥାର୍ଥ ବିଦ୍ୟା-ଶିକ୍ଷାର ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୁଅନ୍ତୁ । ତେଣୁ ସେ ଉପଯୁକ୍ତ ସମୟକୁ ଅପେକ୍ଷା କରିଥିଲେ। ସେ ସମୟ ବି ଆସିଲା ବର୍ଷା ଋତୁରେ। ଦିନେ ରାତିରେ ପ୍ରବଳ ବର୍ଷା ହେଉଥିଲା । ପାହାଡ ତଳେ ଥିବା ଶସ୍ୟ- କ୍ଷେତ ପାଣିରେ ଉଜୁଡ଼ିଯିବାର ଯଥେଷ୍ଟ ସମ୍ଭାବନା ଥିଲା। ଗୁରୁ ଅତ୍ୟନ୍ତ ଦୁଃଖର ସହିତ ଏସବୁ ଲକ୍ଷ୍ୟ କରୁଥିଲେ । ଆରୁଣୀଙ୍କୁ ଡାକି କିଛି ଗୋଟିଏ ବ୍ୟବସ୍ଥା କରିବାକୁ କହିଲେ। ଆଜ୍ଞାଧୀନ ଆରୁଣୀ ଗୁରୁଙ୍କ ନିର୍ଦ୍ଦେଶରେ ବର୍ଷାରାତିକୁ ଭ୍ରୁକ୍ଷେପ ନକରି ଶସ୍ୟକ୍ଷେତ୍ରରେ ପହଂଚି ପରିସ୍ଥିତି ନୀରିକ୍ଷଣ କଲେ । ଦେଖିଲେ ଯେ ଶସ୍ୟ-କ୍ଷେତ ଚାରିପଟେ ଥିବା ମାଟିବନ୍ଧଟିର କୌଣସି ଗୋଟିଏ ସ୍ଥାନ ଦୁର୍ବଳ ହୋଇ ଭୁଷୁଡି ପଡିବାର ସମ୍ଭାବନା ସୃଷ୍ଟି କରିଛି । ବନ୍ଧରେ ସୃଷ୍ଟି ହୋଇଥିବା ଫାଟ କ୍ରମଶଃ ବୃଦ୍ଧି ପାଉଥିବାର ଲକ୍ଷ୍ୟ କରି ବ୍ୟତିବ୍ୟସ୍ତ ହୋଇପଡିଲେ ସେ । ବନ୍ଧ ସେ ପଟରେ ଉପରମୁଣ୍ଡରୁ ଶସ୍ୟକ୍ଷେତ୍ରକୁ ଝରିଆସୁଥିବା ପାଣି କ୍ଷେତ ପ୍ରତି ବିପଦ ସୃଷ୍ଟି କରିବାର ଯଥେଷ୍ଟ ଅଧିକ ସମ୍ଭାବନା ଥିଲା । ଫାଟଟିକୁ ବନ୍ଦ କରିବାକୁ ଚେଷ୍ଟା କଲେ । ମାତ୍ର ପ୍ରବଳ ବର୍ଷା ଓ ରାତି ଅନ୍ଧାର କାରଣରୁ ତାହା ସମ୍ଭବ ହୋଇପାରିଲା ନାହିଁ । ଅନ୍ୟ କିଛି ଉପାୟ ନପାଇ ଅଗତ୍ୟା ଫାଟ ନିକଟରେ ଶୋଇପଡିଲେ ଓ ଝର ପାଣିକୁ ବନ୍ଦ କରିବାକୁ ଚେଷ୍ଟା କଲେ ।

ଏପଟେ ଆରୁଣୀଙ୍କର ଆଶ୍ରମକୁ ଫେରିବାର ବିଳମ୍ବ ହେବାର ଦେଖି ଗୁରୁ ଧୌମ୍ୟ ବ୍ୟସ୍ତ ହୋଇପଡିଲେ । ମଶାଲ ଧରି ସେହି ଅନ୍ଧାର ରାତିରେ କିଛି ଶିଷ୍ୟଙ୍କ ସହିତ ଶସ୍ୟ-କ୍ଷେତରେ ପହଂଚି ଆରୁଣୀ ତଳେ ଶୋଇ ପାଣିକୁ ଅଟକାଇବାର ଦୃଶ୍ୟ ଦେଖି ଯେତିକି ଆଶ୍ଚର୍ଯ୍ୟ ହେଲେ ତା'ଠାରୁ ଅଧିକ ପ୍ରୀତ ହେଲେ ।' ଧନ୍ୟ ଧନ୍ୟ ତମ ଗୁରୁଭକ୍ତି'-ମନେ ମନେ ପ୍ରଶଂସା କଲେ ଗୁରୁ ମୁନି ଧୌମ୍ୟ। ଆରୁଣୀ ଯେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ତାହା ସମ୍ପୂର୍ଣ୍ଣ ରୂପେ ଅବଗତ ହେଲେ ଗୁରୁ ମୁନି ଧୌମ୍ୟ । ଜୀବନର ସବୁ ପରିସ୍ଥିତିକୁ ଯେ ସେ ସହଜରେ ସମ୍ମୁଖୀନ କରିପାରିବେ ଏହା ମଧ୍ୟ ଗୁରୁ ଜାଣିପାରିଲେ । ପ୍ରଚଣ୍ଡ ଜ୍ଞାନର ଅଧିକାରୀ ତାଙ୍କ ଯୋଗ୍ୟ ଶିଷ୍ୟ ଯେ ଶାରୀରିକ ଶ୍ରମ ପାଇଁ ସମର୍ଥ ତାହା ମଧ ଜାଣିପାରିଲେ । ତାଙ୍କ ଶିଷ୍ୟ ଏବେ ପୂର୍ଣ୍ଣାଙ୍ଗ ମଣିଷ, ଅତଏବ ଗୁରୁକୁଳ ଛାଡି ଅନ୍ୟତ୍ର ବିଦ୍ୟା ଦାନ ପାଇଁ ସମର୍ଥ ସହିତ ସାଂସାରିକ ଜୀବନଯାପନ କରିବାକୁ ଯୋଗ୍ୟ। ପରବର୍ତ୍ତୀ ସମୟରେ କହିବା ବାହୁଲ୍ୟ ଯେ ଆରୁଣୀ ଗୁରୁଙ୍କ ନିର୍ଦ୍ଦେଶରେ ଆଶ୍ରୟ ପରିତ୍ୟାଗ କରି ବିଦ୍ୟା ଦାନ ପାଇଁ ଅନ୍ୟତ୍ର ଯାଇଥିଲେ । ଏବେ ଗୁରୁ ଧୌମ୍ୟଙ୍କର ଅନ୍ୟ ଜଣେ ଯୋଗ୍ୟ ଶିଷ୍ୟ ଉପମନ୍ୟୁଙ୍କ ବିଷୟରେ ଆଲୋଚନା କରାଯାଉ । ଉପମନ୍ୟୁ ଆଶ୍ରମର ଗୋପାଳନ ଦାୟିତ୍ୱରେ ଥିଲେ। ଗୋରୁଗାଈଙ୍କ ଦେଖାଶୁଣା କରିବା ସହିତ ସେମାନଙ୍କ ଚାରଣ କାର୍ଯ୍ୟ ସମ୍ପାଦନ କରୁଥିଲେ । ମାତ୍ର ଗୁରୁ ତାଙ୍କର ଖାଦ୍ୟପେୟ ବିଷୟରେ କୌଣସି ବ୍ୟବସ୍ଥା କରିନଥିଲେ। ଗୁରୁ ମଧ ଉପମନ୍ୟୁଙ୍କ ଯଥାର୍ଥ ବିଦ୍ୟା ଶିକ୍ଷାର ପ୍ରମାଣ ନେବାକୁ ଚାହୁଁଥିଲେ। ଦିନେ ଗୁରୁ ଉପମନ୍ୟୁଙ୍କୁ ଡାକି ତାଙ୍କ ଖାଦ୍ୟ ଗ୍ରହଣ ବିଷୟରେ ଜାଣିବାକୁ ଚାହିଁଲେ। ଗୋରୁ ଚାରଣ ସମୟରେ ଗୁରୁଙ୍କୁ ଛାଡି ଦେଇ ଭିକ୍ଷାବୃତ୍ତି କରି ଖାଦ୍ୟ ସଂଗ୍ରହ କରିବା କଥା ଉପମନ୍ୟୁ କହିଲେ। କିନ୍ତୁ ତାଙ୍କର ଏଭଳି ଉତ୍ତରରେ ଗୁରୁ ଅସନ୍ତୁଷ୍ଟ ହେଲେ । ଗୁରୁଙ୍କ ନିର୍ଦ୍ଦେଶ ବିନା ଏହା କରିବା ପାପ ବୋଲି କହିବା ସହିତ ଏହା ମଧ ନିଜ କର୍ତ୍ତବ୍ୟର ଅବହେଳା ବୋଲି କହିଲେ । ଉପମନ୍ୟୁ ଏହା ଶୁଣି ଦିନବେଳେ ଭିକ୍ଷାବୃତ୍ତି ବନ୍ଦକରି ରାତ୍ରି ସମୟରେ ଭିକ୍ଷା ସଂଗ୍ରହ କରି ନିଜର କ୍ଷୁଧା ନିବାରଣ କଲେ । ଗୁରୁ ଏହା ଜାଣି ପାରି ଏପରି କାର୍ଯ୍ୟ କରିବାକୁ ବାରଣ କଲେ । ସଂଗୃହୀତ ସମସ୍ତ ଭିକ୍ଷାରେ ଗୁରୁଙ୍କର ଯେ ଅଧିକାର ଅଛି ଏକଥା ସ୍ପଷ୍ଟ ଭାବେ କହିଲେ। ଏହା ଶୁଣି ଅତ୍ୟନ୍ତ ଦୁଃଖୀ ହୋଇପଡିଲେ ଉପମନ୍ୟୁ । ତେଣୁ ସେ ଦୁଇଥର ଭିକ୍ଷା ଗ୍ରହଣ କଲେ। ପ୍ରଥମ ଥରର ଭିକ୍ଷା ଗୁରୁଙ୍କୁ ଅର୍ପଣ କରି ସଂଗୃହୀତ ଦ୍ୱିତୀୟ ଥରର ଭିକ୍ଷା ନିଜେ ଗ୍ରହଣ କଲେ। ଗୁରୁ ମଧ ଏହା ଜାଣି ପାରି ପୁନଶ୍ଚ ଏପରି ନକରିବାକୁ ନିର୍ଦ୍ଦେଶ ଦେଲେ ।

ଉପମନ୍ୟୁ ଏଥର ସମ୍ପୂର୍ଣ୍ଣ ବିବ୍ରତ ହୋଇପଡିଲେ । ଅନ୍ୟ କିଛି ଉପାୟ ନପାଇ ନିଜେ ଚରାଉଥିବା ଗାଈଙ୍କ ଠାରୁ ଦୁଗ୍ଧ ସଂଗ୍ରହ ପୂର୍ବକ ପାନ କରି ନିଜର କ୍ଷୁଧା ମେଣ୍ଟାଇଲେ। ଏହା ମଧ ଅନୁଚିତ ବୋଲି ଗୁରୁ ମତବ୍ୟକ୍ତ କଲେ । ଏହା ଦ୍ୱାରା କଅଁଳା ବାଛୁରୀଙ୍କ ଖାଦ୍ୟରେ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ଅଛି ବୋଲି କହିଲେ। ପରବର୍ତ୍ତୀ ସମୟରେ ଅନ୍ୟ କିଛି ଉପାୟ ନପାଇ ଖାଦ୍ୟ ଗ୍ରହଣ ପରେ ବାଛୁରୀଙ୍କ ମୁହଁରେ ଲାଗିଥିବା ଫେଣକୁ ଆହାରଣ କରି ନିଜର କ୍ଷୁଧା ମେଣ୍ଟାଇଲେ ଉପମନ୍ୟୁ। ଏପରି କରିବାକୁ ପୁନଶ୍ଚ ବାରଣ କଲେ ଗୁରୁ । ଉପମନ୍ୟୁ ମଧ୍ୟ ନିଜର ଏତାଦୃଶ କାର୍ଯ୍ୟରେ ଲଜ୍ଜିତ ହେଲେ ଓ ଏଭଳି ନକରିବାକୁ ଶପଥ ଗ୍ରହଣ କଲେ ।

ଭୋକ ଉପବାସରେ ସମୟ ଅତିବାହିତ କଲେ ଶିଷ୍ୟ ଉପମନ୍ୟୁ । ଦିନକୁ ଦିନ କ୍ଷୁଧାର ଜ୍ୱଳନ ଅସହ୍ୟ ହୋଇପଡିଲା । ଦିନେ ପେଟର ଭୋକ ସହି ନପାରି ଅରଖ ପତ୍ର ଭକ୍ଷଣ କରି ନିଜର କ୍ଷୁଧା ନିବାରଣ କଲେ । ମାତ୍ର ଏହା ବିଷାକ୍ତ ହୋଇଥିବାରୁ କିଛିଦିନ ପରେ ସେ ନିଜର ଦୃଷ୍ଟିଶକ୍ତି ହରାଇ ବସିଲେ । ଏପରିକି ନିଜେ ଚାଲିବାକୁ ଅସମର୍ଥ ହୋଇପଡିଲେ । ଦିନେ ଅଣ୍ଡାଳି ଅଣ୍ଡାଳି ବାଟ ଚାଲୁଥିବା ବେଳେ ଏକ ପରିତ୍ୟକ୍ତ କୂପ ମଧ୍ୟେ ପତିତ ହୁଅନ୍ତେ ଅସ୍ତବ୍ୟସ୍ତ ହୋଇ ନିଜ ଗୁରୁ ଦେବଙ୍କୁ ସ୍ମରଣ କଲେ । ଗୁରୁ ମଧ ଉପମନ୍ୟୁଙ୍କର ଆଶ୍ରମ ପ୍ରତ୍ୟାବର୍ତ୍ତନର ବିଳମ୍ବ ଦେଖି ତାଙ୍କ ଅନ୍ୱେଷଣରେ ବାହାରି ପଡିଲେ ଏବଂ ସମସ୍ତ ବୃତ୍ତାନ୍ତ ଜାଣିପାରିଲେ । ଶେଷରେ ଗୁରୁଙ୍କ କୃପା ବଳରେ ଦେବବୈଦ ଅଶ୍ୱୀନି କୁମାରଙ୍କ ସାହାଯ୍ୟ ପାଇ ଉପମନ୍ୟୁ ଦୃଷ୍ଟି ଶକ୍ତି ଫେରିପାଇଲେ। ଗୁରୁ ମୁନି ଧୌମ୍ୟ ପ୍ରୀତ ହୋଇ ତାଙ୍କୁ ଆଶୀର୍ବାଦ କଲେ । ପରବର୍ତ୍ତୀ ସମୟରେ ଗୁରୁଙ୍କ ଆଶିଷ ବଳରେ ଉପମନ୍ୟୁ ଗୁରୁ ଉପମନ୍ୟୁ ରୂପେ ପରିଚିତ ହେଲେ ।

ଯଥାର୍ଥରେ କହିଲେ ଗୁରୁଙ୍କ ଆଶିଷ ବିନା ଶିଷ୍ୟର ଜୀବନ ଅଧୁରା । ଗୁରୁଙ୍କର ଶିକ୍ଷା, ଦୀକ୍ଷା ଆଦର୍ଶ ଜଣେ ଶିଷ୍ୟ ପାଇଁ ଅମୃତ ତୁଲ୍ୟ । ଗୁରଙ୍କ ବାଣୀ ହିଁ ଅମୃତ ବାଣୀ। ଗୁରୁ-ଶିଷ୍ୟର ସମ୍ପର୍କକୁ ଉଜ୍ଜୀବିତ କରିବା ସହିତ ଗୁରୁଙ୍କ ଆଦର୍ଶରେ ପରିଚାଳିତ ହେବା ପ୍ରତ୍ୟେକ ଶିଷ୍ୟର କର୍ମ ଓ ଧର୍ମ ମଧ୍ୟ । ଗୁରୁଦିବସ ପାଳନର ପ୍ରଥମ ଓ ସର୍ବ ପ୍ରଧାନ ଲକ୍ଷ୍ୟ ହେଉଛି ଗୁରୁ-ଶିଷ୍ୟର ପବିତ୍ର ସମ୍ପର୍କକୁ ସ୍ଥାୟୀ କରିବା ସହିତ ସମାଜ ଗଠନ କ୍ଷେତ୍ରରେ ନିଜକୁ ନିୟୋଜିତ କରିବା ।

ଆଜିର ସଭ୍ୟ ଓ ଶିକ୍ଷିତ ମଣିଷ ପ୍ରତିଟି କ୍ଷେତ୍ରରେ ସଫଳତା ଅର୍ଜନ କରିଚାଲିଛି । ବିଜ୍ଞାନ ତଥା ପ୍ରଯୁକ୍ତି ବିଦ୍ୟାକୁ ପ୍ରୟୋଗ କରି ଆମେ ଅସାଧ୍ୟକୁ ସହଜରେ ସାଧ କରିପାରୁଛୁ । ମାତ୍ର ପରିତାପର ବିଷୟ ଏହିକି ଯେ ଏତେ ବସ୍ତୁବାଦୀ ପ୍ରଗତି ଫଳରେ ଆମେ କାହିଁକି କେଜାଣି ଅଣନିଃଶ୍ୱାସୀ ହୋଇପଡୁଛୁ। (ଅବଶିଷ୍ଟାଂଶ ପୃଷ୍ଠା-୭ରେ)




### ସୂତ୍ରଧର



ରତ୍ନାକର ରାଉତ

ତୁମେ ତୁମ ଭିତରେ ଥାଅ
ବୀଜ ଭିତରେ ବୃକ୍ଷ ପରି ।
ତୁମେ ଶୂନ୍ୟରେ ଥାଅ
ମହାଶୂନ୍ୟରେ ବ୍ରହ୍ମାଣ୍ଡ ପରି ।
ତୁମେ ଜନ୍ମ ହୁଅ ଯୋନିରେ
ମାତ୍ର ଅଯୋନି ସମ୍ଭୂତ
ହୋଇପାର ଚାହିଁଲେ ।

ତୁମେ ପଳାୟନ କର ଗୋପନରେ
ସବୁ ଜାଣି ଅଜଣା ରୁହ କପଟରେ
ଯୁଦ୍ଧ ଜିଣ ଛଳରେ, କଉଶଳରେ
ପୁଣି ନିଜ ଭିତରେ ଥାଅ ନିଜେ,
ସଭିଙ୍କ ଭିତରେ ଥାଅ ସଭିଙ୍କ ପରି ।

ତୁମେ ରୂପ ଭିତରେ ଥାଅ ଅରୂପ ହୋଇ
କେବେ ଇଚ୍ଛା କଲେ ଅରୂପ ଭିତରୁ
ରୂପ ଧରି ଆବିର୍ଭାବ ହୋଇଯାଅ ।

ତୁମେ କର୍ମଫଳ ଭୋଗ, ଯନ୍ତ୍ରଣା ପାଅ
ବିରହ ବେଦନାରେ ଘାରି ହୁଅ,
ନିନ୍ଦା, ଅପବାଦ, କୁତ୍ସାରଟନା ଶୁଣ,
କ୍ରୋଧ, କାମନାର ଶିକାର ହୁଅ ।

ଏସବୁ ଭିତରେ ଥାଇ ମଧ
କେମିତି ନିର୍ବିକାର ହୋଇ ରହିଥାଅ?

ତୁମକୁ ଦେଖିହୁଏ, ବୁଝିହୁଏନି,
ଜମା ପଢ଼ି ହୁଅନି ତୁମେ ।
ତୁମେ କାହିଁକି ଜନ୍ମନିଅ ଯୋନିରେ?
ଜନ୍ମ ନେଇ ତୁମେ ଯାହା ଯାହା କର,
ସଭିଙ୍କ ଭିତରେ ଥାଇ ତୁମେ କ'ଣ
ସେସବୁ କରିପାରନ୍ତ

ଏତେ ନାଟରୁ କ'ଣ ମିଳେ ତୁମକୁ?
କଂସ ମରିବ ବୋଲି ନିରୀହ
ଦେବକୀ ବସୁଦେବ
ଯମ ଯନ୍ତ୍ରଣା ସହିବେ କାହିଁକି
ନିରନ୍ଧ୍ର କାରାଗାରରେ
ଅଧର୍ମ ସ୍ଥାନରେ ଧର୍ମ ସଂସ୍ଥାପନ
ହେବ ବୋଲି
କ'ଣ ପୁରୁଷ ଶୂନ୍ୟ ହୋଇଯିବା
ଉଚିତ ଭାରତ ଭୂଖଣ୍ଡ?
କେଉଁ ନ୍ୟାୟରେ ଅଗଣନ ନିରୀହ ମଣିଷ
ନିଧନ ହେଲେ କୁରୁକ୍ଷେତ୍ରରେ?
ଦୋଷୀ ଦଣ୍ଡ ପାଇବା ଯଜ୍ଞରେ କାହିଁକି
ଆହୁତି ହୁଅନ୍ତି ଅନେକ ନିର୍ଦ୍ଦୋଷ ମଣିଷ?

ଏହାର ଉତ୍ତର ମାଗିଲେ
ତୁମେ କୁହ ପ୍ରାଣୀର
କର୍ମଫଳ ଭୋଗ କରିବା ହିଁ ଅନିର୍ବାର୍ଯ୍ୟ ।
ଯେପରି ତୁମର ସେଥିପାଇଁ
କିଛି ଅନୁଶୋଚନା
ନାହିଁ କି ଉତ୍ତର ଦାୟିତ୍ୱ ନାହିଁ ।
ନାଟକ ରଚିବା ଭଲ ଜଣା ତୁମକୁ ।

ତୁମେ ନାଟ୍ୟକାର, ତୁମେ
ନିର୍ଦ୍ଦେଶକ, ମଂଚ ତୁମର,
ପାତ୍ର ଯାତ୍ରୀ ସବୁ ତୁମର ।
କେବଳ ବାହାରକୁ
ଦୃଶ୍ୟ ଭିନ୍ନ ଲୋକ ଦେଖିବାକୁ ।
ତୁମେ ତୁମ ନାଟକରେ
ପ୍ରତିନିୟତ ମଜଗୁଲ ।
ସକଳେ ଜୀବ କଣ୍ଢେଇ ।
ଯେପରି କଣ୍ଢେଇ ମାନଙ୍କର
ବହୂ ବହୂକା ଛାଇ ଖେଳ
ଚାଲିଛି ମଞ୍ଚରେ ଅହର୍ନିଶ ।

କେତେବେଳେ ମଞ୍ଚ ଉପରକୁ
ଆବିର୍ଭାବ ତ'
ପୁଣି କେତୋଟି ମୁହୂର୍ତ୍ତ ପରେ
ସେଠାରୁ ଅନ୍ତର୍ଦ୍ଧାନ ।
ତୁମେ ଏମିତି ନିର୍ଦ୍ଦେଶକ ଯେ
ସଭିଏଁ ନିଖୁଣ
ଅଭିନୟ କରିବାରେ
ସଦା ସର୍ବଦା ବ୍ୟସ୍ତ ।

ବେଳେବେଳେ ତୁମେ ବି'
ଅଭିନେତା ସାଜି
ମାତ ସଭିଙ୍କ ସହିତ ଅଭିନୟରେ,
ତୁମର ଭୂମିକା ସବୁବେଳେ ସୂତ୍ରଧର ।
ତୁମ ନିଷ୍ପତ୍ତି ସଦାବେଳେ ତୁମର ।

ମୁଁ ଦୀନ, ଅକିଞ୍ଚନ, କାହିଁକି
କରିବି ଏତେ ବହୁପ?
ଏବେ କ'ଣ ତୁମ ବିଚାରରେ ପାକଳ
ହୋଇନି ପରିବେଶ
ଯେବେ ତୁମର ଉପସ୍ଥିତି
ଏ ଧରାରେ ହୁଏ ଖୁବ୍ ଜରୁରି?
ତୁମକୁ ତ' ଦିଶୁଥିବ କିପରି ଚାରିଆଡୁ
ଶୁଭୁଛି ହାହାକାର ।
ମୁଷ୍ଟିମେୟଙ୍କୁ ଛାଡ଼ି ଅନ୍ୟ ସଭିଙ୍କ
ଜୀବନ ଏଠି ସାଙ୍ଘାତିକ
ଭାବରେ ବିପନ୍ନ ।
ତୁଚ୍ଛା ଜନ୍ମଦିନ ପାଳି କ'ଣ ମିଳିବ
ପୀଡ଼ିତ ପ୍ରାଣୀଙ୍କୁ?
ଆଉ ଥରୁଟିଏ କାହିଁକି ଜନ୍ମ ନେଉନ
ସଶରୀରରେ?

ଏ ଜୀବଦ୍ଦଶାରେ ସଭିଏଁ ଦେଖନ୍ତୁ
ତୁମେ କେମିତି ଅସମ୍ଭବକୁ
ସମ୍ଭବ କରିପାର ।
ଅଧର୍ମ ସ୍ଥାନରେ କରିପାର ଧର୍ମର
ପ୍ରତିଷ୍ଠା, ସକଳ
ଦୁଃଖୀ ଜନଙ୍କର ଦୁଃଖରୁ
କେମିତି ହୁଏ ପରିତ୍ରାଣ ଅନାୟାସରେ ।

+ (ମୋ) ୯୪୩୭୩୮୨୨୮୧

### ଶ୍ରୀଗୁରୁ ଚରଣ ପୁଣ୍ୟ ତପୋବନ

ରାମ ଚନ୍ଦ୍ର ପ୍ରଧାନ

ଗୁରୁ ହିଁ ଈଶ୍ୱର ମୁକତିର ଝର
ଆଲୋକର ଦିବ୍ୟଜ୍ୟୋତି
ଗୁରୁ ହିଁ କରମ ଗୁରୁ ହିଁ ଧରମ
ନାହିଁ ତାଙ୍କ ବିନୁ ଗତି ।
ଗୁରୁ ହିଁ ତ ବ୍ରହ୍ମା ବିଷ୍ଣୁ ମହେଶ୍ୱର
ସଂସାର ଭିତରେ ସାର
ଗୁରୁ ହିଁ ଅଟନ୍ତି ବିଦ୍ୟାର ଅମାର
ଚାଟଙ୍କର ରୂପକାର ।
ଶ୍ରୀଗୁରୁ ଚରଣ ପୁଣ୍ୟ ତପୋବନ
କରୁଣାର ନିରିଝର
ଗୁରୁ ହିଁ କେବଳ ଶକତିର ଉତ୍ସ
ଆଦର୍ଶର ଅବତାର ।
ଗୁରୁଙ୍କ ମହିମା ଅନନ୍ତ ଅପାର
ଗୁରୁ ହିଁ ଶୁଭ ଚିନ୍ତକ
ଗୁରୁ ହିଁ ଅଟନ୍ତି ଦେଶର ନିର୍ମାତା
ପୁଣି ପଥ ପ୍ରଦର୍ଶକ ।
ଗୁରୁ ହିଁ ଗଢ଼ନ୍ତି ସଂସ୍କାର ଛାଟରେ
ଭବିଷ୍ୟତ କର୍ଣ୍ଣଧାର
ଗୁରୁଙ୍କ କିରତି ଜଗତେ ବିଖ୍ୟାତ
ନାହିଁ ତାଙ୍କ ପଟ୍ଟାନ୍ତର ।

+ ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
(ମୋ) ୯୮୬୧୬୩୮୭୩୬

### ଅନ୍ତିମ ସମୟ

ଦିଲିପ କୁମାର ତ୍ରିପାଠୀ



ଆଗ ପରି ଆଉ ସମୟ ନାହିଁ ହାତରେ
ବହଳ ଅନ୍ଧାର ନାହିଁ ରାତି ପାଖରେ
କି ଘନ କୁହୁଡ଼ି ନାହିଁ ଶୀତୁଆ ସକାଳରେ
ଖାଲି ଅଛି ଯାହା
ଡହ ଡହ ତତଲା ପୃଥିବୀର ଗରମ ବାମ୍ପ
ଶାଶୁ ଗଞ୍ଜଣା ପରି ଯାହା ଖୁବ ବାଧେ
ଭେଦି ଦିଏ ମର୍ମ !

ଅନ୍ତରରୁ ନିଜେ ଅନ୍ତର ହେଲା ପରେ
ଆଉ କଣ କିଛି ଅନ୍ତିମ ଥାଏ ?
ଖାଲି ସିନା ଯାହା ନିଃଶ୍ୱାସ ଚାଲିଥାଏ

ଯଦି ଆଗ ପରି ସମୟ ଥାନ୍ତା
ତେବେ ପୁଣି ଥରେ ଖୋଜି ବସନ୍ତି ନିଜକୁ
କଷି ପିଜୁଳିରେ ଲୋଭ
କରିଥିବା ଶୈଶବକୁ,
ସୁନା ପରି ଦିଶୁଥିବା
ଧାନବିଲରେ ପାରିଦିଅନ୍ତି ବିଛଣା,
ଓଳେଇ ହେଇ ପଡନ୍ତି
ବୋଉ ବେକରେ,
ଭାଙ୍ଗି ଦିଅନ୍ତି ଚୂଲି ଝିଙ୍କା
ଉଖୁନା ପିଠା ନଥିବା ରାଗରେ !

କିନ୍ତୁ ଆଉ ନାହିଁ ସେ ସୁନାର ସମୟ
ରୁପାର ତାରିଖ ଅବା ହୀରାପରି
ଚକ ଚକ ମନ
ଅଗି ନିଆଁରେ କଣ ଖାଲି
ନଡ଼ିଆ ପୋଡେ ?
ପୋଡିଯାଏ ମନ, ଯୌବନ
ପୋଡିଯାଏ ଯେତେସବୁ ପୁରୁଣା କଥା
ଯାହା ଦିନେ ଥିଲା ଅତି ଗୋପନ

ଜୀବନ ସାଜେ ପର୍ଣ୍ଣମୋଚି ଅରଣ୍ୟ
ଶୁଖିଲା ପତ୍ର ପରି ଝଡେ ପଛ ଦିନ
ଆଙ୍ଗୁଠିରେ ଗଣିହୁଏ ବାକିଥିବା
କେଇଟା ବର୍ଷ, ମାସ ଅବା ଦିନ
କେମିତି ଗୋଟେ ଭୟ
ମାଡେ ଚାରିଆଡେ
ହେଇ ସରିଯିବ ... ହେଇ ସରିଯିବର

+ ଢେଙ୍କାନାଳ, ପର୍ଜଙ୍ଗ,
କୁନ୍ଦନଦେଇପୁର ଶାସନ
(ମୋ) ୯୭୭୮୧୦୬୧୦୫/
୯୯୧୬୦୬୫୮୬୬

# ମରୁଡି ମନୁଷ୍ୟକୃତ ନୁହେଁ, ଏକ ପ୍ରାକୃତିକ ଦୁର୍ବିପାକ : କୃଷିମନ୍ତ୍ରୀ

ଭୁବନେଶ୍ୱର,୨/୯ (ନି.ପ୍ର): ମରୁଡି କିମ୍ବା ସମ୍ଭାବ୍ୟ ମରୁଡି ଏକ ପ୍ରାକୃତିକ ଦୁର୍ବିପାକ। ଏହା ମନୁଷ୍ୟକୃତ ନୁହେଁ। ଜଳବାୟୁ ପରିବର୍ତନ ଯୋଗୁଁ ମରୁଡି ହୋଇଥାଏ। ଗତ ୨୦ବର୍ଷ ଭିତରେ ୮ଥର ରାଜ୍ୟରେ ମରୁଡ଼ି ହୋଇଛି ବୋଲି କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଅରୁଣ ସାହୁ ବିଧାନସଭାରେ ପ୍ରକାଶ କରିଛନ୍ତି। ବିରୋଧୀଙ୍କ ପକ୍ଷରୁ ଅଣା ଯାଇଥିବା ମୁଲତବି ପ୍ରସ୍ତାବ "ମରୁଡି କବଳରେ ସାରା ଓଡିଶା କଲବଲ, ସରକାରଙ୍କ ଯୋଗୁଁ ଦୁର୍ଦଶାରେ ଚାଷୀକୂଳ" ଆଲୋଚନାର ଉତରରେ ମନ୍ତ୍ରୀ କହିଥିଲେ ଯେ ଚଳିତ ବର୍ଷାଋତୁରେ ଅଗଷ୍ଟ ୨୮ତାରିଖ ସୁଦ୍ଧା ୨୩ଟି ଜିଲ୍ଲାରେ ନିଅଂଟିଆ ବର୍ଷା ହୋଇଛି। କମ ବର୍ଷା ହୋଇଥିବା କାରଣରୁ ୧୪ଜିଲ୍ଲାର ୪୭ଟି ବ୍ଲକରେ ଫସଲ ଗୁରୁତର ଭାବେ ପ୍ରଭାବିତ ହୋଇଛି। ମରୁଡ଼ି ସ୍ଥିତିକୁ ଦୃଷ୍ଟିରେ ରଖି ଏବେ ସେଠାରେ କଂଟିଜେନସି କ୍ରପ ପ୍ଲାନ ପ୍ରସ୍ତୁତ କରାଯାଉଛି। ଏବେ ରାୟଗଡ଼ା ଓ ଗଜପତି ଜିଲ୍ଲାରେ ମରୁଡ଼ିସ୍ଥିତିରେ ସୁଧାର ଆସିଛି । ଯେଉଁ ଜିଲ୍ଲାରେ ସ୍ୱଳ୍ପ ବୃଷ୍ଟିପାତ ହୋଇଛି ସେଠି ପମ୍ପସେଟ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଉଠା ଜଳସେଚନ ଓ କେନାଲ ପାଣିକୁ ୭ଦିନ ଭିତରେ ପ୍ରସ୍ତୁତ କରିବା ପାଇଁ କୁହାଯାଇଛି । ଏହା ଉପରେ ନଜର ରଖିବା ପାଇଁ ଜିଲ୍ଲାପାଳମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ ମରୁଡ଼ି ସ୍ଥିତି ନେଇ ସରକାର ଉପରେ ବର୍ଷିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ । ମୁଲତବୀ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ ମୋହନ ମାଝୀ କହିଛନ୍ତି ବିଭାଗୀୟ ମନ୍ତ୍ରୀଙ୍କ ଉତର ଚିରାଚରିତ ଓ ଦୁର୍ଭାଗ୍ୟ ଜନକ । ପ୍ରକୃତିକୁ ଦୋଷ ଦେଲେ ହେବନି ମରୁଡ଼ି ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କିଛି କରାଯାଇ ନାହିଁ। ଉଠା ଜଳସେଚନ କାର୍ଯ୍ୟକ୍ଷମ ନାହିଁ, ଜଳାଶୟ ଗୁଡିକ ଶୁଖା ପଡିଛି। ସରକାର ଜଳସେଚନରେ ଫେଲ ମାରିଛନ୍ତି। ଆମ ବିଜେପି ପକ୍ଷରୁ ୪ ଟିମ ଗ୍ରାଉଣ୍ଡ ଜିରୋକୁ ଯାଇ ସ୍ଥିତି ପରଖିକି ଆସିଛୁ। ଏହି ସମୟରେ ରାଜ୍ୟରେ ଭୟଙ୍କର ମରୁଡ଼ି ସ୍ଥିତି ସୃଷ୍ଟି ହୋଇଥିବା ଆମେ ଦେଖିବାକୁ ପାଇଛୁ । କେତେଟା ବ୍ଲକରେ ୩୫ ପ୍ରତିଶତ ଜଳ ସେଚନ ହୋଇଛି ସରକାର ତାହାର ହିସାବ ରଖନ୍ତୁ। ସମଗ୍ର ରାଜ୍ୟରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇ ସରିଲାଣି । ତେଣୁ ମରୁଡ଼ି ଘୋଷଣା କରାଯାଇ ଏଥିପାଇଁ ଚାଷୀଙ୍କ ଲାଗି ତୁରନ୍ତ ପ୍ୟାକେଜ ଘୋଷଣା କରନ୍ତୁ ସରକାର । ରାଜ୍ୟରେ ନଦୀ ଜଳ ସଂରକ୍ଷଣ ପାଇଁ ରାଜ୍ୟ ସରକାର ଟ୍ୟାକ୍ସ ଫୋର୍ସ ଗଠନ କରିବାକୁ ଦାବି କଲେ ମୋହନ ମାଝୀ । ସେହିପରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ ରାଜ୍ୟର ମରୁଡ଼ି ସ୍ଥିତି ବିଷୟରେ ମନ୍ତ୍ରୀଙ୍କ ଉତର ଅବାନ୍ତର । ଏହାକୁ ମୁଁ ଗ୍ରହଣ କରି ପାରୁନାହିଁ । ୩୦ ଜିଲ୍ଲାରୁ ୨୭ ଜିଲ୍ଲାରେ ମରୁଡ଼ି । ତେଣୁ ଆଇନ ଅନୁଯାୟୀ ସରକାର ଏହି ଜିଲ୍ଲା ଗୁଡ଼ିକୁ ମରୁଡି ଗ୍ରସ୍ତ ଜିଲ୍ଲା ବୋଲି ଘୋଷଣା କରନ୍ତୁ । ୨୦୧୧ ସୁଦ୍ଧା ପ୍ରତି ବ୍ଲକରେ ୩୫ ପ୍ରତିଶତ ଜଳ ସେଚନ ନେଇ ସରକାର କହିଥିଲେ । ଜଳ ସେଚନ ନେଇ ସରକାରଙ୍କ ପ୍ରତିଶ୍ରୁତି ପୂରଣ ନ ହେବା କଣ ପ୍ରକୃତି ଦାୟୀ ବୋଲି ସେ ପ୍ରଶ୍ନ କରିଛନ୍ତି । ସରକାର ତାଙ୍କ କାର୍ଯ୍ୟ ନ କରି ପ୍ରକୃତି ନାଁରେ ପାରି ହେବାକୁ ଚେଷ୍ଟା କରୁଛନ୍ତି । ସୋନପୁର, କଟକ ଓ ପୁରୀରେ ଯେତିକି ଜମି ତାହା ଠୁ ଅଧିକ ଜଳ ସେଚନ ହୋଇଥିବା ସରକାର କହୁଛନ୍ତି । ବର୍ତମାନ ଗୃହରେ ଉପସ୍ଥିତ ଥିବା ସୋନପୁର ଜିଲ୍ଲାର ମନ୍ତ୍ରୀ କହି ପାରିବେ କି ସେଠି ଶତ ପ୍ରତିଶତ ଜଳସେଚନ ହୋଇଛି କି। ନୂଆପଡା ଓ ବଲାଙ୍ଗୀର ଜିଲ୍ଲାରେ ପାଣି ଅଭାବ ଯୋଗୁଁ ଗଜା ମରୁଡ଼ି ହୋଇଛି । ପାଣି ସମୁଦ୍ରକୁ ବୋହି ଯାଉଛି କିନ୍ତୁ ପ୍ରକଳ୍ପ କରାଯାଇ ପାରୁନି । ସରକାର ଘରକୁ ଘର ପାଣି ଦେବା ପାଇଁ କହୁଛନ୍ତି । ଗାଁ କୁ ଗାଁ ସରକାର ପାଣି ଦେଇ ପାରୁ ନାହାନ୍ତି ଘରକୁ ଘର ଦେବେ କେମିତି। ତେଣୁ ସରକାର ତୁରନ୍ତ ମରୁଡି ଘୋଷଣା କରନ୍ତୁ, ଚାଷୀମାନଙ୍କ ଋଣ ଛାଡ଼ କରନ୍ତୁ, ଚାଷୀଙ୍କୁ ବିହନ ଓ ସାର ମାଗଣା ଦିଆଯାଉ ବୋଲି ଶ୍ରୀ ମିଶ୍ର ଦାବି କରିଛନ୍ତି। ସେହିପରି ରାଜ୍ୟ ସରକାର କେନ୍ଦ୍ରକୁ ଲେଖି ଋଣ ଛାଡ କରାନ୍ତୁ, କାମ ପାଉନଥିବା ଲୋକଙ୍କୁ ଭତା , ଜଳ ସେଚନ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର।

# ସର୍ବ ଭାରତୀୟ କୃଷକ ଦାବି ଦିବସରେ ଅଖିଳ ଭାରତ କୃଷକ ସଭାର ବିକ୍ଷୋଭ

ଭୁବନେଶ୍ୱର,୨/୯ (ନି.ପ୍ର): ସର୍ବ ଭାରତୀୟ କୃଷକ ଦାବି ଦିବସ ଅବସରରେ ବୁଧବାର ଅଖିଳ ଭାରତ କୃଷକ ସଭା ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଭୁବନେଶ୍ୱର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସହ ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ମାରକପତ୍ରରେ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟର ଆଇନଗତ ବ୍ୟବସ୍ଥା, ଚୁକ୍ତି ଭିତିକ ଚାଷକୁ ପ୍ରୋତ୍ସାହନ ଆଇନ ବାତିଲ, ୧୯୫୫ ମସିହାରେ ପ୍ରଣୀତ ଅତ୍ୟାବଶ୍ୟକୀୟ ସାମଗ୍ରୀ ସଂଶୋଧନ ଆଇନର ପରିବର୍ତନକୁ ବାତିଲ କରିବା, ବିଦ୍ୟୁତ୍ ସଂଶୋଧନ ଆଇନକୁ ବାତିଲ କରିବା, କୃଷି କ୍ଷେତ୍ରରେ ପରିବେଶ ଆଇନକୁ ବାତିଲ କରିବା ଓ ରାଜ୍ୟ ତଥା ଖୋର୍ଦ୍ଧା ଜିଲ୍ଲାରେ ଦେଖାଦେଇଥିବା ଆସନ୍ନ ମରୁଡ଼ି ପରସ୍ଥିତିର ମୁକାବିଲା ପାଇଁ ସମସ୍ତ ଜଳସେଚନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା, ଆଗାମୀ ରବି ଫସଲ ପାଇଁ ବିନା ସୁଧରେ ଋଣ ପ୍ରଦାନ, ମାଗଣାରେ ବିହନ, ସାର ଯୋଗାଇଦେବା, ଖୋର୍ଦ୍ଧା ଜିଲ୍ଲାରେ 'ସଅର' ବର୍ଗର ଆଦିବାସୀଙ୍କୁ ଆଦିବାସୀ ମାନ୍ୟତା ପ୍ରଦାନ କରି ସମସ୍ତ ସରକାରୀ ଯୋଜନାରେ ସାମିଲ କରିବା ଇତ୍ୟାଦି ଉପସ୍ଥାପିତ କରାଯାଇଥିଲା। ଏଇ ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରା ଭୁବନେଶ୍ୱର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଉପରୋକ୍ତ କାର୍ଯ୍ୟକ୍ରମରେ ରାଜ୍ୟ କୃଷକ ସଭାର ସାଧାରଣ ସମ୍ପାଦକ କ୍ଷୀରୋଦ ସିଂହଦେଓ, ବିକେଏମୟୁ, ରାଜ୍ୟ ସାଧାରଣ ସଂପାଦକ, ସୁର ଜେନା, ଖୋର୍ଦ୍ଧା ଜିଲ୍ଲା କୃଷକ ସଂଗଠନରେ ଆବାହକ ନୃସିଂହଚରଣ ବେହେରା, ସିପିଆଇ ରାଜ୍ୟ ନେତା ବସନ୍ତ ପାଇକରାୟ, ରାଜ୍ୟ କୃଷକ ସଭା ରାଜ୍ୟ ପରିଷଦ ସଭ୍ୟ ପ୍ରଶାନ୍ତ ପାଇକରାୟ, କୈଳାସ ପୁହାଣ, ପ୍ରମୋଦ ଶ୍ରୀଚନ୍ଦନ, ସୁରେନ୍ଦ୍ର ବେହେରା, ସାଗରିକ ଦାସ ପ୍ରମୁଖ ବିକ୍ଷୋଭ ଓ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

# ରାଜ୍ୟରେ ଆବଶ୍ୟକ ପରିମାଣର ସାର ମହଜୁଦ୍ ଅଛି : ବିଜେପି

ଭୁବନେଶ୍ୱର,୨/୯ (ନି.ପ୍ର): ନିଜ ଅପାରଗତା ଓ ସ୍ଥାଣୁତା ଲୁଚାଇବାକୁ ଯାଇ ଶାସକ ବିଜେଡି ସାର ପ୍ରସଙ୍ଗରେ ଧାରଣ ଦେଇ ମିଥ୍ୟାକୁ ସତ୍ୟରେ ପରିଣତ କରିବାର ହୀନ ପ୍ରୟାସ କରିଛି । ଖରିଫ ଋତୁ ପାଇଁ ଆବଶ୍ୟକୀୟ ପରିମାଣର ସାର ରାଜ୍ୟରେ ମହଜୁଦ ଅଛି ବୋଲି ସରକାରୀ ୱେବ୍‌ସାଇଟରେ ସ୍ପଷ୍ଟ ଉଲ୍ଲେଖ ଥିବାବେଳେ ନିଜ ବିଫଳତାକୁ ଲୁଚାଇବା ପାଇଁ କେନ୍ଦ୍ର ଉପରେ ଦୋଷ ଲଦି ଲୋକ ଦେଖାଣିଆ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ବିଜେପି ମୁଖପାତ୍ର ଗୋଲକ ମହାପାତ୍ର ଅଭିଯୋଗ କରିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ବିଧାନସଭା ମୌସୁମୀ ଅଧିବେଶନ ଆରମ୍ଭ ହୋଇଥିବା ବେଳେ ଶାସକ ଦଳ ଭାବେ ବିଜେଡି ବିଭିନ୍ନ ବିଷୟ ପ୍ରସଙ୍ଗରେ ବିଧାନସଭା ଗୃହ ମଧ୍ୟରେ ଆଲୋଚନା ନକରି ଗୃହ ବାହାରେ ଆନ୍ଦୋଳନ କରୁଛି । ବିଭିନ୍ନ ଆଳ ଦେଖାଇ ବିଧାନସଭା କାର୍ଯ୍ୟକୁ ସ୍ଥଗିତ କରିବାରେ ଶାସକ ବିଜେଡି ପାରଙ୍ଗମ। ସମଗ୍ର ରାଜ୍ୟରେ ମରୁଡି କରାଳ ଛାୟା ଥିବାବେଳେ ଆଲୋଚନାକୁ ନ ଆସି ଶାସକ ବିଜେଡି ରାଜରାସ୍ତାରେ ଆନ୍ଦୋଳନ କରିବା ଅତ୍ୟନ୍ତ ହାସ୍ୟାସ୍ପଦ । ୨୦୨୨ ମସିହା ସୁଦ୍ଧା କୃଷକଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ମୋଦି ସରକାର ପ୍ରତିଶୃତିବଦ୍ଧ ଏବଂ କାର୍ଯ୍ୟରତ। ତେଣୁ ମୋଦି ସରକାର ରାଜ୍ୟ ସରକାରମାନଙ୍କୁ ଧାର୍ଯ୍ୟ ସାର ଠାରୁ ଅଧିକ ସାର ଯୋଗାଇ ଦେଉଛନ୍ତି । ରାଜ୍ୟ ସରକାରଙ୍କ ୱେବ୍‌ସାଇଟରେ ଉଲ୍ଲେଖ ତଥ୍ୟାନୁଯାୟୀ ରାଜ୍ୟରେ ୩.୧୦ଲକ୍ଷ ମେଟ୍ରକ ଟନ୍ ୟୁରିଆ ସାର ପାଇଁ ଆବଶ୍ୟକ ଥିବାବେଳେ କେନ୍ଦ୍ର ସରକାର ୩.୬୪ ଲକ୍ଷ ମେଟ୍ରକ ଟନ୍ ୟୁରିଆ ସାର ଯୋଗାଇ ସାରିଛନ୍ତି । ସେହିପରି ଡିଏପି ସାର ୧.୮୫ଲକ୍ଷ ମେଟ୍ରିକ ଟନ ଆବଶ୍ୟକ ଥିବାବେଳେ ୧.୭୨ଲକ୍ଷ ମେଟ୍ରିକ ଟନ; ଏମଓପି ସାର ୦.୮୫ଲକ୍ଷ ମେଟ୍ରିକ ଟନ ଆବଶ୍ୟକ ଥିବାବେଳେ ୦.୯୬ଲକ୍ଷ ମେଟ୍ରକ ଟନ୍; ଏମପିକେଏସ ସାର ୧.୮୨ ଲକ୍ଷ ମେଟ୍ରିକ ଟନ୍ ଆବଶ୍ୟକ ଥିବାବେଳେ ୨.୧୩ଲକ୍ଷ ମେଟ୍ରିକ ଟନ ଯୋଗାଇ ଦିଆଯାଇଛି । ରାଜ୍ୟ ସରକାରଙ୍କ ତୃଟିପୂର୍ଣ୍ଣ ପରିଚାଳନା କାରଣରୁ ସାରର କଳାବଜାରୀ ହେବା ସହ ଓଡିଶା ପାଇଁ ଆସୁଥିବା ସାର ପଡୋଶୀ ପର୍ଶ୍ଚିମବଙ୍ଗରେ ବିକ୍ରି ହେଉଛି । ଏହି ଅବସରରେ ବିଜେପି ସମବାୟ ପ୍ରକୋଷ୍ଠର ରାଜ୍ୟ ସଂଯୋଜକ ପବିତ୍ର ଦାଶ୍ ଏବଂ ସୁଜିତ୍ କୁମାର ଦାସ୍ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ଥାୟୀ ନିଯୁକ୍ତି ଦାବିରେ ପାର୍ଟଟାଇମ କଳା ଓ କ୍ରୀଡ଼ା ଶିକ୍ଷକଙ୍କ ରାଜ୍ୟବ୍ୟାପୀ ପ୍ରତିବାଦ

ଭୁବନେଶ୍ୱର,୨/୯ (ନି.ପ୍ର): କଳା ଓ କ୍ରୀଡ଼ା ପ୍ରଶିକ୍ଷକମାନଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ କଳା ଓ କ୍ରୀଡ଼ା ମହାସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଛି। କୋଭିଡ଼ କଟକଣାକୁ ମାନି ଭିନ୍ନ ଢଙ୍ଗରେ ସାରା ରାଜ୍ୟରେ ନିଜ ପରିବାର, ପରିଜନଙ୍କୁ ସାଙ୍ଗରେ ନେଇ ନିଜ ବାସଭବନ ସମ୍ମୁଖରେ ନିଜ ଦାବିକୁ ଧରି ପ୍ରତିବାଦ କରିଥିଲେ। ସେହିପରି ବିଧାନସଭା ବୈଠକ ଆରମ୍ଭ ହୋଇଥିବାରୁ ମହାସଂଘର ଭିନ୍ନ ଭିନ୍ନ ପ୍ରତିନିଧି ମଣ୍ଡଳୀ ଉଭୟ ଶାସକ ଓ ବିରୋଧୀ ଦଳର ବରିଷ୍ଠ ବିଧାୟକମାନଙ୍କୁ ଦାବିପତ୍ର ପ୍ରଦାନ କରି ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ଗୃହରେ ବକ୍ତବ୍ୟ ରଖିବା ପାଇଁ ଅନୁରୋଧ କରିଥିଲେ। ତତ୍‌ସହିତ ବିଇଓ, ଡିଇଓ, ଡ଼ିପିସିଙ୍କ ମାଧ୍ୟମରେ ଏକ ୫ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଥିଲା। ଉଚ୍ଚ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ନିଯୁକ୍ତିପ୍ରାପ୍ତ କଳା ଓ କ୍ରୀଡ଼ା ଶିକ୍ଷକମାନଙ୍କ ଦାବି ପୂରଣ ହେବା ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ପ୍ରକ୍ରିୟାରେ ଆନ୍ଦୋଳନ ଜାରି ରହିବ ବୋଲି ମହାସଂଘ ପକ୍ଷରୁ ଏକ ପ୍ରେସ୍ ବିବୃତି ମାଧ୍ୟମରେ ପ୍ରକାଶ କରାଯାଇଛି। ଦୀର୍ଘଦିନ ଧରି ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ ପକ୍ଷରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ନିଯୁକ୍ତିପ୍ରାପ୍ତ କଳା ଓ କ୍ରୀଡ଼ା ପ୍ରଶିକ୍ଷକମାନଙ୍କୁ ସ୍ଥାୟୀ ଭାବରେ ନିଯୁକ୍ତି ପ୍ରଦାନ କରିବା, ସେମାନଙ୍କ ପାରିଶ୍ରମିକ ବୃଦ୍ଧି କରିବା ସହ ମାସିକ ୧୨ମାସ ସମ୍ପୂର୍ଣ୍ଣ ବେତନ ପ୍ରଦାନ କରିବା, ଚାକିରୀର ସର୍ତାବଳୀ ଓ ରାଜ୍ୟରେ ଏକପ୍ରକାର ଶିକ୍ଷାଦାନର କାର୍ଯ୍ୟ ଖସଡ଼ା, ଏକ ପ୍ରକାର ନିୟମ ଏବଂ ସମୟ ନିର୍ଦ୍ଧାରଣ କରିବା ଆଦି ଦାବି ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସେଥିପ୍ରତି ଦୃଷ୍ଟି ଦେଉନାହିଁ ବୋଲି ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି।

# ପୂର୍ବତଟ ରେଳପଥ ଦ୍ୱାରା ୫ ମାସରେ ୯୪.୨୬ ନିୟୁତ ଟନ ପଣ୍ୟ ପରିବହନ

ଭୁବନେଶ୍ୱର,୨/୯ (ନି.ପ୍ର): ଚଳିତ ଆର୍ଥିକ ଏପ୍ରିଲ ପହିଲା ଠାରୁ ଅଗଷ୍ଟ ୩୧ ତାରିଖ ପାଂଚ ମାସ ମଧ୍ୟରେ ପୂର୍ବତଟ ରେଳପଥ ଦ୍ୱାରା ୯୪.୨୬ ନିୟୁତ ଟନ ପଣ୍ୟ ପରିବହନ କରାଯାଇଛି ଯାହାକି ପୂର୍ବ ଆର୍ଥିକ ବର୍ଷର ୭୨.୩୨ ନିୟୁତ ଟନ ଠାରୁ ଅଧିକ ଅଟେ । ଚଳିତ ଆର୍ଥିକ ବର୍ଷର ପ୍ରଥମ ପାଂଚ ମାସରେ ଏହା ୨୧.୯ନିୟୁତ ଟନ କାର୍ଗୋ ଅଧିକ ପରିବହନ କରିଛି। ଏହା ମଧ୍ୟ ରେଳ ବୋର୍ଡ ଦ୍ୱାରା ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ସ୍ଥିର ହୋଇଥିବା ପଣ୍ୟ ବୋଝେଇ ଧାର୍ଯ୍ୟ ୮୯.୧୬ ନିୟୁତ ଟନକୁ ଅତିକ୍ରମ କରିଛି । ପୂର୍ବ ତଟ ରେଳପଥର ସମସ୍ତ ତିନୋଟି ରେଳମଣ୍ଡଳ ଯଥା ଖୋର୍ଦ୍ଧା ରୋଡ୍, ୱାଲଟିୟର ଏବଂ ସମ୍ବଲପୁର ଦ୍ୱାରା ଉଲ୍ଲେଖନୀୟ ପ୍ରଦର୍ଶନ ଯୋଗୁଁ ଏହା ସମ୍ଭବ ହୋଇପାରିଛି । ଏହି ଅବଧି ମଧ୍ୟରେ, ପୂର୍ବତଟ ରେଳପଥ ୨୦୨୧-୨୨ ଆର୍ଥିକ ବର୍ଷରେ ଦୈନିକ ୨୧୬୦ ୱାଗନ୍ ବ୍ୟବହାର କରିଛି ଯାହାକି ପୂର୍ବ ଆର୍ଥିକ ବର୍ଷରେ ବ୍ୟବହାର କରାଯାଇଥିବା ୯୨୯୬ ୱାଗନ୍ ଠାରୁ ଅଧିକ ଏବଂ ଏହା ୱାଗନ ବୋଝେଇ କ୍ଷେତ୍ରରେ ପ୍ରାୟ ୩୦ ପ୍ରତିଶତ ଅଭିବୃଦ୍ଧି ପଞ୍ଜିକରଣ କରିଛି । ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ଡିଭିଜନ୍ ଅଗଷ୍ଟ ୨୦୨୧ ରେ ପଣ୍ୟ ପରିବହନ କ୍ଷେତ୍ରରେ ଏବଂ ଏପ୍ରିଲ ମାସ ଠାରୁ ଅଗଷ୍ଟ ମାସ ମଧ୍ୟରେ ସମୁଦାୟ ପଣ୍ୟ ପରିବହନ କ୍ଷେତ୍ରରେ ଭାରତୀୟ ରେଳବାଇର ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ୨୦୨୧-୨୨ ଆର୍ଥିକ ବର୍ଷର ଏପ୍ରିଲ ପହିଲା ଠାରୁ ଅଗଷ୍ଟ ମାସ ୩୧ ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ୬୩.୦୬ନିୟୁତ ଟନ ପଣ୍ୟ ପରିବହନ କରିଛି ଯାହା ଭାରତୀୟ ରେଳବାଇର ସର୍ବାଧିକ ଲୋଡିଂ ଡିଭିଜନ୍ ମଧ୍ୟରେ ଶୀର୍ଷରେ ସ୍ଥାନ ପାଇଛି । କେବଳ ଅଗଷ୍ଟ ୨୦୨୧ ରେ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ୧୩.୧୨ନିୟୁତ ଟନ ପଣ୍ୟ ପରିବହନ କରିଛି, ଯାହା ଭାରତୀୟ ରେଳବାଇରେ ମଧ୍ୟ ସର୍ବାଧିକ । ଏହି ଅବଧି ମଧ୍ୟରେ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ତାଳଚର ଠାରେ ସର୍ବଶ୍ରେଷ୍ଠ ଲୋଡିଂ ରେକର୍ଡ କରି ଦିନକୁ ୫୩.୩ ରେକ୍ (୧୬୫୫ ୱାଗନ୍) ଲୋଡ୍ କରି ଜୁଲାଇ ୨୦୨୧ ର ପୂର୍ବ ଶ୍ରେଷ୍ଠତା ୫୧.୪ ରେକ୍ (୧୫୯୪ ୱାଗନ୍) କୁ ଅତିକ୍ରମ କରିପାରିଛି । କେବଳ ଅଗଷ୍ଟ ମାସରେ, ଭାରତୀୟ ରେଳବାଇ ୧୧୦.୫୫ ନିୟୁତ ଟନ ପଣ୍ୟ ପରିବହନ କରିଛି ଯାହା ଯେ କୌଣସି ଅଗଷ୍ଟ ମାସ ତୁଳନାରେ ସର୍ବାଧିକ । ପୂର୍ବ ସର୍ବୋତମ ପଣ୍ୟ ବୋଝେଇ ୯୯.୬ ନିୟୁତ ଟନ ଅଗଷ୍ଟ, ୨୦୧୮ ରେ ପରିବହନ କରାଯାଇଥିଲା । ଗତ ସେପ୍ଟେମ୍ବର ୨୦ ରୁ ଅଗଷ୍ଟ ୨୧ ପର୍ଯ୍ୟନ୍ତ, ଭାରତୀୟ ରେଳ କ୍ରମାଗତ ଭାବରେ ଏକ ଦର୍ଶନୀୟ ପରିମାଣରେ ପଣ୍ୟ ପରିବହନ କରିଆସୁଛି ।

# ମନୋରଞ୍ଜନ ପାଣିଗ୍ରାହୀ ହେଲେ ମୁଖ୍ୟ ଆୟକର କମିଶନର

ଭୁବନେଶ୍ୱର,୨/୯ (ନି.ପ୍ର): ଆୟକର ବିଭାଗରେ ଗତକାଲି ୩୬ ଜଣ ପ୍ରଧାନ ଆୟକର କମିଶନରଙ୍କୁ ପଦୋନ୍ନତି ଦିଆଯାଇଛି । ପଦୋନ୍ନତି ପରେ ସେମାନେ ମୁଖ୍ୟ ଆୟକର କମିଶନର ଭାବେ କାର୍ଯ୍ୟନିର୍ବାହ କରିବେ । ଏଥି ମଧ୍ୟରେ ୪ ଜଣ ଓଡ଼ିଆ ଅଫିସର ଅନ୍ତର୍ଭୁକ୍ତ । ସେମାନେ ହେଲେ ମନୋରଞ୍ଜନ ପାଣିଗ୍ରାହୀ, ବିଜୟାନନ୍ଦ ପୃଷ୍ଟେଠ୍, ଦେବେନ୍ଦ୍ର ନାରାୟଣ କର ଏବଂ ସୀମାଚଳ ଦାଶ। ମନୋରଞ୍ଜନ ପାଣିଗ୍ରାହୀ ବର୍ତମାନ କଟକରେ ପ୍ରଧାନ ଆୟକର କମିଶନର ଭାବରେ ଅବସ୍ଥାପିତ । ପାଣିଗ୍ରାହୀ ଆୟକର ବିଭାଗର ପ୍ରାୟ ସମସ୍ତ କ୍ଷେତ୍ରରେ ସୁଚାରୁ ରୂପେ କାର୍ଯ୍ୟ କରିଛନ୍ତି । ଶ୍ରୀ ପାଣିଗ୍ରାହୀ ପୂର୍ବରୁ ଓଡ଼ିଶା ସରକାରଙ୍କର ସଂସ୍କୃତି, ସୂଚନା ଓ ଲୋକସଂପର୍କ ବିଭାଗର ଶାସନ ସଚିବ ଥିଲେ । ତାଙ୍କର ପାଂଚବର୍ଷ ଅବଧି ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଅନେକ ଉଲ୍ଲେଖନୀୟ କାର୍ଯ୍ୟ ହୋଇଛି । ଶ୍ରୀ ବିଜୟାନନ୍ଦ ପୃଷ୍ଟେଠ୍ ବର୍ତମାନ ସମ୍ବଲପୁରର ପ୍ରଧାନ ଆୟକର କମିଶନର। ଏହା ପୂର୍ବରୁ ସେ କଟକରେ ଅବସ୍ଥାପିତ ଥିଲେ । ଓଡ଼ିଶା ବାହାରେ ମଧ୍ୟ ସେ ଦକ୍ଷତାର ସହ ଅନେକ ବର୍ଷ କାର୍ଯ୍ୟ କରିଛନ୍ତି ।

# କଳିଙ୍ଗ ଷ୍ଟାଡିୟମ ବୁଲିଲେ ଅଷ୍ଟ୍ରେଲିଆ ଉଚ୍ଚାୟୁକ୍ତ

ଭୁବନେଶ୍ୱର ,୨/୯ (ନି.ପ୍ର): ଓଡ଼ିଶା ଗସ୍ତରେ ଥିବା ଅଷ୍ଟ୍ରେଲିଆ ଉଚ୍ଚାୟୁକ୍ତ ବାରି ଓ'ଫାରେଲ, କୋଲ୍‌କାତାସ୍ଥିତ ଥିବା ଅଷ୍ଟ୍ରେଲିଆ ଦୂତାବାସର ମୁଖ୍ୟ ରୋୱାନ ଏନ୍‌ସୱର୍ଥ ଏବଂ ଆମି କିଉଗ୍‌ଙ୍କ ସହ କଳିଙ୍ଗ ଷ୍ଟାଡିୟମ ବୁଲି ଦେଖିଛନ୍ତି। ଏଠାରେ ବିଭିନ୍ନ କ୍ରୀଡ଼ା ଲାଗି ଥିବା ସୁବିଧା ସୁଯୋଗ ନୀରିକ୍ଷଣ କରିଥିଲେ। ଏହି ଅବସରରେ ପ୍ରଥମେ ଅତିଥିମାନେ ଓଡ଼ିଶା ନାଭାଲ ଟାଟା ହକି ଉଚ୍ଚଗୁଣବତ୍ତା କେନ୍ଦ୍ର ଯାଇ ସେଠାରେ ଥିବା ପ୍ରଶିକ୍ଷାର୍ଥୀମାନଙ୍କ ସହ ଭାବ ବିନିମୟ କରିଥିଲେ। ଏହାପରେ ଏମାନେ କ୍ରୀଡ଼ା ବିଜ୍ଞାନ ଓ ଥଇଥାନ କେନ୍ଦ୍ର ଓଡ଼ିଶା ଅଭିନବ ବିନ୍ଦ୍ରା ଟାର୍ଗେଟିଂ ଉଚ୍ଚଗୁଣବତ୍ତା କେନ୍ଦ୍ର ବୁଲି ଦେଖିଥିଲେ। ଏହି କେନ୍ଦ୍ରର ମୁଖ୍ୟ ପ୍ରଦୀପ ପିଲାଇ ସେମାନଙ୍କୁ କେନ୍ଦ୍ର ବିଷୟରେ ବୁଝାଇଥିଲେ। ଏଠାରୁ ସେମାନେ କଳିଙ୍ଗ ଷ୍ଟାଡିୟମସ୍ଥିତ ହକି କମ୍ପ୍ଲେସ ଯାଇ ଦେଖିଥିଲେ ଏବଂ ସେଠାରେ ଖେଳାଳିମାନଙ୍କ ସହ ଆଲୋଚନା କରିଥିଲେ। ଏମାନଙ୍କ ସହ ଓଡ଼ିଶା ହକି ପ୍ରମୋସନ କାଉନସିଲ୍ ଅଧ୍ୟକ୍ଷ ଦିଲୀପ ତିର୍କି, କ୍ରୀଡ଼ା ସଚିବ ଆର ଭିନୀଲ କ୍ରିଷ୍ଣା, ଓଡ଼ିଶା ନାଭାଲ ଟାଟା ହକି ଉଚ୍ଚଗୁଣବତ୍ତା କେନ୍ଦ୍ର ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବ ସେଠ ଏବଂ କ୍ରୀଡ଼ା ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# କଳାହାଣ୍ଡି ବିଶ୍ୱବିଦ୍ୟାଳୟର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର ପୋଷ୍ଟର ଉନ୍ମୋଚିତ

ଭୁବନେଶ୍ୱର,୨/୯ (ନି.ପ୍ର): କଳାହାଣ୍ଡି ବାସୀଙ୍କର ସ୍ୱପ୍ନ ଏବଂ ଆକାଂକ୍ଷାକୁ ସାକାର କରିବା ପାଇଁ ୧ ସେପ୍ଟେମ୍ବର ୨୦୨୦ ରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା । ଆଜି ଏହାର ପ୍ରଥମ ବାର୍ଷିକୀ ଉପଲକ୍ଷେ ବାଚସ୍ପତି ଡକ୍ଟର ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ପୋଷ୍ଟର ବାଚସ୍ପତି ଚାମ୍ବରରେ ଉନ୍ମୋଚିତ ହୋଇଛି। ଏହି ପୋଷ୍ଟରକୁ ଭାରତୀୟ ପୋଷ୍ଟ, ଓଡିଶା ସରକାର ଏବଂ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଡିଜାଇନ୍ କରିଛନ୍ତି। ଏହି ଅବସରରେ ବାଚସ୍ପତି ଡକ୍ଟର ପାତ୍ର କହିଛନ୍ତି ଯେ କଳାହାଣ୍ଡି ଜିଲ୍ଲାର ନିଜସ୍ୱ ପରିଚୟ ରହିଛି ଏବଂ କଳା ସଂସ୍କୃତି ଏବଂ ଜୀବନଶୈଳୀରେ ଜିଲ୍ଲା ଅନନ୍ୟ ଅଟେ। ଚାଲିଗଲାଣି ସେହି ଦିନ ଯେଉଁ ଦିନ କଳାହାଣ୍ଡି ଜିଲ୍ଲାକୁ "ଭୋକର ଭୂଗୋଳ" ଭାବରେ ବିବେଚନା କରାଯାଉଥିଲା । ବର୍ତମାନ ଜିଲ୍ଲା ସମୃଦ୍ଧ ଏବଂ ଜଳସେଚନ ସୁବିଧା ହେତୁ ଏହାର ସର୍ବାଙ୍ଗୀନ ବିକାଶ ଘଟିଛି। ବିଶ୍ୱବିଦ୍ୟାଳୟ ନିଶ୍ଚିତ ଭାବରେ କଳାହାଣ୍ଡି ଲୋକଙ୍କ ସ୍ୱପ୍ନ ଏବଂ ଆକାଂକ୍ଷାକୁ ପୂରଣ କରିବ। ଅର୍ଥମନ୍ତ୍ରୀ ନିରଂଜନ ପୂଜାରୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ଏବଂ ଆଶା କରିଥିଲେ ଯେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଶିକ୍ଷାଗତ ପରିବେଶ ସୃଷ୍ଟି କରିବାରେ ବହୁ ଆଗକୁ ଯିବ ଏବଂ ସମଗ୍ର ଦକ୍ଷିଣ ଓଡିଶା ଏଥିରୁ ଉପକୃତ ହେବ। ଶକ୍ତି ଏବଂ ଶିଳ୍ପ, ଗୃହ (ରାଜ୍ୟ) ମାଇକ୍ରୋ ଏବଂ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏହି ଜିଲ୍ଲାର ଗୌରବମୟ ଇତିହାସ ବର୍ଣ୍ଣନା କରିଛନ୍ତି ଏବଂ ଆଶା କରିଛନ୍ତି ଯେ ବିଶ୍ୱବିଦ୍ୟାଳୟ କଳାହାଣ୍ଡି ଲୋକଙ୍କ ସ୍ୱପ୍ନକୁ ବହୁ ପରିମାଣରେ ସାକାର କରିବ । ସରକାରୀ ଦଳ ମୁଖ୍ୟ ସଚେତକ ଶ୍ରୀମିତୀ ପ୍ରମିଳା ମଲ୍ଲିକ, ଜଙ୍ଗଲ ଏବଂ ପରିବେଶ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଅରୁଖ, ପଂଚାୟତିରାଜ ଏବଂ ପାନୀୟ ଜଳ, ଆଇନ, ଗୃହ ଓ ସହରାଂଚଳ ବିକାଶ ମନ୍ତ୍ରୀ ପ୍ରତାପ ଜେନା, କ୍ରୀଡ଼ା ଏବଂ ଯୁବ ବ୍ୟାପାର ମନ୍ତ୍ରୀ ତୁଷାର କାନ୍ତ ବେହେରା, ବିଧାୟକ ଭୁପିନ୍ଦର ସିଂ, ମୌଷଧି ବାଗ, ବିଧାୟକ ଧର୍ମଗଡ ଏବଂ ପ୍ରଦୀପ ଡିସାରୀ, ବିଧାୟକ ଲାଞ୍ଜିଗଡା ମଧ୍ୟ ଏହି ସଭାରେ ଯୋଗ ଦେଇଥିଲେ।

# କଂଗ୍ରେସ ଦେଶର ସଂପତ୍ତି ତିଆରି କଲା, ମୋଦି ତାକୁ ବିକିଲେ : କଂଗ୍ରେସ

ଭୁବନେଶ୍ୱର,୨/୯ (ନି.ପ୍ର): ୨୦୧୪ରୁ ଭାରତବର୍ଷର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି କେବଳ ଦେଶରେ ମିଛ ବିକ୍ରୀ କରିଚାଲିଲେ। ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଦେଶବାସୀଙ୍କୁ ଯେଉଁ ଭରସା ଦେଇଥିଲେ ଠିକ୍ ତାନ ସବୁ ଓଲଟା ହିଁ କରୁଛନ୍ତି । ଦୀର୍ଘ ୭୦ ବର୍ଷ ଭିତରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଠାରୁ ଆରମ୍ଭ କରି ମନମୋହନ ସିଂଙ୍କ ସରକାର ପର୍ଯ୍ୟନ୍ତ କଂଗ୍ରେସ ସରକାର ବା କଂଗ୍ରେସ ମିଳିତ ସରକାର ଭାରତ ବର୍ଷରେ ଯେଉଁ ସବୁ ସଂପତି ସୃଷ୍ଟି କରିଥିଲେ ବର୍ତମାନର ପ୍ରଧାନମନ୍ତ୍ରୀ ତାଙ୍କର ନିଜର କିଛି ନିକଟତମ ପୁଞ୍ଜିପତି ବନ୍ଧୁ ମାନଙ୍କୁ ସିଧାସଳଖ ବିକ୍ରି କରିବା ପାଇଁ ନିଷ୍ପତି ନେଇ ସାରିଛନ୍ତି ବୋଲି ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅଖଳ ଭାରତୀୟ କଂଗ୍ରେସ କମିଟିର ବରିଷ୍ଠ ମୁଖପାତ୍ର ତଥା ପୂର୍ବତନ ସାଧାରଣ ସଂପାଦକ ମୋହନ ପ୍ରକାଶ କହିଥିଲେ ଏ ଯେଉଁ ସଂପତି ସବୁ ମୋଦି ସରକାର ଲିଷ୍ଟ କରିଛନ୍ତି ତାକୁ ବିକ୍ରି କରିବା ପାଇଁ ଅଥବା ଆସନ୍ତା ୪ ବର୍ଷ ପାଇଁ ଲିଜ ଦେବା ପାଇଁ ସେଥିରୁ ସରକାରଙ୍କୁ ପ୍ରଚୁର ପରିମାଣରେ ଲାଭ ଦେଉଛି ଏବଂ ସରକାର ବହୁ ପରିମାଣରେ ଡିଭିଡେଂଟ ମଧ୍ୟ ପାଉଛନ୍ତି । ଭାରତ ବର୍ଷର କୋଟି କୋଟି ଯୁବକଯୁବତୀଙ୍କର ଆଶାବିଶ୍ୱାସକୁ ମାରିଦେବା ତାଙ୍କ ପାଇଁ ସୁଯୋଗଟିକୁ ତାଲା ପକାଇଦେବା ଏବଂ ଏହାଦ୍ୱାରା କେବଳ ନିଜ ରାଜନୈତିକ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ଛଡ଼ା ଦେଶପାଇଁ ଏହି ଯୋଜନା କୌଣସି ପ୍ରକାର ସୁଫଳ ଆଣିପାରିବ ନାହିଁ । ଏସବୁ ସଂପତି ବା ରାଷ୍ଟ୍ରୀୟ ଉଦ୍ୟୋଗ ପାର୍ଲ୍ୟାମେଟର ବିନା ସ୍ୱୀକୃତିରେ ଜନସାଧାରଣଙ୍କ ବିନା ନିଷ୍ପତିରେ ନରେନ୍ଦ୍ର ମୋଦିଙ୍କୁ ବିକ୍ରି କରିବାକୁ କିଏ ଅନୁମତି ଦେଲା । ଜନତା ଆପଣଙ୍କୁ ନିର୍ବାଚିତ କରିଥିଲେ ଦେଶ ଚଳାଇବା ଓ ଦେଶକୁ ଆଗକୁ ନେବା । କିନ୍ତୁ ଦେଶ ସଂପତିକୁ ନିଜ ବନ୍ଧୁଙ୍କୁ ବିକିଦେବା ପାଇଁ ନୁହେଁ ବୋଲି ସେ କହିଛନ୍ତି। ଏଥିପାଇଁ କଂଗ୍ରେସ ଦଳ ପ୍ରତ୍ୟେକ ସ୍ତରରେ ଜନସଚେତନା ସୃଷ୍ଟି କରିବା ସହ ଏ ସରକାରଙ୍କୁ ଏଥିରୁ ନିବୃତ କରିବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖିବ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅଖିଳଭାରତୀୟ ଜାତୀୟ କଂଗ୍ରେସର ସାଧାରଣ ସଂପାଦକ, ଓଡ଼ିଶା ପ୍ରଭାରୀ ଡ. ଏ ଚେଲାକୁମାର, ସଂପାଦକ କି ରୁଦ୍ର ରାଜୁ, ବିଧାୟକ ଦଳର ନେତା ନରସିଂହ ମିଶ୍ର, ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, ବରିଷ୍ଠ କଂଗ୍ରେସ ନେତା ଶରତ ରାଉତ ଏବଂ ପ୍ରଦେଶ କଂଗ୍ରେସ ମିଡିଆ ସେଲର ଅଧ୍ୟକ୍ଷ ଗଣେଶ୍ୱର ବେହେରା, ପ୍ରଦେଶ କଂଗ୍ରେସ ମୁଖପାତ୍ର ପଦ୍ମାକର ଗୁରୁ ଉପସ୍ଥିତ ଥିଲେ ।

# ଜାତୀୟ ମୁଦ୍ରୀକରଣ ଯୋଜନା ଶତାବ୍ଦୀର ସବୁଠାରୁ ବଡ଼ ଘୋଟାଲା : କଂଗ୍ରେସ

ଭୁବନେଶ୍ୱର ,୨/୯ (ନି.ପ୍ର): ଜାତୀୟ ମୁଦ୍ରୀକରଣ ଯୋଜନାରେ ମୋଦୀ ସରକାର ଯେଉଁ ଜାତୀୟ ସଂପତ୍ତିକୁ ବିକ୍ରି କିମ୍ବା ୪ବର୍ଷ ପାଇଁ ଲିଜ୍‌ରେ ଦେବାକୁ ତାଲିକା ପ୍ରସ୍ତୁତ କରିଛନ୍ତି; ସେସବୁ ସଂପତ୍ତି ସରକାରଙ୍କୁ ପ୍ରଚୁର ଲାଭ ଦେଉଛି। ସରକାର ମଧ୍ୟ ବହୁ ପରିମାଣରେ ଲାଭାଂଶ ପାଉଛନ୍ତି। ଏସବୁ ସଂପତ୍ତିର ସାମାଜିକ ଦାୟିତ୍ୱବୋଧ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦେଶକୁ ଦୁର୍ବଳ କରିବା ଓ କୋଟିକୋଟି ଯୁବକ/ଯୁବତୀଙ୍କ ଆଶା ବିଶ୍ୱାସକୁ ମାରିଦେବା ଲାଗି ଏଭଳି ପଦକ୍ଷେପ ନିଆଯାଇଛି। ଜାତୀୟ ମୁଦ୍ରୀକରଣ ଯୋଜନାର ହେଉଛି ଶତାବ୍ଦୀର ସବୁଠାରୁ ବଡ଼ ଘୋଟାଲା ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ବୁଧବାର କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ବରିଷ୍ଠ ମୁଖପାତ୍ର ମୋହନ ପ୍ରକାଶ କହିଥିଲେ ଯେ କେବଳ ନିଜ ରାଜନୈତିକ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ କେନ୍ଦ୍ର ସରକାର ଏଭଳି ଯୋଜନା ଆଣୁଛନ୍ତି। ବିପିସିଏଲ ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନିକଟରେ ଦେଶର ୧୧ ପ୍ରତିଶତ ପେଟ୍ରୋଲ, ଡିଜେଲର ଅଂଶଧନ ରହିଛି। ଆର୍ଥିକ ବର୍ଷରେ ଲାଭାଂଶ ମଧ୍ୟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଛି। ସେହିପରି ୧୫୯ ରେଳବାଇ ଷ୍ଟାଡିୟମ, ୧୪ଶହ କି.ମି ରେଳପଥ, ୭୪୧ କି.ମି କୋଙ୍କଣ ରେଲୱେର ୯୦ ପାସେଞ୍ଜର ଟ୍ରେନ୍ ଆଦିକୁ ବିକ୍ରି କରିବା ପାଇଁ ନିଷ୍ପତ୍ତି ହୋଇଛି। ଏସବୁ ଜାତୀୟ ସଂପତ୍ତି ଏଭଳି ଭାବେ ଚୟନ କରାଯାଇଛି; ଯାହାଫଳରେ ମୋଦୀଙ୍କ ଦୁଇ ନିକଟତମ ବନ୍ଧୁ ଅଦାନୀ ଓ ଅମ୍ବାନୀ ପରିବାର ଭିତରେ ବଣ୍ଟା ହୋଇପାରିବ। ଦେଶର ୨୫ଟି ବିମାନବନ୍ଦର ସଲଗ୍ନ ଏକର ଏକର ଜମି, ୯ଟି ସାମୁଦ୍ରିକ ଓ ପାରାଦୀୟ ଭଳି ନଦୀଭିତ୍ତିକ ବନ୍ଦର ପାଇଁ ସେ ସମୟରେ ରାଜ୍ୟ ସରକାର ପ୍ରାୟ ୬ଶହ ଏକର ଜମି ବିନା ମୂଲ୍ୟରେ ଦେଇଥିଲେ। ପାରାଦୀପ ବନ୍ଦର ଅତ୍ୟନ୍ତ ଲାଭଦାୟକ ବନ୍ଦର। ଏହି ବନ୍ଦରକୁ ଲିଜ୍ ଦେବା ପୂର୍ବରୁ ମୋଦୀ ସରକାର କ'ଣ ରାଜ୍ୟ ସରକାରଙ୍କ ସହିତ କଥା ହୋଇଛନ୍ତି ନା ନାହିଁ ତାହା ଜନସାଧାରଣ ଜାଣିବା ଦରକାର। ସେହିପରି ଏଲ୍‌ଆଇସି କେନ୍ଦ୍ର ସରକାରଙ୍କୁ ୫୦ ହଜାର କୋଟି ଟଙ୍କାର ଲାଭାଂଶ ଦେଉଛି। ଏଥିରେ ୨ଲକ୍ଷରୁ ଅଧିକ ଲୋକ ସିଧାସଳଖ ନିଯୁକ୍ତି ପାଇଛି।

## ଗୁରୁଦିବସ ଓ ସାଂପ୍ରତିକ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ବିକାଶର ଧ୍ୱଜା ହାତରେ ଧରି କେଉଁଠି ନା କେଉଁଠି ହାରିଯାଉଛୁ ପ୍ରତି ମୁହୂର୍ତ୍ତରେ ଓ ଅସହାୟରେ ଚିତ୍କାର କରୁଛୁ । ଆଜି ମଣିଷ ମନରେ ଗର୍ବ, ଅହଂକାର, ପରଶ୍ରୀକାତରତା, ସ୍ୱାର୍ଥପରତା, ବିବେକହୀନତତା ଏବଂ କ୍ଷୁଦ୍ର ମାନସିକତା ଆଦି କଦର୍ଯ୍ୟ ଗୁଣାବଳୀ ବସା ବାନ୍ଧିରହିଛି ଯେମିତି । ପ୍ରଯୁକ୍ତି ବିଦ୍ୟାର ପ୍ରଗତି ଘଟିଲେ ବି ତଥା କଥିତ ଭଦ୍ର ମଣିଷଙ୍କର ଆଚରଣ ଓ ଉଚ୍ଚରଣରେ କୌଣସି ପରିବର୍ତ୍ତନ ପରିଲକ୍ଷିତ ନହେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ଅଟେ । ଏହାର ମୁଖ୍ୟ କାରଣ ହୁଏତ ଯଥାର୍ଥ ଶିକ୍ଷାର ଅଭାବ କୁହାଯାଇପାରେ । ଯେତେବେଳେ ଇଂରେଜ ଶାସନ ସମୟରେ ମ୍ୟାକେଲଙ୍କ ପରାମର୍ଶ କ୍ରମେ ଇଂରାଜୀ ଶିକ୍ଷା ପ୍ରଚଳନ କରାଗଲା ସେତେବେଳେ ଶ୍ରୀଅରୋବିନ୍ଦଙ୍କ ଭଳି କେତକ ରାଷ୍ଟ୍ରଭକ୍ତ ଚିନ୍ତା ପ୍ରକଟ କରିଥିଲେ । ଶିକ୍ଷାର ଲକ୍ଷ୍ୟ ଯେ ଅର୍ଥ ଅର୍ଜନ ନୁହେଁ ଶ୍ରୀଅରୋବିନ୍ଦ ସ୍ପଷ୍ଟ କରିଥିଲେ । ଦେଶପ୍ରେମ ହିଁ ଶିକ୍ଷାର ଯଥାର୍ଥ ଭୂଷଣ ହେବା ଉଚିତ ବୋଲି ସେ କହିଥିଲେ । ଜାତିର ଜନକ ମହାତ୍ମା ଗାନ୍ଧୀ ମଧ୍ୟ 'ଇୟଙ୍ଗ ଇଣ୍ଡିଆ'ରେ ଉତ୍ତମ ଛାତ୍ର ଓ ଶିକ୍ଷକର ସମ୍ପର୍କ ଉପରେ ଗୁରୁତ୍ୱ ଦେଇଥିଲେ । କାରଣ ସେ ଭଲଭାବରେ ଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରିଥିଲେ। ଉପଯୁକ୍ତ ଶିକ୍ଷା ହିଁ କେବଳ ସମାଜ ଗଢିପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ମଧ୍ୟ ଏକ ଶାନ୍ତ ସରଳ ପ୍ରାକୃତିକ ପରିବେଶରେ ଶିକ୍ଷାଦାନର ଗୁରୁତ୍ୱ ହୃଦୟଙ୍ଗମ କରି ସତ୍ୟବାଦୀ ବକୁଳ ବନର ସବୁଜ ଶୋଭା ମଧ୍ୟରେ ପ୍ରତିଷ୍ଠା କରିଥିଲେ ତାଙ୍କର ଚିର ଈପସିତ ବନବିଦ୍ୟାଳୟ । ଏହା କେବଳ ଗୋଟିଏ ବିଦ୍ୟାଳୟ ନଥିଲା ସତେଯେପରି ଏକ ମଣିଷ ତିଆରି କାରଖାନା ଥିଲା । ଛାତ୍ରର ଚରିତ୍ର ଗଠନ ଏହାର ବିଶେଷ ଲକ୍ଷ୍ୟ ଥିଲା । ସ୍ୱାମୀ ବିବେକାନନ୍ଦ ମଧ୍ୟ ଉପଯୁକ୍ତ ଶିକ୍ଷା ମାଧ୍ୟମରେ ଯୁବଶକ୍ତିର ବିକାଶ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଆତ୍ମବିକାଶ ହେଉଛି ପ୍ରତ୍ୟେକ ଯୁବକର ସଫଳ ଜୀବନର ରହସ୍ୟ ବୋଲି ସେ ଦୃଢତାର ସହିତ ମତବ୍ୟକ୍ତ କରିଥିଲେ । ଆତ୍ମବିକାଶ କେବଳ ଯଥାର୍ଥ ଶିକ୍ଷା ଦ୍ୱାରା ସମ୍ଭବ ହୋଇପାରିବ । ଆଜି ବି ତାଙ୍କର ବଜ୍ର ନିର୍ଘୋଷ ବାଣୀ କେବଳ ଭାରତରେ ନୁହେଁ ବରଂ ସମଗ୍ର ବିଶ୍ୱରେ ଝଂକୃତ ହେଉଛି ।

'ଉତ୍ତିଷ୍ଠିତ, ଜାଗ୍ରତ, ପ୍ରାପ୍ୟ ବରାନ୍ନିବୋଧତ।' ସାଂପ୍ରତିକ ଅବକ୍ଷୟମୁଖୀ ସମାଜର ପୁନଃ ନିର୍ମାଣ ପାଇଁ ଯଥାର୍ଥ ଛାତ୍ରବତ୍ସଳ ପ୍ରଜ୍ଞାବନ୍ତ ଗୁରୁ ଓ ନମ୍ର,ବିନୟୀ ତଥା ବାଧ ଶିଷ୍ୟଙ୍କର ଆବଶ୍ୟକତା ରହିଛି। ସତ୍ୟବାଦୀର ବନ ବିଦ୍ୟାଳୟ ଭଳି ଆଦର୍ଶ ଶିକ୍ଷାନୁଷ୍ଠାନ ଗଠନର ଆବଶ୍ୟକତା ଅଛି । ଆଜିର ବିଜ୍ଞାନ ଯୁଗରେ ଆମେ ଯେତେ ସଫଳତାର ସୋପାନ ଅତିକ୍ରମ କଲେ ବି ଗୁର-ଶିଷ୍ୟଙ୍କର ମହାନ ପରମ୍ପରାକୁ ସର୍ବଦା ସ୍ମରଣ ରଖିବା ଉଚିତ୍ । ଭୋଗବାଦ ଅପେକ୍ଷା ତ୍ୟାଗବାଦ ଯେ ଏକ ବଳିଷ୍ଠ ସଂସ୍କୃତି ଗଠନର ପରିଚୟକ ଏକଥା ସହଜରେ ଅନୁମେୟ । ସର୍ବ ପ୍ରଥମେ ଛାତଛାତ୍ରୀମାନର ମାନସିକତାରେ ପରିବର୍ତ୍ତନ ଆଣିବା ଦରକାର । ନୈତିକ ଶିକ୍ଷା ମାଧ୍ୟମରେ ଚରିତ୍ର ଗଠନ ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ଉଚିତ୍ । ଶାରୀରିକ ଶ୍ରମ ଉପରେ ଯଥୋଚୀତ ଗୁରୁତ୍ୱ ପ୍ରଦାନକଲେ ଜଣେ ବିଦ୍ୟାର୍ଥୀ ବଳିଷ୍ଠ ଓ ସୁଠାମ ହୋଇପାରିବ। ଭଲ ଓ ନୀରୋଗ ଶରୀର ଏକ ସୁସ୍ଥ ମନ ଗଠନରେ ସାହାଯ୍ୟ କରିପାରିବ। ଏହାଦ୍ୱାରା ଭାରତ ବର୍ଷର ମହାନ କାଳଜୟୀ ବୈଦିକ ସଂସ୍କୃତି ଚିର ଜାଜ୍ୱଲ୍ୟମାନ ହେବା ସହିତ ଆମେ ବିଜ୍ଞାନ ଶାସ୍ତ୍ରର ଜ୍ଞାନ ନେଇ ସାମ୍ପ୍ରତିକ ବ୍ୟବସ୍ଥାରେ ମଧ୍ୟ ଅଗଣିତ ଆରୁଣୀ ଓ ଉପମନ୍ୟୁଙ୍କ ଭଳି ଶିଷ୍ୟ ସୃଷ୍ଟି କରିପାରିବା । ଏହା ନିଃସନ୍ଦେହ ।

+ ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ଭୁବନେଶ୍ୱର ଅନ୍ଧାରୁଆରେ ପ୍ରତିଷ୍ଠା ହେବ ଆଇକନିକ ଆଦର୍ଶ ବିଦ୍ୟାଳୟ

ଭୁବନେଶ୍ୱର,୦୨/୦୯ (ନି.ପ୍ର): ଭୁବନେଶ୍ୱର ଅନ୍ଧାରୁଆ ରେ ଆଇକନିକ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହେବ। ୨୫ ଏକର ଜମି ରେ ପ୍ରତିଷ୍ଠା ହେବାକୁ ଥିବା ଏହି ବିଦ୍ୟାଳୟ ରେ ୫୦୦ ଛାତ୍ରଛାତ୍ରୀ ଙ୍କୁ ଯୁକ୍ତ ଦୁଇ ଶିକ୍ଷା ଦାନ କରାଯିବ । ରାଜ୍ୟରେ ଥିବା ୩୧୪ ଆଦର୍ଶ ବିଦ୍ୟାଳୟ ରୁ ବଛା ବଛା ଛାତ୍ର ଛାତ୍ରୀ ଏହି ସ୍କୁଲ ରେ ପଢିବାକୁ ସୁଯୋଗ ପାଇବେ। ଏହି ବିଦ୍ୟାଳୟ କୁ ଆସନ୍ତା ୫ ତାରିଖରେ ଉଦଘାଟନ କରାଯିବ ବୋଲି ସୂଚନା ଦେଇଛନ୍ତି ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଜେଇଇ ପରୀକ୍ଷାରେ ଅନିୟମିତତା....

କର୍ମଚାରୀମାନେ ଜେଇଇ(ମେନ୍ସ) ପରୀକ୍ଷାରେ ଅନିୟମିତତା କରିଥିବା ଅଭିଯୋଗ ହୋଇଛି। ଏଫଆଇଆର ଅନୁସାରେ, ଅଭିଯୁକ୍ତମାନେ ଅନଲାଇନ ଜେଇଇ(ମେନ୍ସ) ପରୀକ୍ଷାରେ ହେରଫେର କରିଥିଲେ ଓ ଆଶାୟୀ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଏନଆଇଟିଗୁଡ଼ିକରେ ଆଡମିଶନ କରିବାରେ ସହାୟତା କରିଥିଲେ। ହରିଆଣାର ସୋନେପତରେ ଥିବା ଗୋଟିଏ ପରୀକ୍ଷା କେନ୍ଦ୍ରରୁ ଏମାନେ ରିମୋଟ ଦ୍ୱାରା ପ୍ରଶ୍ନଗୁଡ଼ିକ ସମାଧାନ କରି ପରୀକ୍ଷାର୍ଥୀଙ୍କୁ ସବୁ ପ୍ରକାରର ସହାୟତା କରିଥିଲେ। ଏହାବାଦ୍ ସିକ୍ୟୁରିଟି ବାବଦକୁ ଅଭିଯୁକ୍ତମାନେ ଆଶାୟୀଙ୍କ ଦଶମ, ଦ୍ୱାଦଶ ଶ୍ରେଣୀ ମାର୍କଶିଟ୍, ୟୁଜର ଆଇଡି, ପାସୱାର୍ଡ ଓ କିଛି ଆଗକୁ ତାରିଖ ଥିବା ଚେକ୍ ?ଗୁଡ଼ିକୁ ନିଜ ପାଖରେ ରଖୁଥିଲେ। ପିଲାମାନଙ୍କ ନାଁ ଲେଖା ହୋଇଯିବା ପରେ ସେମାନେ ଏହା ବଦଳରେ ଜଣଙ୍କ ପିଛା ୧୨ରୁ ୧୫ ଲକ୍ଷ ଟଙ୍କା ଆଦାୟ କରୁଥିଲେ। ଆଜି ସିବିଆଇ ପକ୍ଷରୁ ୬ଟି ରାଜ୍ୟର ୧୯ଟି ସ୍ଥାନରେ ରେଡ୍ କରାଯାଇଛି। ଏହି ସମୟରେ ୧୫ଟି ଲ୍ୟାପଟପ୍, ୭ଟି ପିସି, ୩୦ଟି ଆଗୁଆ ତାରିଖ ଥିବା ଚେକ୍ ଓ ବିଭିନ୍ନ ପ୍ରକାରର କାଗଜପତ୍ର ଜବତ କରାଯାଇଛି। ସିବିଆଇ ପକ୍ଷରୁ ଅନେକ ଲୋକଙ୍କୁ ମଧ୍ୟ ପଚରାଉଚରା କରାଯାଇଛି।

## ଆଫଗାନିସ୍ତାନରେ କବଜା ପରେ....

ଦୀର୍ଘ ବର୍ଷ ଧରି ଯୁଦ୍ଧ କ୍ଷତିଗ୍ରସ୍ତ ଆଫଗାନବାସୀଙ୍କ ପାଇଁ ତାଲିବାନ ସରକାର ଗଠନ କରିବା ପରେ କ'ଣ କରିବ, ତା' ଉପରେ ସମସ୍ତଙ୍କ ନଜର। କାରଣ ଆଫଗାନର ଆର୍ଥିକ ସ୍ଥିତି ଦୁର୍ବଳ। ଲୋକମାନେ ପାଣି ଓ ଖାଦ୍ୟ ପାଇଁ ଡହଳ ବିକଳ ହେଉଛନ୍ତି। ସେଠାକାର ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ବିପର୍ଯ୍ୟୟ। ତେଣୁ ଏଗୁଡ଼ିକୁ ତାଲିବାନ ଭଳି ଏକ ସଂଗଠନ କେମିତି ସୁଧାରିବ, ତାହା ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ଅନ୍ୟପକ୍ଷରେ କାବୁଲ ଏୟାରପୋର୍ଟରୁ ପୁଣି ଉଡ଼ାଣ ଆରମ୍ଭ କରିବାକୁ ବିଭିନ୍ନ ରାଷ୍ଟ୍ର ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। କତାରର ବୈଦେଶିକ ମନ୍ତ୍ରୀ ଶେଖ ମହମ୍ମଦ ବିନ ଅବଦୁଲରହମାନ ଅଲ ଥାନୀ କହିଛନ୍ତି, କତାର ଏବେ ତାଲିବାନ ସହ କଥା ହେବା ସହ ତୁର୍କୀ ସହ ମିଶି କାମ କରୁଛି। ଖୁବଶୀଘ୍ର କାବୁଲ ଏୟାରପୋର୍ଟରୁ ଅପରେସନ ଆରମ୍ଭ କରିବାକୁ ଯୋଜନା ରହିଛି। ଏହା ଅଧିକରୁ ଅଧିକ ଲୋକଙ୍କୁ ଆଫଗାନରୁ ଉଦ୍ଧାର କରିବାରେ ସହାୟକ ହେବ। ଆଫଗାନ ଛାଡ଼ିବାକୁ ଚାହୁଁଥିବା ଲୋକଙ୍କ ସୁରକ୍ଷିତ ଏୟାରଲିଫ୍ଟ ହିଁ ଏକମାତ୍ର ଲକ୍ଷ୍ୟ ବୋଲି ସେ କହିଛନ୍ତି।

## ଶାଳଚୁଆ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



ଉଦଳା,୦୨/୦୯ (ନି.ପ୍ର): କପ୍ତିପଦା ପଞ୍ଚାୟତ ସମିତି ଅନ୍ତର୍ଗତ ଶାଳଚୁଆ ଗ୍ରାମପଞ୍ଚାୟତରେ ୧୯୮୦ ମସିହାରେ ଗଢ଼ି ଉଠିଥିବା ଶାଳଚୁଆ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର କବାଟଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇ ଯାଇଛି । ଲକ୍ଷ୍ମୀଧର ସାର ୧୯୮୨ ମସିହା ଅଗଷ୍ଟ ମାସରେ ଚାକିରିରେ ଯୋଗ ଦେଇ ୨୦୨୧ ମସିହା ଅଗଷ୍ଟ ୩୧ ତାରିଖ ଦିନ ଅର୍ଥାତ ୪ ଦାନ୍ଧି ଧରି ଚାକିରିରେ ରହି ଅବସର ନେଇଛନ୍ତି। ଉକ୍ତ ଉତ୍ସବରେ ଲକ୍ଷ୍ମୀଧର ସାରଙ୍କ ସହିତ ଦିନ ବିତାଇଥିବା ପୁର୍ବତନ ଛାତ୍ର ଛାତ୍ରୀ ମାନେ ଯୋଗ ଦେଇ ବିଦ୍ୟାଳୟର ବିଗତ ଦିନର ଇତିହାସକୁ ବର୍ଣ୍ଣନା କରିଥିଲେ । ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଲକ୍ଷ୍ମୀଧର ସାରଙ୍କ ସମ୍ପର୍କରେ କହିବାକୁ ଯାଇ ବ୍ୟକ୍ତ କରିଥିଲେ ଯେ ଜଣେ ଛାତ୍ର ଛାତ୍ରୀ ବତ୍ସଳ ଶିକ୍ଷକ ତଥା ଶିକ୍ଷକ ମାନଙ୍କର ସଂଗ୍ରାମୀ ନେତା ସମୟାନୁବର୍ତ୍ତିତା ଓ ସୁସଂଗଠକ ଭାବରେ ସାର ତାଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ୧୯୮୨ ମସିହାରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ମୟୂରଭଞ୍ଜରେ ଯୋଗ ଦେଇ କପ୍ତିପଦା ତଥା ମୟୂରଭଞ୍ଜ ଜିଲ୍ଲାର ସୁନାମ ଅର୍ଜନ କରିଥିଲେ । ପୁର୍ବତନ ଛାତ୍ର ଛାତ୍ରୀଙ୍କ ସମେତ ବର୍ତ୍ତମାନର ଛାତ୍ର ଛାତ୍ରୀ ମାନେ ସକାଳୁକୂଳ ପରିବେଶ ମଧ୍ୟରେ ଲକ୍ଷ୍ମୀଧର ସାରଙ୍କର ଦିର୍ଘ ଜୀବନ କାମନା ଈଶ୍ୱରଙ୍କ ନିକଟରେ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କିଶୋର ଚନ୍ଦ୍ର ବିଶ୍ୱାଳ ପ୍ରାରମ୍ଭରେ ସ୍ୱାଗତ ଭାଷଣ ସହିତ କାଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ସଞ୍ଜୟ କୁମାର ଶତପଥି, ପୂର୍ଣ୍ଣଚନ୍ଦ୍ର ଶଙ୍ଖୁଆ, ଝରଣା ବେହେରା, ଇତିଶ୍ରୀ ନାୟକ, ବିଦ୍ୟୁତଲତା ବିଶ୍ୱାଳ, ଦୁଲା କିସ୍କୁ, ଜଗନ୍ନାଥ ମଲ୍ଲିକ, ଚନ୍ଦନ କୁମାର ଦେ, ଈଶ୍ୱର ଚନ୍ଦ୍ର ଆରୁଖ, ରଜନୀ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ ।

## ଭଂଜସେନାର ସମଗ୍ର ଜିଲ୍ଲା କାର୍ଯ୍ୟକାରିଣୀ କମିଟି ଭଙ୍ଗ

ବାରିପଦା,୦୨/୦୯ (ନି.ପ୍ର): ମୟୂରଭଂଜ ଜିଲ୍ଲାର ଏକମାତ୍ର ଅଗ୍ରଣୀ ଯୁବ ଛାତ୍ର ସଂଗଠନ ଭଂଜସେନା ଜତାର ସଙ୍ଗଠନକୁ ଅଧିକରୁ ଅଧିକ କ୍ରିୟାଶୀଳ କରିବା ପାଇଁ ଆଜି ତା ୦୧/୦୯/୨୦୨୧ ରିଖ ଦିନ ଜିଲ୍ଲା ସାରା ସମସ୍ତ କାର୍ଯ୍ୟକାରୀ କମିଟିକୁ ସମ୍ପୂର୍ଣ୍ଣ ରୂପେ ଭଙ୍ଗ କରାଗଲା ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏବଂ ଆଗାମୀ ୧ ମାସ ମଧ୍ୟରେ ଜିଲ୍ଲାର ଅଭିଜ୍ଞ ତଥା କର୍ମଠ ବ୍ୟକ୍ତିବିଶେଷ ଓ ଆଗଧାଡ଼ିର ଯୁବଛାତ୍ର ତଥା ନୂତନ ଓ ପୁରାତନ ଯୁବଛାତ୍ର ସଦଶ୍ୟ ମାନଙ୍କୁ ନେଇ ଏକ ନୂତନ କାର୍ଯ୍ୟକାରିଜ କମିଟି ଗଠନ କରାଯାଇ ମୟୂରଭଞ୍ଜ ଜିଲ୍ଲାରେ ରହିଥିବା ବିଭିନ୍ନ ସମସ୍ୟା ଓ ଜିଲ୍ଲାର ସାମୁହିକ ସ୍ୱାର୍ଥ ପାଇଁ ଭଂଜସେନା ତାର କାର୍ଯ୍ୟପନ୍ଥା ଏବଂ ସଂଗ୍ରାମ ଜାରି ରଖିବ ବୋଲି ଭଂଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି ।

## ହିଡ଼ିଗାଁ ଡାକଘର ସ୍ଥାନାନ୍ତରକୁ ନେଇ ଅସନ୍ତୋଷ

ବାଲେଶ୍ୱର,୦୨/୦୯ (ନି.ପ୍ର): ହିଡ଼ିଗାଁ ପୋଷ୍ଟ ଅଫିସ ସ୍ଥାନାନ୍ତରକୁ ବିରୋଧ କରି ଗ୍ରାମବାସୀମାନେ ବାଲେଶ୍ୱର ଡାକ ଅଧୀକ୍ଷକଙ୍କଠାରେ ଫେରାଦ ହୋଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ପୂର୍ବରୁ ଏହି ଡାକଘର ଗାଁ'ର ମଧ୍ୟମ ସ୍ଥଳ ଅର୍ଥାତ ହିଡ଼ିଗାଁ ନୋଡାଲ ସ୍କୁଲଠାରେ କାର୍ଯ୍ୟ ଚାଲୁଥିଲା। ମାତ୍ର ତତ୍କାଳୀନ ପୋଷ୍ଟମାଷ୍ଟର ଅଧର ଚନ୍ଦ୍ର ମାଇତି କାର୍ଯ୍ୟ କରୁଥିଲେ। ସେ ଚାକିରିରୁ ଅବସର ନେବା ପରେ ନୂତନ ଅଧିକାରୀ ଏହି ଡାକଘରକୁ ଗ୍ରାମର ଶେଷମୁଣ୍ଡର ଏକ ଦ୍ୱିମହଲା କୋଠାଘରକୁ ସ୍ଥାନାନ୍ତର କରିଛନ୍ତି। ଏହା ଦ୍ୱାରା ବରିଷ୍ଠ ନାଗରିକଙ୍କ ସମେତ ଅନ୍ୟାନ୍ୟ ବର୍ଗର ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ପୂର୍ବଭଳି ଡାକଘରକୁ ଗାଁ'ର ମଧ୍ୟମସ୍ଥଳ ସ୍କୁଲ ନିକଟରେ କାର୍ଯ୍ୟକାରୀ କରାଇବାକୁ ସେମାନେ ଦାବି କରିଛନ୍ତି। ଏନେଇ ଗ୍ରାମବାସୀମାନେ ଜିଲା ମୁଖ୍ୟ ଡାକ ଅଧୀକ୍ଷକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ଭାଷା ବିକାଶର କବିତା ପଠନ ଓ କବିତା ଗଠନ କାର୍ଯ୍ୟକ୍ରମ



ବାଲେଶ୍ୱର,୦୨/୦୯ (ନି.ପ୍ର): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ଅନୁଷ୍ଠାନର କାର୍ଯ୍ୟାଳୟଠାରେ କବିତା ପଠନ କବିତା ଗଠନର ଏକ ନୂତନ ଆଲୋଚନା ଚକ୍ର ଚାରିଜଣ କବିଙ୍କର କବିତା ପାଠ ମାଧ୍ୟମରେ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । 'ପରିବର୍ତ୍ତନ' ଶୀର୍ଷକ କବିତାରେ ସୁବ୍ରତା ମହାନ୍ତି ସାମ୍ପ୍ରତିକ ସମାଜର ଦୁସ୍ଥିତି, ଅସହାୟତା ଓ କ୍ଷଣଭଙ୍ଗୁର ସମ୍ପର୍କର ସୂଚନା ଦେଇ ଶୂନ୍ୟତା ମଧ୍ୟରେ ଜୀବନ ବିତୁଛି ବୋଲି କହିଥିଲେ ଓ ଏହା ଏକ ସତ୍ୟନିଷ୍ଠ ସମୟକୁ ପରିବର୍ତ୍ତିତ ହେବାର ପ୍ରକ୍ରିୟା ବୋଲି ଆଶାପୋଷଣ କରିଥିଲେ। ଯଶୋଧାରା ଦାସ 'କେବଳ କଲମ' କବିତାରେ ସବୁ ଅତ୍ୟାଚାରର ଜବାବ କେବଳ କଲମ କରିପାରିବ ବୋଲି ଦୃଢ଼ୋକ୍ତି କରିଥିଲେ। 'କାଳ ଭଉଁରୀ' ଶୀର୍ଷକ କବିତାରେ ରଞ୍ଜନ ବାଗ ମୃତ୍ୟୁର ଏକ କରୁଣ ଚିତ୍ର ପ୍ରକାଶ କରି ସୁନ୍ଦର ଉପମା ପ୍ରୟୋଗ ମାଧ୍ୟମରେ ତାହାର ଅବତାରଣା କରିଥିଲେ ତଥା ସଂଯୁକ୍ତା ବିଶ୍ୱାଳ 'ଦାରିଦ୍ର୍ୟ' ନାମକ କବିତାରେ ଦାରିଦ୍ର୍ୟର ଏକ ବୁକୁଫଟା ଦୃଶ୍ୟକୁ ଉପସ୍ଥାପନ କରିଥିଲେ। କବିତା ସବୁର ଆଲୋଚନା କରି ବରିଷ୍ଠ ଗବେଷକ ଡ.ହରିଶ୍ଚନ୍ଦ୍ର ବେହେରା ସବୁ କବିତାକୁ କିପରି କାଳ ରୂପକ ଭଉଁରୀ ଆଚ୍ଛାଦିତ କରିଛି ବିଭିନ୍ନ ଉଦାହରଣ ମାଧ୍ୟମରେ ତାହାକୁ ପ୍ରତିପାଦିତ କରିଥିଲେ। ଅନ୍ୟତମ ଆଲୋଚକ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ.ଶିରୀଶଚନ୍ଦ୍ର ଜେନା କବିତାଗୁଡ଼ିକର ମର୍ମବାଣୀକୁ ବ୍ୟାଖ୍ୟାକରି କାବ୍ୟସୌନ୍ଦର୍ଯ୍ୟର ପ୍ରଶଂସା କରିଥିଲେ ଓ କେତେକଙ୍କୁ ଦ୍ୱିତୀୟ ଚିନ୍ତନ ପାଇଁ ପରାମର୍ଶ ଦେଇଥିଲେ। ନିବାରଣ ଜେନା ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଦୀପକ ବୋଷ କବିତା ଗୁଡ଼ିକର ସଂଯୋଜନା କରିଥବଲେ ଓ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶରତ କୁମାର ମହାପାତ୍ର, ଅରୁଣା ରାୟ, ସଞ୍ଜୟ କୁମାର ପଣ୍ଡା, କଲ୍ୟାଣୀ ନନ୍ଦ,ସ୍ନିଗ୍ଧା ସାମନ୍ତରାୟ,ବାସନ୍ତୀ କର, ପ୍ରୀତିଲେଖା ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ୧ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ୍ : ୧ ଗିରଫ

ଜଳେଶ୍ୱର,୦୨/୦୯ (ନି.ପ୍ର): ନିଶାକାରବାରର ହବ୍ ପାଲଟିଥିବା ବାଲେଶ୍ୱର ଜିଲାର ଜଳେଶ୍ୱର ଅଂଚଳରେ ବ୍ୟାପକ ଚଢାଉ କରାଯାଉଥିଲେ ମଧ୍ୟ ତାହାକୁ ରୋକାଯାଇ ପାରୁନାହିଁ । ଏସ୍‌ଟିଏଫ, ଅବକାରୀ ଓ ପୁଲିସ୍ ନାମକମାତ୍ର ଛୋଟ ଛୋଟ ନିଶାବେପାରୀଙ୍କୁ ଧରୁଥିଲା ବେଳେ ଏହାର ମାଷ୍ଟର ମାଇଣ୍ଡକୁ ଧରିବାରେ ବିଫଳ । ଏବେ ନିଶା ବେପାରୀମାନେ ମହିଳା, ଛୋଟ ବାଳକ ଓ ଅତି ଗରିବ ଲୋକଙ୍କୁ ମୋହରା କରି ସେମାନଙ୍କ ବ୍ୟବସାୟ ଚଳାଇଥିବା ତଥ୍ୟାଭିଜ୍ଞଙ୍କ ଠାରୁ ସୂଚନା ମିଳିଛି। ବୁଧବାର ସଂଧ୍ୟାରେ ଜଳେଶ୍ୱର ପୁଲିସ୍‌ର ଏକ ଟିମ୍ ପଂଚୁଘଣ୍ଟା ଅଂଚଳରେ ଚଢାଉ କରିଥିଲା । ୧୭ ବର୍ଷିୟା ପୁଟୁ ସାହାକୁ ଗିରଫ କରିବା ସହିତ ତା ନିକଟରୁ ୧ ଲକ୍ଷ ଟଙ୍କା ମୂଲ୍ୟର ୧୦ଗ୍ରାମ ଓଜନର ବ୍ରାଉନ୍‌ସୁଗର ଜବତ୍ କରାଯାଇଥିଲା । ସେ ଏହି ସବୁ ବ୍ରାଉନ୍‌ସୁଗର ପୁଡିଆ ଧରି ଅନ୍ୟତ୍ର ଡେଲିଭରି କରିବାଲାଗି ଯାଉଥିବା ବେଳେ ତାହାକୁ ଗିରଫ କରାଯାଇଥିଲା । ହେଲେ ଏଥିରେ ସଂପୃକ୍ତ ମୁଖ୍ୟ ଆସାମୀକୁ ଧରିବାଲାଗି ପୁଲିସ୍ ପ୍ରୟାସ ଜାରି ରଖିଛି ବୋଲି ଜଣାଯାଇଛି ।

## ସାଂଖ୍ୟ ମହାବିଦ୍ୟାଳୟ ଦାୟିତ୍ୱ ଗ୍ରହଣ କଲେ ନୂତନ ଅଧ୍ୟକ୍ଷ

କେନ୍ଦ୍ରାପଡ଼ା,୦୨/୦୯ (ନି.ପ୍ର): କେନ୍ଦ୍ରାପଡା ସାଂଖ୍ୟ ମହା ବିଦ୍ୟାଳୟ +୨ ବିଭାଗର ନୂତନ ଅଧ୍ୟକ୍ଷ ଭାବେ ପ୍ରାଧ୍ୟାପକ ଗଙ୍ଗାଧର ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ବହୁବର୍ଷ ଧରି ପୂର୍ବତନ ଅଧ୍ୟକ୍ଷ ଅଜୟ କୁମାର ବିଶ୍ୱାଳ କାର୍ଯ୍ୟକରି ଅବସର ନେବାପରେ ଏହି ପଦବୀଟି ଖାଲି ପଡିଥିଲା । ପ୍ରାଧ୍ୟାପକ ଶ୍ରୀଯୁକ୍ତ ସାହୁ ନୂତନ ଦାୟିତ୍ୱ ଗ୍ରହଣ କରିଥିବାରୁ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମାନେ ତାଙ୍କୁ ସ୍ୱାଗତ ଜଣାଇଛନ୍ତି ।

## ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା




ଜଳେଶ୍ୱର, ୦୨/୯(ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ଶିକ୍ଷାଜିଲା ଅଧିନସ୍ଥ ଖୁଆଡ କ୍ଲଷ୍ଟର ଦୁଇଜଣ ପ୍ରବୀଣ ଶିକ୍ଷକଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସିଆର୍‌ସିସି ରଂଜନ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ । ଦୀନକୃଷ୍ଣ ନୋଡାଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଶିଶିର କୁମାର ଗାନ୍ଧୀ ଓ ବେଗୁନିଆ ଶାନ୍ତାଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଫାଗୁ ବାସ୍କେଙ୍କୁ ଉତ୍ତରିୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ଅବସରରେ ପ୍ରଧାନ ଶିକ୍ଷକ ଦୀନବଂଧୁ ଦାସ, ଅତିରିକ୍ତ ଗୋଷ୍ଠୀ ଅଧିକାରୀ ସୁଶାନ୍ତ ଜେନା ଯୋଗ ଦେଇ ବିଦାୟୀ ଶିକ୍ଷକମାନଙ୍କ ସ୍ମୃତିଚାରଣ କରିବା ସହିତ ଆଦର୍ଶ ଶିକ୍ଷକ ସବୁଠାରେ ପୂଜା ପାଆନ୍ତି ବୋଲି କହିଥିଲେ । ମୃତ୍ୟୁବରଣ କରିଥିବା ପୁରୁଣାପାଣି ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀ ରୂପାଞ୍ଜଳୀ ପ୍ରଧାନଙ୍କ ଉଦ୍ଦେଶ୍ୟରେ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ବିଭିନ୍ନ ବିଦ୍ୟାଳୟର ଆସିଥିବା ଶିକ୍ଷକ, ଶିକ୍ଷୟତ୍ରୀମାନେ ସହାୟତା କରିଥିଲେ ।

## ମାଣ୍ଡିଆ ପୁଷ୍ଟି ସଶ୍ୟ ଜାତୀୟ ଖାଦ୍ୟ ଓ ସ୍ୱାସ୍ଥ୍ୟ ଉପକାରୀତା ସମ୍ପର୍କୀତ ସଚେତନତା ରଥ ଉଦ୍‌ଘାଟିତ




ବାରିପଦା,୦୨/୦୯ (ନି.ପ୍ର): ଜାତୀୟ ପୋଷଣ ସପ୍ତାହ ଚଳିତ ସେପଟେମ୍ବର ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ପାଳନ ଅବସରରେ ଓଡିଶା ମିଲେଟ ମିଶନ ପକ୍ଷରୁ ମାଣ୍ଡିଆ ପୁଷ୍ଟି ସଶ୍ୟ ଜାତୀୟ ଖାଦ୍ୟ ଏବଂ ଏହାର ସ୍ୱାସ୍ଥ୍ୟ ଉପକାରୀତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦେଶ୍ୟରେ ଦୁଇଟି ସଚେତନତା ରଥ ଉଦଘାଟିତ ହୋଇଯାଇଛି । ଏହି ଉପଲକ୍ଷେ ଆଜି ପୂର୍ବାହ୍ନରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଓଡିଶା ମିଲେଟ ମିଶନ, ଜିଲ୍ଲା କୃଷି ବିଭାଗ (ଆତ୍ମା) ଓ ଜିଲ୍ଲା ମିଶନ ଶକ୍ତି ମିଳିତ ଆନୁକୁଲ୍ୟରେ ଆୟୋଜିତ ଜିଲ୍ଲା ସ୍ତରୀୟ ପୋଷଣ ସପ୍ତାହ ସଚେତନତା କାର୍ଯ୍ୟକ୍ରମକୁ ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ ଭା.ପ୍ର.ସେ. ଯୋଗଦେଇ ଆନୁଷ୍ଠାନିକ ଭାବେ ସବୁଜ ପାତାକା ଦେଖାଇ ଦୁଇଟି ସଚେତନତା ରଥ ଉଦଘାଟନ ପୂର୍ବକ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଜିଲ୍ଲାରେ ମାଣ୍ଡିଆ ସଶ୍ୟ ଜାତୀୟ ପୁଷ୍ଟିକର ଖାଦ୍ୟର ଉପକାରୀତା ଓ ଚାହିଦାକୁ ଦୃଷ୍ଟିରେ ରଖି ଓଡିଶା ମିଲେଟ ମିଶନ ତରଫରୁ କାର୍ଯ୍ୟକାରୀତା ଉପରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ପ୍ରକାଶ କରି କହିଲେଯେ, ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ବାଙ୍ଗିରିପୋଷୀ, ବିଶୋଇ ଓ ଯଶିପୁର ବ୍ଲକ ଅଂଚଳରେ କାର୍ଯ୍ୟକାରୀ କରାଯାଇ ଆସୁଅଛି । ଏହି ସଚେତନତା ରଥ କାର୍ଯ୍ୟକ୍ରମରେ ମାଣ୍ଡିଆ ଚାଷୀ ମାନଙ୍କ ଉତ୍ପାଦନ ବୃଦ୍ଧି ଏବଂ ମାଣ୍ଡିଆ ପୁଷ୍ଟିକର ଖାଦ୍ୟର ସ୍ୱାସ୍ଥ୍ୟ ଉପକାରୀତା ସମ୍ପର୍କରେ ଡାକବାଜି ଯନ୍ତ୍ର, ବେନର, ପୋଷ୍ଟର ଏବଂ ସୂଚନା ପତ୍ରିକା ବଂଟନ ମାଧ୍ୟମରେ ଜନସାଧାରଣଙ୍କୁ ବ୍ୟାପକ ସଚେତନତା କରାଯାଉଛି । ସୂଚନା ଯୋଗ୍ୟଯେ, ଓଡିଶା ସରକାରଙ୍କ ମିଲେଟ ମିଶନ କାର୍ଯ୍ୟକ୍ରମରେ ଗତ ୨୦୧୮-୧୯ରୁ କାର୍ଯ୍ୟକାରୀ କରାଯାଇ ବର୍ତମାନ ସୁଦ୍ଧା ଜିଲ୍ଲାରେ ୨୫ଶହ ହେକଟରରୁ ଉର୍ଦ୍ଧ ଜମିରେ ଉନ୍ନତ କୃଷି ପ୍ରଣାଳିରେ ୩ହଜାରରୁ ଉର୍ଦ୍ଧ କୃଷକ ସାମିଲ ହୋଇ ସଫଳତାର ସହିତ ମାଣ୍ଡିଆ ଚାଷ କରି ଉତ୍ପାଦନ ବୃଦ୍ଧି କରାଯାଇ ପାରିଛି । ଏବଂ ଆଗାମୀ ଦିନରେ ଏହି ଚାଷକୁ ଜିଲ୍ଲାର ଅନ୍ୟାନ୍ୟ ବ୍ଲକ ଅଂଚଳରେ ବହୁଳ ଭାବରେ ଚାଷ କରିବା ପାଇଁ ଯୋଜନା ରହିଛି । ଏଥିରେ ଚାଷୀ, ଉଦ୍ୟୋଗୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କର ସକ୍ରିୟ ସହଯୋଗ ଦ୍ୱାରା ଏହି କାର୍ଯ୍ୟକ୍ରମ ସଫଳତାର ସହିତ ତ୍ୱରାନ୍ୱିତ କରାଯାଉଛି । ଉକ୍ତ ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଆତ୍ମା ରବୀନ୍ଦ୍ର କୁମାର ଖଟୁଆ, ସହକାରୀ କୃଷି ନିର୍ଦ୍ଦେଶକ ମୃତିକା ରସାୟନ ବିତ ଡ. ମନୋଜ କୁମାର ଚାନ୍ଦ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ ମାଳା ମିଶ୍ର, ଜିଲ୍ଲା ମିଲେଟ୍ସ ମିଶନ ସଂଯୋଜକ ଅଶ୍ୱନୀ କୁମାର ଦାସ ଏବଂ ଯୋଜନା ଅଧିକାରୀ ନୀଳମାଧବ ଦାସ ପ୍ରମୁଖ ସମେତ ସଂପୃକ୍ତ ବିଭାଗ କ୍ଷେତ୍ର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ସଂସ୍କୃତ ଦିବସରେ ପଣ୍ଡିତ ମନ୍ମଥ କୁମାର ମିଶ୍ର ସମ୍ବର୍ଦ୍ଧିତ



ବାଲେଶ୍ୱର,୦୨/୦୯ (ନି.ପ୍ର): ସଂସ୍କୃତ ଦିବସ ପାଳନ ଅବସରରେ ଜିଲା ଶିକ୍ଷା ବିଭାଗ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି ଚାରିଗାଁ ରାମେଶ୍ୱର ସଂସ୍କୃତ ବିଦ୍ୟାଳୟର ପଣ୍ଡିତ ମନ୍ମଥ କୁମାର ମିଶ। ଜିଲା ସ୍କୁଲ ପ୍ରଧାନ ଶିକ୍ଷକ ଡ. ପ୍ରଫୁଲ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ରଂଜନ କୁମାର ଗିରି ବରେଣ୍ୟ ଅତିଥି ଭାବେ ଯୋଗଦେଇ ପଣ୍ଡିତ ଶ୍ରୀ ମିଶ୍ରଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ତାଙ୍କର ନିଷ୍ପାପର ଶିକ୍ଷାଦାନ ସାଙ୍ଗକୁ ବୈଦିକ କର୍ମକାଣ୍ଡ ପାଇଁ ଶ୍ରୀ ମିଶ୍ରଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେହିପରି ପରିବେଶ ସୁରକ୍ଷା ଉପରେ ଗବେଷଣାରତ ରଘୁନାଥ ଜୀଉ ସଂସ୍କୃତ ମହାବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ମଧ୍ୟ ଏହି ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା।

ବାଲେଶ୍ୱର ଶୁକ୍ରବାର, ୦୩ ସେପ୍ଟେମ୍ବର, ୨୦୨୧

ଧ୍ୱନି ପ୍ରତିଧ୍ୱନି



# ସମୁଦ୍ରକୂଳ ଅଞ୍ଚଳରେ ହେବ ସ୍ୱତନ୍ତ୍ର ପାଟ୍ରୋଲିଂ ବ୍ୟବସ୍ଥା

ପୁରୀ,୦୨/୦୯ (ନି.ପ୍ର): କୋଭିଡ୍ ନିୟମ ଅନୁପାଳନ ଓ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ସମୁଦ୍ରକୂଳ ଅଞ୍ଚଳରେ ସ୍ୱତନ୍ତ୍ର ପାଟ୍ରୋଲିଂ ବ୍ୟବସ୍ଥା କରାଯିବ। ଦାୟିତ୍ୱ ସମ୍ପନ୍ନ ପର୍ଯ୍ୟଟକଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯିବ। କୋଭିଡ଼ି ନିୟମ ଉଲ୍ଲଂଘନ କାରୀଙ୍କୁ ଆଇନ୍ ଅନୁଯାୟୀ ଜାରିମାନା କରାଯିବ। କେବଳ ଆଇନ୍‌ଗତ ସୁରକ୍ଷା ନୁହେଁ ପର୍ଯ୍ୟଟକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ଓ ଉପଯୁକ୍ତ ସହାୟତା ପ୍ରଦାନ ଲାଗି କର୍ତ୍ତବ୍ୟରତ ପୁଲିସର ଦକ୍ଷତା ବୃଦ୍ଧିକୁ ମଧ୍ୟ ଗୁରତ୍ୱାରୋପ କରାଯାଇଛି। ଏଥିପାଇଁ ଟ୍ରାଫିକ୍ ପୁଲିସ,ପିସିଆରରେ ନିୟୋଜିତ କର୍ମଚାରୀ ଓ ପ୍ରମୁଖସ୍ଥାନରେ ନିୟୋଜିତ ପୁଲିସ ଅଧିକାରୀମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଜିଲ୍ଲା ପୁଲିସ ମୁଖ୍ୟାଳୟ ଠାରେ ଆୟୋଜିତ ଏକ କର୍ମଶାଳାକୁ ଏସ୍‌ପି କନୱାର ବିଶାଳ ସିଂ ଉଦ୍‌ଘାଟନ କରିଛନ୍ତି। କର୍ମଶାଳା ଅବସରରେ ବାସ୍ତବରେ ଯେଉଁ ପୁଲିସ କର୍ମଚାରୀମାନେ ଟ୍ରାଫିକ୍ ଦାୟିତ୍ୱରେ ନିୟୋଜିତ ହେଉଛନ୍ତି ସେମାନଙ୍କ ସହିତ ଏସ୍‌ପି ଶ୍ରୀ ସିଂ ସିଧାସଳଖ ଆଲୋଚନା କରିଥିଲେ। କେବଳ ଆଇନ୍‌ଗତ ସୁରକ୍ଷା ନୁହେଁ ବିଶେଷ କରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଓ ସମୁଦ୍ରକୂଳ ଅଞ୍ଚଳରେ ଗମନାଗମନ କ୍ଷେତ୍ରରେ ସହଯୋଗ କରିବା ସହିତ ପର୍ଯ୍ୟଟକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନକୁ କର୍ମଶାଳାରେ ଗୁରତ୍ୱାରୋପ କରାଯାଇଥିଲା। ପୁରୀ ପୁଲିସର ଆଇନ୍ ପରାମର୍ଶଦାତା ସତ୍ୟବାଦୀ ଦାସ ପର୍ଯ୍ୟଟକଙ୍କ ପାଇଁ ଥିବା ଆଇନ୍‌ଗତ ସୁରକ୍ଷା ଓ କୋଭିଡ୍ ନିୟମାବଳୀ ଅନୁପାଳନ ସମ୍ପର୍କରେ ଉପସ୍ଥିତ କର୍ମଚାରୀମାନଙ୍କୁ ଅବଗତ କରାଇଥିଲେ। ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟାପକ ଡ଼ଃ ଅଶୋକ କୁମାର ପ୍ରଥମ ଯୋଗାଯୋଗ ସମୟରୁ ହିଁ ପୁଲିସ ପ୍ରର୍ଯ୍ୟଟକଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରିବାକୁ ଗୁରତ୍ୱାରୋପ କରିଥିଲେ। ଏହି ଅବସରରେ ଗତ ଅଗଷ୍ଟମାସରେ କାର୍ଯ୍ୟସମ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ମହିଳା ଟ୍ରାଫିକ୍ କନଷ୍ଟେବଳ ସନ୍ତୋଷୀ ମଲ୍ଲିକ ଓ ପିସିଆର କନଷ୍ଟେବଳ ପ୍ରାଣକୃଷ୍ଣ ଗୌଡ଼ଙ୍କୁ ସମ୍ମାନିତ କରାଯାଇଥିଲା। ଏହିକାର୍ଯ୍ୟକ୍ରମରେ ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତଥିଲେ।

# ବସ୍ତା ପୋଲିସ ଦ୍ୱାରା ବ୍ରାଉନ ସୁଗାର ଜବଦ ଆସାମୀଙ୍କୁ କୋର୍ଟ ଚାଲାଣ



ବସ୍ତା,୦୨/୦୯ (ନି.ପ୍ର): ବସ୍ତା ଥାନା ଅନ୍ତର୍ଗତ ହଳଦୀପଦା ଅଞ୍ଚଳ ରେ ବୁଧବାର ଚଢ଼ାଉ କରି ବସ୍ତା ଥାନା ପୋଲିସ ଜଣେ ମହିଳା ଙ୍କ ସମେତ ଦୁଇ ଜଣ ବ୍ରାଉନସୁଗାର ବେପାରୀ ଙ୍କୁ ଗିରଫ କରିଛନ୍ତି । ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅଧିନ ସିଙ୍ଗାରପୁର ଗ୍ରାମର ସେକ ଯଲାଲ ଓ ତାଙ୍କ ଝିଅ ସାଇନା ବିବି । ପୋଲିସ ପେଟ୍ରୋଲିଙ୍ଗ କରୁଥିବା ବେଳେ ଅଭିଯୁକ୍ତ ବାପା, ଝିଅ ଙ୍କୁ ସନ୍ଦେହ ରେ ଅଟକାଇ ପଚରାଉଚୁରା କରିଥିଲେ। ସେମାନଙ୍କ ଠାରୁ ୬.୩୫ ଗ୍ରାମ ବ୍ରାଉନ ସୁଗାର, ନଗଦ ୯୫ ହଜାର ଏକ ଶହ ଟଙ୍କା ଓ ୨ଟି ମୋବାଇଲ ଜବଦ ହୋଇଥିଲା । ଜବଦ ବ୍ରାଉନ ସୁଗାର ର ମୂଲ୍ୟ ୬୩ ହଜାର ୫ ଶହ ଟଙ୍କା ହେବ ବୋଲି ପୋଲିସ କହିଛି । ଏ ସମ୍ପର୍କରେ ଥାନା ରେ ଏକ ମାମଲା ନଂ ୨୫୭/୨୧ ରୁଜୁ ହୋଇ ଗିରଫ ବାପା, ଝିଅଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି । ଘଟଣାସ୍ଥଳ ରୁ ଅଭିଯୁକ୍ତ ସେକ ଯଲାଲଙ୍କ ପୁଅ ସେକ ସଫିରୁଦ୍ଦିନ ଫେରାର ହୋଇଯାଇଥିବା ଜଣାପଡିଛି ।

# ରାଜ୍ୟରେ କରୋନାରେ ଆଉ ୬ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୦୨/୦୯ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ତେବେ ଏହି ମୃତ୍ୟୁ ସଂଖ୍ୟା ରିଏଲ ଟାଇମ ନୁହେଁ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୦୨୮ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୪ଜଣ କରୋନା ଆକ୍ରାନ୍ତ ରହିଥିବା ବେଳେ କଟକ ଓ ଯାଜପୁରରୁ ଜଣେ ଲେଖାଏ ମୃତ୍ୟୁବରଣ କରିଛନ୍ତି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ । ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆ ଯାଇଛି ।

# ଛାନୁଆରେ ବିଜେପିର ମିଶ୍ରଣ ପର୍ବ



ବାଲେଶ୍ୱର,୦୨/୦୯ (ନି.ପ୍ର): ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ମିଶ୍ରଣ ପର୍ବ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଛାନୁଆ ପଞ୍ଚାୟତଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଯୁବ ମୋର୍ଚ୍ଚାର ଉପ-ସଭାପତି ମାନସ କୁମାର ଦତ୍ତଙ୍କ ଉଦ୍ୟକ୍ଷ ତତ୍ତ୍ୱାବଧାନରେ ଛାନୁଆ ପଞ୍ଚାୟତର ୧୨ନଂ ୱାର୍ଡ ଗଡ଼ନାୟକାଣୀ ଗ୍ରାମଦେବତୀଙ୍କ ପରଠରେ ଆୟୋଜିତ ଏହି ମିଶ୍ରଣ କାର୍ଯ୍ୟକ୍ରମରେ ବିଜେଡିର ପୂର୍ବତନ ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ଶଙ୍କର୍ଷଣ ସରଦାର, ବାଙ୍କ ବିହାରୀ ଦାସ ଓ ପଦ୍ମଲୋଚନ ଦାସଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ କର୍ମୀ ବିଧିବଦ୍ଧ ଭାବେ ବିଜେପିରେ ଯୋଗଦାନ କରିଥିଲେ। ନବାଗତ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରାଯାଇଥିଲା। ସ୍ଥାନୀୟ ଜିଲା ପରିଷଦ ସଭ୍ୟା ସୁମତି ନାୟକ, ସମିତି ସଭ୍ୟ ସାଗେନ ମାଝୀ, ନାଏବ ସରପଞ୍ଚ ସାବିତ୍ରୀ ମାଇତି, ମଣ୍ଡଳ ସଭାପତି ବିଜୟ ଦାସ, ପଞ୍ଚାୟତ ସଭାପତି ଭାଗ୍ୟଧର ଦାସ ଓ ବରିଷ୍ଠ ନେତା ବଂଶୀଧର ପାତ୍ରଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକାଭୀମୁଖୀ ଯୋଜନା କାର୍ଯ୍ୟକାରିତା ଏବଂ ବିଜେଡି ଶାସନ କାଳରେ ବଢ଼ିଚାଲିଥିବା ଅନୀତିକୁ ନେଇ ସେମାନେ ବିଜେପିରେ ସାମିଲ ହୋଇଥିବା ଶ୍ରୀ ଦତ୍ତ କହିଛନ୍ତି। ପୁରୁଖା ନେତା ଓ କର୍ମୀଙ୍କ ଆଗମନରେ ଦଳୀୟ ସଂଗଠନକୁ ଦୃଢ଼ ହେବା ସହ ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେପିକୁ ବିଶେଷ ସଫଳତା ମିଳିବ ବୋଲି ଶ୍ରୀ ଦତ୍ତ ଆଶା ପ୍ରକାଶ କରିଥିଲେ। ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ସମିତିସଭ୍ୟ ରବିନାରାୟଣ ମହାପାତ୍ର, ବରିଷ୍ଠ ନେତା ଗୌରାଙ୍ଗ ଦାସ ଓ ଲୋକନାଥ ଭୂୟାଁ, ଜୋନାଲ ମିଡିଆ ସଂଯୋଜକ ସତ୍ୟଜିତ ମିଶ୍ର, ଯୁବନେତା ବିକାଶ ପାଢୀ ଓ କୈଶିକ ଚାନ୍ଦ, ଜିଲା ଯୁବ ମୋର୍ଚ୍ଚା ସମ୍ପାଦକ ଅରୂପ ଜେନା ପ୍ରମୁଖ ଏହି ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ।

# ୧୫୦୦ଲିଟର ଚୋରା ଦେଶୀ ମଦ ସହ ମାରୁତି ଭ୍ୟାନ୍ ଜବତ୍ : ୧ ଗିରଫ

ଜଳେଶ୍ୱର, ୦୨/୯(ନି.ପ୍ର) : ବାଲେଶ୍ୱର ଜିଲାର ଉପାନ୍ତ ଜଳେଶ୍ୱରକୁ ଲାଗି ପଶ୍ଚିମବଂଗ ରହିଛି। ଏଠାରୁ ପ୍ରତିଦିନ ଶହ ଶହ ଲିଟର ଚୋରା ଦେଶୀ ମଦ ରାଜ୍ୟମଧ୍ୟକୁ ପ୍ରବେଶ କରୁଥିଲେ ମଧ୍ୟ ଏହାକୁ ସଂପୂର୍ଣ୍ଣ ରୋକାଯାଇ ପାରୁନାହିଁ। ପୂର୍ବସୂଚନା ମୁତାବକ ଆଜି ଗୁରୁବାର ଭୋର ସମୟରେ ଶିଖରପୁର ନଦୀପୋଲ ଉପରେ ଅବକାରୀ ବିଭାଗ ପକ୍ଷରୁ ପେଟ୍ରୋଲିଂ କରୁଥିବା ବେଳେ ପଶ୍ଚିମବଂଗର ଡବ୍ଲୁବିଂ୦୨ଇ-୭୫୩୭ ଏକ ମାରୁତି ଓମ୍ନି ଭ୍ୟାନ୍ ୧୫ଟି ମଟର ଟ୍ୟୁବ ମଧ୍ୟରେ ଚୋରା ଦେଶୀ ମହୁଲି ରନ୍ଧା ମଦ ନେଇ ରାଇବଣିଆ ପଟୁ ଆସୁଥିଲା । ଅବକାରୀ କେସ୍ ନଂ ୭୫/୨୧ ମୂଳେ ଡ୍ରାଇଭର ଚନ୍ଦନା ଗ୍ରାମର ଅର୍ଜୁନ କୁମାର ହେମ୍ବ୍ରମ (୨୫)କୁ ଗିରଫ କରି କୋର୍ଟ ଚାଲାଣ କରାଯିବା ସହିତ ଗାଡି ସହିତ ଚୋରାମଦ ଜବତ୍ କରାଯାଇଛି । ଏହି ଚଢାଉରେ ଏଏସ୍‌ଆଇ ଜୟମାଧବ ଦାସ ପଟ୍ଟନାୟକ, ମଂଗଲ ସିଂ, ରାମଚନ୍ଦ୍ର ମହାନ୍ତି, ଶଶୀଭୂଷଣ ସ୍ୱାଇଁ, ଶଶୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ୟୁକୋ ବ୍ୟାଙ୍କ ପକ୍ଷରୁ ସ୍ୱଚ୍ଛତା ପକ୍ଷ

ବାଲେଶ୍ୱର,୦୨/୦୯ (ନି.ପ୍ର): 'ଆଜାଦୀ କା ଅମୃତ ମହୋତ୍ସବ'ଅବସରରେ ୟୁକୋ ବ୍ୟାଙ୍କ, ବାଲେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଗତ ଅଗଷ୍ଟ ମାସ ୧୬ରୁ ୩୧ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅସବସରରେ ବ୍ୟାଙ୍କ ଦ୍ୱାରା ଜନ ସଚେତନତା ନିମନ୍ତେ କୋଭିଡ ନିୟମ ମଧ୍ୟରେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଓଟି ରୋଡ଼ସ୍ଥିତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସାମିଲ ହୋଇ ସହରର ବିଭିନ୍ନ ସ୍ଥାନରେ ସଫେଇ କରିବା ସହିତ ସାଧାରଣରେ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସଚେତନତା ସଭାରେ ବ୍ୟାଙ୍କର ଅଞ୍ଚଳ ମୁଖ୍ୟ ଲଲାଟେନ୍ଦୁ ବେହେରା ଯୋଗଦେଇ ନିରୋଗ ସ୍ୱାସ୍ଥ୍ୟ ପାଇଁ ପରିବେଶକୁ ସ୍ୱଚ୍ଛ ରଖିବା ଆମର ପ୍ରଥମ କର୍ତ୍ତବ୍ୟ ବୋଲି କହିଥିଲେ। ସେହିପରି ଅନ୍ୟ ଏକ କାର୍ଯ୍ୟକ୍ରମରେ ବ୍ୟସ୍ତତା ପୂର୍ଣ୍ଣ ଜୀବନ ଶୈଳୀ ମଧ୍ୟରେ ଉତ୍ତମ ସ୍ୱାସ୍ଥ୍ୟରକ୍ଷା ପାଇଁ ସଚେତନତା ସୃଷ୍ଟି ନିମନ୍ତେ ୟୁକୋ ବ୍ୟାଙ୍କ, ଅଞ୍ଚଳ କାର୍ଯ୍ୟାଳୟ ଦ୍ୱାରା ଏକ ୱାକାଥନ(ଗଣ ପଦଯାତ୍ରା)ର ଆୟୋଜନ କରାଯାଇଥିଲା। ଏଥିରେ 'ଫିଟନେସ କି ଡୋଜ - ଆଧା ଘଣ୍ଟା ରୋଜ' ବାର୍ତ୍ତା ପ୍ରଚାର କରାଯାଇଥିଲା। ଲୋକମାନେ ନିଜର ଉତ୍ତର ସ୍ୱାସ୍ଥ୍ୟ ବଜାୟ ପାଇଁ ପ୍ରତିଦିନ ଅଧଘଣ୍ଟା ସମୟ ନିଜ ପାଇଁ ବାହାର କରିବା ଉଚିତ ବୋଲି ଅପିଲ କରାଯାଇଥିଲା।

# ଜାତୀୟ ମେଧାବୃତ୍ତି ପାଇଁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କଠାରୁ ଦରଖାସ୍ତ ଆହ୍ୱାନ

ବାଲେଶ୍ୱର,୦୨/୦୯ (ନି.ପ୍ର): ଜାତୀୟ ମେଧାବୃତ୍ତି (ନ୍ୟାସନାଲ ସ୍କଲାରସିପ)ପାଇଁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ଜାତୀୟ ମେଧାବୃତ୍ତି ପୋର୍ଟାଲ ବା ନ୍ୟାସନାଲ ସ୍କଲାରସିପ ପୋର୍ଟାଲ ଜରିଆରେ ଆବେଦନ ନିମନ୍ତେ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏ ନେଇ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଛାତ୍ରଛାତ୍ରୀମାନେ ୱେବସାଇଟରେ ନିଜ ନାମ ପଞ୍ଜୀକରଣ ସହ ଦରଖାସ୍ତ ଦାଖଲ କରିପାରିବେ । ମାଟ୍ରିକ ପୂର୍ବ ଶ୍ରେଣୀ (ପ୍ରି ମାଟ୍ରିକ) ମେଧାବୃତ୍ତି ଆବେଦନ ପାଇଁ ୧୫ ନଭେମ୍ବର ୨୦୨୧କୁ ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଥିବା ବେଳେ ମାଟ୍ରିକ ପରବର୍ତ୍ତୀ (ପୋଷ୍ଟ ମାଟ୍ରିକ) ମେଧାବୃତ୍ତି ଏବଂ ଉଚ୍ଚ ଶ୍ରେଣୀ ଶିକ୍ଷା ପାଇଁ ୩୦ ନଭେମ୍ବର ୨୦୨୧କୁ ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ଦରଖାସ୍ତ ଯାଞ୍ଚର ଶେଷ ତାରିଖ ୧୫ ଡିସେମ୍ବର ୨୦୨୧ ରଖାଯାଇଛି। ସେହିପରି ରାଜ୍ୟସ୍ତରରେ ଯାଞ୍ଚ ପ୍ରକ୍ରିୟାର ଶେଷ ତାରିଖ ୩୧ ଡିସେମ୍ବର ୨୦୨୧ ରଖାଯାଇଛି। ଭାରତ ସରକାରଙ୍କ ଦ୍ୱାରା ରାଜ୍ୟ ପାଇଁ ସୀମିତ ସଂଖ୍ୟକ ମେଧାବୃତ୍ତି ମଞ୍ଜୁର କରାଯାଇଥିବା ବେଳେ ଏହାକୁ 'ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ'(ଫାଷ୍ଟ କମ, ଫାଷ୍ଟ ସର୍ଭ) ନୀତି ମାଧ୍ୟମରେ ବଂଟନ କରାଯିବାକୁ ସିଦ୍ଧାନ୍ତ ନିଆଯାଇଛି। ତେଣୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଛାତ୍ରଛାତ୍ରୀମାନେ ଅନଲାଇନ ମାଧ୍ୟମରେ ଯେପରି ଆବେଦନ କରିପାରିବେ ଓ କୌଣସି ବି ଯୋଗ୍ୟ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଯେପରି ଆବେଦନ ପ୍ରକ୍ରିୟାରୁ ବଞ୍ଚିତ ନ ହେବେ ତାହା ସୁନିଶ୍ଚିତ କରିବାକୁ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସମସ୍ତ ପଞ୍ଜୀକୃତ ଶିକ୍ଷାନୁଷ୍ଠାନର ମୁଖ୍ୟଙ୍କୁ ଅବଗତ କରାଯାଇଛି।

# ମାଗଣାରେ ଚକ୍ଷୁ ପରୀକ୍ଷା ଓ ଅସ୍ତ୍ରପଚାର ଶିବିର

ନୀଳଗିରି,୦୨/୦୯ (ନି.ପ୍ର): ନୀଳଗିରି ବ୍ଲକ ଅଧୀନସ୍ଥ ଅଯୋଧା ଠାରେ ବହୁ ପୁରାତନ ତଥା ପ୍ରତିମୁହୂର୍ତ୍ତରେ ସାଧାରଣ ଲୋକଙ୍କୁ ସହାଯ୍ୟ ସହଯୋଗ ଯୋଗାଇ ଆସୁଥିବା ଓ ସମାଜ କଲ୍ୟାଣ ନିମନ୍ତେ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ କରି ବାଲେଶ୍ୱର ଜିଲ୍ଲା ତଥା ଓଡ଼ିଶାରେ ବେଶ ଚର୍ଚ୍ଚାରେ ନାମ କରିଛି ନୀଳଗିରି ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଫ୍ୟାଟ ଲକ୍ସ କ୍ଲବ ଓ ବାଲେଶ୍ୱର ଲାୟନ୍ସ ଆଖି ହସ୍‌ପିଟାଲ ମିଳିତ ଆନୁକୂଲ୍ୟରେ ଅଯୋଧା ହାଇସ୍କୁଲ ପଡ଼ିଆରେ ମାଗଣାରେ ଚକ୍ଷୁ ପରୀକ୍ଷା ଓ ଅସ୍ତ୍ରପଚାର ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମଟି ଡା. ସାମନ୍ତ ଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଉକ୍ତ ଶିବିରରେ ପାଖ ପଞ୍ଚାୟତରୁ ପ୍ରାୟ ୧୫୦ ରୁ ଉର୍ଦ୍ଧ୍ୱ ଲୋକଙ୍କ ଚକ୍ଷୁ ଚିକିତ୍ସା ପାଇଁ ପରାମର୍ଶ ଦେବା ସହ ଆବଶ୍ୟକୀୟ ସ୍ଥଳେ ଔଷଧ ଯୋଗାଇ ଦିଆଯାଇଛି । ସେମାନଙ୍କ ମଧ୍ୟରେ ୪୨ଜଣଙ୍କର ମୋତିଆବିନ୍ଦୁ ଅପରେସନ ବାଲେଶ୍ୱରରେ କରାଯିବ ବୋଲି ସ୍ଥିର କରାଯାଇଛି। କ୍ଲବ ପକ୍ଷରୁ ସବ୍ୟସାଚୀ ମହାପାତ୍ର, ବ୍ରଜକିଶୋର ରାଜ, ସୁଶାନ୍ତ ପରିଡ଼ା, ନରେଶ କୁମାର ସିଂ, ଅକ୍ଷୟ ଧଳ, ହରିହର ଜେନା, ସୁଶାନ୍ତ ଖୁଣ୍ଟିଆ, ପରମେଶ୍ୱର ମହାରଣା, ଗଙ୍ଗାଧର ମହାନ୍ତି, ଲକ୍ଷ୍ମୀଧରବାରିକ, ରାଜେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଆଗକୁ କ୍ଲବ ପକ୍ଷରୁ ଏପରି ଜନକଲ୍ୟାଣ କାର୍ଯ୍ୟକ୍ରମ କରାଯିବ ବୋଲି ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି। ଅପରପକ୍ଷରେ କ୍ଲବର ଏପରି ଜନକଲ୍ୟାଣ କାର୍ଯ୍ୟକ୍ରମ ପାଇଁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।

# ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଦାବୀପତ୍ର ପ୍ରଦାନ କଲେ ଛାତ୍ର ସମାଜ



ବାରିପଦା,୦୨/୦୯ (ନି.ପ୍ର): ବାରିପଦା ର ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ତରଫରୁ ସ୍ନାତକୋତ୍ତର ପ୍ରଥମ ସେମିଷ୍ଟାର ପରୀକ୍ଷା ପାଇଁ ବିଦ୍ଧିବଦ୍ଧ ଭାବେ କୌଣସି ସୂଚନା ଦିଆ ଯାଇ ନଥିବା ବେଳେ ଦ୍ୱିତୀୟ ସେମିଷ୍ଟାର ପାଇଁ ପାଠପଢା ଆରମ୍ଭ ହୋଇ ସାରିଛି। ଯଦ୍ଦ୍ୱାରା ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଦ୍ୱନ୍ଦରେ ରହୁଛନ୍ତି । ଏ ସଂକ୍ରାନ୍ତରେ ଆଜି ବିଶ୍ୱ ବିଦ୍ୟାଳୟର ସମସ୍ତ ବିଭାଗର ଜଣେଜଣେ ଛାତ୍ର ପ୍ରତିନିଧି ଙ୍କର ଏକ ସାମୁହ ପ୍ରତିନିଧି ଦଳ ବିଶ୍ୱବିଦ୍ୟାଳୟର ମାନନୀୟ କୁଳପତି, ପରୀକ୍ଷା ନିୟନ୍ତ୍ରକ ଓ ସ୍ନାତକୋତ୍ତର ପରିଷଦର ଅଧକ୍ଷଙ୍କ ସହ ଆଲୋଚନା କରିବା ସହିତ ଏକ ଦାବୀପତ୍ର ପ୍ରଦାନ କରିଥିବାର ଜଣା ଯାଇଛି । ଆସନ୍ତା ୨ ଦିନ ମଧ୍ୟରେ ପ୍ରଥମ ସେମିଷ୍ଟାର ପରୀକ୍ଷା ପାଇଁ ସୂଚନା ଦିଆଯିବ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିବାର ଜଣା ଯାଇଛି । ଏହି ପ୍ରତିଧି ଦଳରେ ଅଭିଷେକ ପଣ୍ଡା, ଶୁଭଜିତ ପାଣି, ଅଭିଜିତ ସାହୁ, ରଣଜିତ କୁମାର ବିନ୍ଧାଣି, ଦୀପକ କୁମାର ବେହେରା, କୁମାରଜିତ ବେହେରା, ଦେବାଶିଷ ଦାସ, ସତ୍ୟରଂଜନ ପାତ୍ର, କେଶବ ରାଉତ, ସୁଚିତ୍ରା ପରିଡା ପ୍ରମୁଖ ବହୁ ଛାତ୍ରଛାତ୍ରୀ ସାମିଲ ହୋଇ ଦାବୀପତ୍ର ପ୍ରଦାନ କରିଥିଲେ ।

# ୫ମାସ ଦରମା ନପାଇ ଆତ୍ମା କର୍ମଚାରୀ ହନ୍ତସନ୍ତ

## କୃଷି ଅଧିକାରୀଙ୍କ ଜରିଆରେ ଜିଲ୍ଲାପାଳ ଓ ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ



ବାରିପଦା,୦୨/୦୯ (ନି.ପ୍ର): ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତି କରଣ ବିଭାଗ ଅଧିନରେ କାର୍ଯ୍ୟ କରୁଥିବା କୃଷି ଓ ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା) ପ୍ରଜେକ୍ଟରେ ମୟୁରଭଞ୍ଜ ଜିଲ୍ଲାର ୨୬ ଟି ବ୍ଲକରେ ୮୭ ଜଣ ଓ ଜିଲ୍ଲା କାର୍ଯ୍ୟାଳୟରେ ଜଣେ କର୍ମଚାରୀ ବିଗତ ୨୦୧୨ ରୁ କାର୍ଯ୍ୟ କରି ଆସୁଛନ୍ତି । ତେବେ ଦୀର୍ଘ ୫ ମାସ ହେଲା ଏହି ୮୮ ଜଣ କର୍ମଚାରୀ ଦରମା ପାଇ ନଥିବା ଅଭିଯୋଗ ହୋଇଅଛି । କରୋନା ପରିସ୍ଥିତିରେ ଦରମା ନମିଳିବା ଫଳରେ କର୍ମଚାରୀ ମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଏହି ପରିପ୍ରେକ୍ଷିରେ ଆଜି ସମସ୍ତ କର୍ମଚାରୀ ମାନେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ତଥା ଆତ୍ମାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହିତ ଏବାବଦରେ ବିଧିବଦ୍ଧ ଆଲୋଚନା କରିବା ସହିତ ତାଙ୍କ ଜରିଆରେ ବିଭାଗୀୟ ନିର୍ଦ୍ଦେଶକ ଓ ମୟୁରଭଞ୍ଜ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । କରୋନା ପରିସ୍ଥିତି ରେ ବାକି ଦରମା ତୁରନ୍ତ ପ୍ରଦାନ କରିବାକୁ କର୍ମଚାରୀ ମାନେ ଦାବି ଜଣାଇଛନ୍ତି । ସୂଚନା ଥାଉକି ଆତ୍ମାର କର୍ମଚାରୀ ମାନେ ଆତ୍ମା ପ୍ରଜେକ୍ଟ କାର୍ଯ୍ୟ ସହିତ ସରକାରଙ୍କ ଅନ୍ୟାନ୍ୟ ଲୋକାଭିମୁଖୀ କାର୍ଯ୍ୟକ୍ରମ ଯଥା କାଳିଆ, ବଳରାମ, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ଚାଷୀ ପଞ୍ଜିକରଣ, ଡିବିଟି, ପି.ଏମ. କିଶାନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଖାଦ୍ୟ ନିରାପତ୍ତା ମିଶନ, ପୂର୍ବ ଭାରତରେ ସବୁଜ ବିପ୍ଲବ, କୃଷକ ଓଡିଶା ଡାଟାବେସ ସହିତ ଅନ୍ୟାନ୍ୟ କାର୍ଯ୍ୟ ମଧ ସମ୍ପାଦନ କରୁଛନ୍ତି । ଏଭଳି ସ୍ଥିତିରେ କର୍ମଚାରୀ ମାନେ ୫ ମାସ ହେଲା ଦରମା ନପାଇବା ଦୂର୍ଭାଗ୍ୟ ଜନକ ବୋଲି ସାଧାରଣରେ ଆଲୋଚନା ହେଉଛି ।

# କରୋନାରେ ଦେଶରେ ଗତ ୨୪ ଘଂଟାରେ ୪୭,୦୯୨ ନୂଆ ମାମଲା

ନୂଆଦିଲ୍ଲୀ,୦୨/୦୯ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୪୭,୦୯୨ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୫୦୯ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ମୋଟ କରୋନା ସଂଖ୍ୟା ୩,୨୮,୫୭,୯୩୭ ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୩,୮୯,୫୮୩ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪,୩୯,୫୨୯ ଭଜଣ ମୃତ୍ୟୁ ବରଣ କରିଛନ୍ତି ।

# କରୋନା ମୁକାବିଲା ପାଇଁ ଏକଲ ଅଭିଯାନ ତରଫରୁ ଅକ୍ସିମିଟର ଓ ଥର୍ମୋଗନ୍ ବଣ୍ଟନ



ଉଦଳା,୦୨/୦୯ (ନି.ପ୍ର): କରୋନାକୁ ନେଇ ନାନା କଳ୍ପନା ଜଳ୍ପନା ଚାଲିଥିବା ବେଳେ ତୃତିୟ ଲହରର ଭୟାବହତାକୁ ଦୃଷ୍ଟିରେ ରଖି ସାବଧାନତା ଅବଲମ୍ବନ କରିବା ଜରୁରି ହୋଇ ପଡ଼ିଛି । ଏଥିପାଇଁ ଏକଲ ଅଭିଯାନ ତରଫରୁ ଉଦଳା ସଞ୍ଚରେ ନିଯୁକ୍ତ ଆଚାର୍ଯ୍ୟ / ଆଚାର୍ଯ୍ୟା ମାନଙ୍କୁ ଅକ୍ସିମିଟର ଓ ଥର୍ମୋଗନ ପ୍ରଦାନ କରାଯାଇଛି । ଏହି ଅବସରରେ ଉଦଳା ଅଞ୍ଚଳ ମହିଳା ସମିତି ଅଧକ୍ଷା ତଥା ଓଡ଼ିଶା ପୂର୍ବ ଭାଗର ମା' ସମାଜସେବୀ ପ୍ରମିଳା ପଣ୍ଡା, ସଞ୍ଚ କାର୍ଯ୍ୟାଳୟ ପ୍ରମୁଖ ସ୍ମୃତି ରଂଜନ ଶତପଥି, ସଞ୍ଚପ୍ରମୁଖ ଅଜୟ କୁମାର ବେହେରା ଯୋଗ ଦେଇ ଅକ୍ସିମିଟୀ ଏବଂ ଥର୍ମୋଗନ ବଣ୍ଟନ କରିବା ସହିତ ଏହାର ସଦ୍‌ଉପଯୋଗ କରି କିପରି କରୋନା ମହାମାରୀରୁ ନିଜକୁ ମୁକ୍ତ କରିବା ସହିତ ଗ୍ରାମବାସୀଙ୍କ ସେବାରେ ନିୟୋଜିତ ହୋଇପାରିବେ ସେ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଭାଗଅଭିଯାନ ପ୍ରମୁଖ ସୁକେଶ ବେହେରା ଯୋଗ ଦେଇ ଏ ସବୁର ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ । ବଳଭଦ୍ରପୁରର ଆଚାର୍ଯ୍ୟ ଆଶାମଣୀ ଦଳେଇ, ବଇଦାଳିର ନମିତା ସୋରେନ, ଘାଗରାଗଡ଼ିର ସରସ୍ୱତି ମୁର୍ମୁ, ଝରଣା ସାହିର ମାଳତୀଲତା ହେମ୍ବ୍ରମ, ଶିଦ୍ଧକାହ୍ନୁପୁରର କନକଲତା ସିଂ, ଗୋଠ ସାହିର ରିତାରାଣୀ ମହାନ୍ତ, ଆମ୍ବଡ଼ିହାର ମିରା ମହାନ୍ତ, ଜଗନ୍ନାଥିର ଶୁକୁମାରୀ ମୁର୍ମୁ, ଜାରାନଟାର ସେବତୀ ମୁର୍ମୁ, ବେଣୀପୁରର ନିରୁପମା ସାହୁଙ୍କୁ ଏହା ପ୍ରଦାନ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଅଞ୍ଚଳ ଅଭିଯାନ ପ୍ରମୁଖ ମହେନ୍ଦ୍ର ମାର୍ଣ୍ଡି, ପ୍ରାଥମିକ ଶିକ୍ଷା ପ୍ରମୁଖ ବେଣୁଧର କଣ୍ଡାବାଉଁଶିଆ, ଗତିବିଧିପ୍ରମୁଖ ଗୌର ଜେନା ଉପସ୍ଥିତ ଥିଲେ । ଶେଷରେ ସଞ୍ଚ ପ୍ରମୁଖ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo